## ଅଲ୍ଲାଃତାଲାଙ୍କ ବାଣୀ

وَاَتِمُّوا الْحَجَّ
وَالْعُمْرَةَ لِلّٰهِ

(197: سورة البقرة)

ଅନୁବାଦ - ଏବଂ ଅଲ୍ଲାଃଙ୍କ (ସନ୍ତୋଷ) ପାଇଁ ହଜ୍ ଓ ଉମ୍ରା ପାଳନ କର ।


بِسۡمِ اللّٰهِ الرَّحۡمٰنِ الرَّحِيۡمِ    نَحۡمَدُهٗ وَنُصَلِّيۡ عَلٰى رَسُوۡلِهِ الۡكَرِيۡمِ    وَعَلٰى عَبۡدِهِ الۡمَسِيۡحِ الۡمَوۡعُوۡدِ

وَلَقَدۡ نَصَرَكُمُ اللّٰهُ بِبَدۡرٍ وَّاَنۡتُمۡ اَذِلَّةٌ

ଖଣ୍ଡ 3

ସଂଖ୍ୟା 23

ସାପ୍ତାହିକ

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

07 ଜୁନ୍ 2018    07 ଏହ୍‌ସାନ୍ 1397 ହି.ଶ    22 ରମ୍‌ଜାନ୍ 1439 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି ।     (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

**ବଡ଼ ହୋଇ ଛୋଟମାନଙ୍କ ଉପରେ ଦୟାକର, ତିରସ୍କାର କରନାହିଁ ଓ ଜ୍ଞାନୀ ହୋଇ ଅଜ୍ଞାନମାନଙ୍କୁ ଉପଦେଶ ଦିଅ । ନିଜର ବଡ଼ପଣିଆ ଦେଖାଇ ସେମାନଙ୍କୁ ଅପମାନିତ କରନାହିଁ ଓ ଧନୀ ହୋଇ ଗରିବମାନଙ୍କ ସେବା କର । ଆତ୍ମବଡ଼ିମା ଦେଖାଇ ତାଙ୍କ ଉପରେ ଗର୍ବ କରନାହିଁ ।**

**ତୁମେ ଆପୋଷରେ ଶିଘ୍ର ସୁଲାହ୍ (ସନ୍ଧି) କର ଓ ନିଜ ଭାଇମାନଙ୍କ ଗୁନାହ୍ (ଭୁଲ୍) କୁ କ୍ଷମା କର । କାରଣ ସେ ବ୍ୟକ୍ତି ହେଉଛି ଖଳ, ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବା ପାଇଁ ରାଜି ହେଉନାହିଁ । ସେ କଟାଯିବ । (କାରଣ) ସେ ବିଭେଦ ସୃଷ୍ଟି କରୁଛି । ତୁମେ ନିଜ ଅହଂଭାବକୁ ପ୍ରତ୍ୟେକ କ୍ଷେତ୍ରରେ ପରିତ୍ୟାଗ କର ଓ ଆପୋଷରେ ଥିବା ଦ୍ୱେଷ ଭାବକୁ ଭୁଲିଯାଓ । ସତ୍ୟବାଦୀ ହୋଇ ମିଥ୍ୟାବାଦୀଙ୍କ ପରି ବିନମ୍ରତା ଆଚରଣ କର, ଯାହା ଫଳରେ ତୁମେ କ୍ଷମା ପାଇଯିବ ।**

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

କରୁଣାର ନିଦର୍ଶନ ଦେଖାଇବା ହେଉଛି ଇଶ୍ୱରଙ୍କ ପୂର୍ବରୁ ଚାଲିଆସିଥିବା ଅଭ୍ୟାସ, କିନ୍ତୁ ତୁମେ ସେତେବେଳେ ଏହି ଅଭ୍ୟାସର ଅଂଶବିଶେଷ ହୋଇପାରିବ ଯେତେବେଳେ ତୁମ ଭିତରେ ଓ ତା ଭିତରେ କୌଣସି ଅନ୍ତର ନ ରହିବ ଓ ତୁମର ଇଛା ଓ ତା ଇଛା ଓ ତୁମର ଅଭିଳାଷ, ତା ଅଭିଳାଷ ହୋଇଯିବ । ସବୁ ସମୟରେ ଓ ପ୍ରତ୍ୟେକ ପରିସ୍ଥିତିରେ, ତାହା ସଫଳତା ସମୟରେ ହେଉ ବା ଅସଫଳ ସମୟରେ ହେଉ, ତୁମର ମସ୍ତକ ତା ଦରବାରରେ ପଡ଼ିରହୁ । ଯଦ୍ୱାରା (ସେ) ଯାହା ଚାହିଁବ ତାହା କରିବ । ଯଦି ତୁମେ ଏପରି କରିବ ତେବେ ତୁମ ଭିତରେ ଏପରି ଇଶ୍ୱର ପ୍ରକାଶ ହେବେ ଯିଏ ବହୁ କାଳରୁ ନିଜର ଚେହେରାକୁ ଲୁକ୍କାୟିତ ରଖିଛନ୍ତି । କଣ କିଏ ତୁମ ଭିତରେ ଅଛି, ଯିଏ ଏହା ଉପରେ ଅମଲ କରିବ ଏବଂ ତା ସାନିଧ୍ୟକୁ ଲୋଡିବ ଓ ତା କଜା ଓ କଦର୍ (ଇଶ୍ୱରୀୟ ନିର୍ଣ୍ଣୟ) ରେ ନାରାଜ ହେବନାହିଁ । ତେଣୁ ତୁମେ ବିପତିକୁ ଦେଖି ଆଗକୁ ପାଦ ରଖ । ଏହା ତୁମ ଉନ୍ନତିର ଜରିଆ ଅଟେ ଓ ତା ଏକେଶ୍ୱରବାଦ ପୃଥିବୀରେ ପ୍ରସାର କରିବା ନିମନ୍ତେ ନିଜର ସମସ୍ତ ଶକ୍ତି ବିନିଯୋଗ କରି ଚେଷ୍ଟା କର । ତା ଭକ୍ତଙ୍କ ଉପରେ ଦୟା କର ଓ ତାଙ୍କୁ ନା ତ ମୁହଁ ଦ୍ୱାରା ଓ ନା ହାତଦ୍ୱାରା ଓ ନା ଅନ୍ୟ କୌଣସି ଉପାୟରେ ଅତ୍ୟାଚାର କର । ମଖ୍‌ଲୁକ୍ (ଅଲ୍ଲାଃଙ୍କ ସୃଷ୍ଟଜ) ଙ୍କ ମଙ୍ଗଳପାଇଁ ଚେଷ୍ଟା କରିଚାଲ ଓ କାହା ଉପରେ ଗର୍ବ କରନାହିଁ, ସେ ନିଜ ଅଧିନସ୍ଥ ହେଉପଛେ । କାହାରିକୁ ଗାଳି ଦିଅନାହିଁ ସେ (ତୁମକୁ) ଗାଳି ଦେଉପଛେ । ଗରିବ, ଉଦାରଚିତ, ସଦାଚାରୀ ଓ ମଖ୍‌ଲୁକ୍‌ଙ୍କୁ ସହାନୁଭୁତି ଦେଖାଓ । ଫଳତଃ ଗ୍ରହଣୀୟ ହେବ । ଅନେକ ଅଛନ୍ତି ଯିଏ ଉଦାର ମନୋଭାବ ପୋଷଣ କରୁଛନ୍ତି କିନ୍ତୁ (ବାସ୍ତବରେ) ସେ ଭିତରୁ ଗଧିଆ ସଦୃଶ । ଅନେକ ଅଛନ୍ତି ଯେଉଁମାନେ ଉପରୁ ସଫା କିନ୍ତୁ ଭିତରୁ ସାପ ସଦୃଶ । ତେଣୁ ତୁମେ ସେପର୍ଯ୍ୟନ୍ତ ତା ନିକଟରେ ଗ୍ରହଣୀୟ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ତୁମର ଆଭ୍ୟନ୍ତରଣ ଓ ବାହ୍ୟ ଏକ ନହୋଇଛି । ବଡ଼ ହୋଇ ଛୋଟମାନଙ୍କ ଉପରେ ଦୟାକର, ତିରସ୍କାର କରନାହିଁ ଓ ଜ୍ଞାନୀ ହୋଇ ଅଜ୍ଞାନମାନଙ୍କୁ ଉପଦେଶ ଦିଅ । ନିଜର ବଡ଼ପଣିଆ ଦେଖାଇ ସେମାନଙ୍କୁ ଅପମାନିତ କରନାହିଁ ଓ ଧନୀ ହୋଇ ଗରିବମାନଙ୍କ ସେବା କର । ଆତ୍ମବଡ଼ିମା ଦେଖାଇ ତାଙ୍କ ଉପରେ ଗର୍ବ କରନାହିଁ । ବିନିଷ୍ଟ ହେବାର ପଥକୁ ଡର । ଇଶ୍ୱରଙ୍କୁ ଭୟ କରୁଥାଓ ଓ ତକ୍‌ୱା (ନିଷ୍ଠାଭାବ) ଗ୍ରହଣ କର ଓ ମଖ୍‌ଲୁକ୍‌ଙ୍କ ଉପାସନା କରନାହିଁ । ନିଜ ମୌଲା (ବାସ୍ତବିକ ବନ୍ଧୁ ଅର୍ଥାତ୍ ଇଶ୍ୱର)ଙ୍କ ପ୍ରତି ଢ଼ଳିଯାଓ ଓ ସାଂସାରିକ ମାୟା ମୋହରେ ମନକୁ ଲଗାଓନାହିଁ ଓ କେବଳ ତାଙ୍କର ହିଁ ହୋଇଯାଓ ଓ ତାଙ୍କ ପାଇଁ ହିଁ ଜୀବନ ବିତାଓ ଓ ତାଙ୍କ ପାଇଁ ସମସ୍ତ ଅପବିତ୍ରତା ଓ ପାପକୁ ଘୃଣା କର । କାରଣ ସେ ହେଉଛନ୍ତି ପବିତ୍ର । ଓ ଏପରି ହେବା ଉଚିତ୍ କି, ପ୍ରତ୍ୟେକ ସକାଳ ତୁମପାଇଁ ଏ ସାକ୍ଷୀ ଦେଉ ଯେପରିକି ତୁମେ ତକ୍‌ୱା (ଧର୍ମପରାୟଣତା)ର ସହିତ ରାତ୍ରିଜାପନ କରିଛ ଓ ପ୍ରତ୍ୟେକ ସନ୍ଧ୍ୟା ତୁମପାଇଁ ଏ ସାକ୍ଷୀ ଦେଉ କି ତୁମେ ଭୟର ସହିତ ଦିନ ବିତାଇଛ । ସାଂସାରିକ ଅଭିଷାପକୁ ଭୟ କରନାହିଁ । ତାହା ଧୁଆଁପରି ଦେଖୁଦେଖୁ ଅଦୃଶ୍ୟ ହୋଇଯାଏ ଓ ତାହା ଦିନକୁ ରାତି କରିପାରେ ନାହିଁ । ବରଂ ତୁମେ ଅଲ୍ଲାଃଙ୍କ ଅଭିଷାପକୁ ଭୟ କର, ଯାହା ଆକାଶରୁ ପଡ଼ିଥାଏ ଓ ଯାହା ଉପରେ ପଡ଼େ ତାର ଦୁଇଟାଯାକ ସଂସାର (ଅର୍ଥାତ୍ ଇହକାଳ ଓ ପରକାଳ) କୁ ନିଃଶେଷ କରିଦିଏ । ତୁମେ ପାଖଣ୍ଡି ହୋଇ ନିଜକୁ ବଂଚାଇ ପାରିବ ନାହିଁ । କାରଣ ସେହି ଇଶ୍ୱର ଯିଏ (ବାସ୍ତବରେ) ତୁମର ଇଶ୍ୱର ଅଟନ୍ତି ତାର ଦୃଷ୍ଟି ମନୁଷ୍ୟର ପାତାଳ (ଅନ୍ତର) ପର୍ଯ୍ୟନ୍ତ ରହିଛି । ତୁମେ କଣ ତାକୁ ଧୋକା ଦେଇପାରିବ । ତେଣୁ ତୁମେ ସିଧା ହୋଇଯାଓ, ସଫା ହୋଇଯାଓ, ପବିତ୍ର ହୋଇଯାଓ ଓ ସ୍ୱଚ୍ଛ ହୋଇଯାଓ । ଯଦି ଅଣୁମାତ୍ରାରେ କାଳିମା ତୁମ ଭିତରେ ବାକି ରହିଛି ତେବେ ସେ ତୁମର ସମସ୍ତ ଆଲୋକକୁ ଦୂର କରିଦେବ । ଯଦି ତୁମର କୌଣସି ପାର୍ଶ୍ୱରେ ଗର୍ବ ବା ପାଖଣ୍ଡତା ବା ଅହଂଭାବ ବା ଅବହେଳା ରହିଛି ତେବେ ତୁମେ ଏପରି ବସ୍ତୁ ନୁହଁ ଯିଏ ଗ୍ରହଣ ହେବାର ଯୋଗ୍ୟ । ଏପରି ନହେଉ କି ତୁମେ କେବଳ କିଛି କଥାକୁ ନେଇ ନିଜକୁ ଧୋକା ଦିଅ କି ଯାହା କିଛି କରିବାର ଥିଲା ଆମେ କରିସାରିଛୁ ବୋଲି । କାରଣ ଇଶ୍ୱର ଚାହୁଁଛନ୍ତି କି ତୁମ ଅସ୍ତିତ୍ୱରେ ସମ୍ପୂର୍ଣ୍ଣ ରୂପେ ପରିବର୍ତନ ଆସୁ ଓ ସେ ତୁମ ନିକଟରୁ ଏକ (ପ୍ରକାରର) ମୃତ୍ୟୁ ଚାହୁଁଛି, ଯାହପରେ ସେ ତୁମକୁ ଜୀବିତ କରିବ । ତେଣୁ ତୁମେ ଆପୋଷରେ ଶିଘ୍ର ସୁଲାହ୍ (ସନ୍ଧି) କର ଓ ନିଜ ଭାଇମାନଙ୍କ ଗୁନାହ୍ (ଭୁଲ୍) କୁ କ୍ଷମା କର । କାରଣ ସେ ବ୍ୟକ୍ତି ହେଉଛି ଖଳ, ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବା ପାଇଁ ରାଜି ହେଉନାହିଁ । ସେ କଟାଯିବ । (କାରଣ) ସେ ବିଭେଦ ସୃଷ୍ଟି କରୁଛି । ତୁମେ ନିଜ ଅହଂଭାବକୁ ପ୍ରତ୍ୟେକ କ୍ଷେତ୍ରରେ ପରିତ୍ୟାଗ କର ଓ ଆପୋଷରେ ଥିବା ଦ୍ୱେଷ ଭାବକୁ ଭୁଲିଯାଓ । ସତ୍ୟବାଦୀ ହୋଇ ମିଥ୍ୟାବାଦୀଙ୍କ ପରି ବିନମ୍ରତା ଆଚରଣ କର, ଯାହା ଫଳରେ ତୁମେ କ୍ଷମା ପାଇଯିବ । ସ୍ୱାର୍ଥପରତାର ସ୍ଥୁଳତାକୁ ପରିତ୍ୟାଗ କର କାରଣ ଯେଉଁ ଦ୍ୱାର ଦେଇ ତୁମକୁ ଯିବାକୁ ହେବ ସେଥିରେ ଜଣେ ସ୍ଥୁଳ ବ୍ୟକ୍ତି ପ୍ରବେଶ କରିପାରିବ ନାହିଁ । କେଡେ ଅଭାଗା ହେଉଛି ସେ ବ୍ୟକ୍ତି ଯିଏ ଉପରୋକ୍ତ କଥାକୁ ମାନୁନାହିଁ, ଯାହା ଇଶ୍ୱରଙ୍କ ମୁଖରୁ ବାହାରିଛି ଓ ମୁଁ ତାହା ବର୍ଣ୍ଣନା କଲି । ତୁମେ ଯଦି ଚାହୁଁଛ କି ସ୍ୱର୍ଗରେ ଇଶ୍ୱର ତୁମ ଉପରେ ପ୍ରସନ୍ନ ହୋଇଯାଆନ୍ତୁ ବୋଲି ତେବେ ତୁମେ ନିଜ ଭିତରେ ଏପରି ଏକ ହୋଇଯାଓ ଯେପରି ଗୋଟିଏ (ମା) ପେଟର ଦୁଇଭାଇ । ତୁମ ମଧରେ ଅଧିକା ବୁଜ୍‌ରୁଗ୍ (ବିଶ୍ୱସନୀୟ/ସମ୍ମାନୀୟ) ସେ ଯିଏ ଅଧିକା ତା ଭାଇକୁ କ୍ଷମା କରିଥାଏ ଓ ଅଭାଗା ହେଉଛି ସେ ଯିଏ ଜିଦି କରେ ଓ କ୍ଷମା କରେନାହିଁ । ତେଣୁ ମୋ ସହିତ ତାର (କୌଣସି) ସମ୍ପର୍କ ନାହିଁ । ଇଶ୍ୱରଙ୍କ ଅଭିଷାପକୁ ବହୁତ ଭୟ କର । ସେ କୁଦୁସ୍ (ପବିତ୍ର) ଓ ଗୟୁର୍ (ସ୍ୱାଭିମାନୀ) ଅଟନ୍ତି । ଖଳ ବ୍ୟକ୍ତି ଇଶ୍ୱରଙ୍କ ସାନିଧ ହାସଲ କରିପାରିବ ନାହିଁ । ଅହଂକାରୀ ତାର ସାନିଧ ହାସଲ କରିପାରିବ ନାହିଁ । ଅତ୍ୟାଚାରୀ ତାର ସାନିଧ ହାସଲ କରିପାରିବ ନାହିଁ । ଖାଏନ୍ (ଯିଏ ବିଶ୍ୱାସ ଭଙ୍ଗ କରେ) ତା ସାନିଧ ହାସଲ କରିପାରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଯିଏ ତା ନାମ ପାଇଁ ସ୍ୱାଭିମାନୀ ନୁହେଁ, ସେ ତା ସାନିଧ ହାସଲ କରିପାରିବ ନାହିଁ ଓ ଯେଉଁମାନେ ସଂସାର ଉପରେ କୁକୁର ବା ପିମ୍ପୁଡି ବା ଗିର୍ଦ୍ଧିନୀଙ୍କ ପରି ପଡୁଛନ୍ତି ଏବଂ ସଂସାରର ସୁଖ ଚାହୁଁଛନ୍ତି ସେ ତା ସାନିଧ ହାସଲ କରିପାରିବ ନାହିଁ । ପ୍ରତ୍ୟେକ ଅପବିତ୍ର ଆଖି ତା ଠାରୁ ଦୂରରେ ପ୍ରତ୍ୟେକ ଅପବିତ୍ର ହୃଦୟ ତାକୁ ଜାଣେନାହିଁ । ଯିଏ ତା ପାଇଁ ନିଆଁରେ ପଡିଛି ତାକୁ ନର୍କରୁ ମୁକ୍ତି ଦିଆଯିବ । ଯିଏ ତା ପାଇଁ କାନ୍ଦୁଛି ସେ ହସିବ । ଯିଏ ତା ପାଇଁ ସଂସାରକୁ ଛାଡୁଛି ତାହା ତାକୁ ମିଳିବ । ତୁମେ ସହୃଦୟତାର ସହିତ ଓ ସମ୍ପୂର୍ଣ୍ଣ ସତ୍ୟବାଦୀ, ଉତ୍ସାହିତ ହୋଇ ଇଶ୍ୱରଙ୍କ ବନ୍ଧୁ ହୋଇଯାଓ । ଯଦ୍ୱାରା ସେ ମଧ ତୁମର ବନ୍ଧୁ ହୋଇଯାଆନ୍ତୁ । ତୁମେ ଅଧିନସ୍ଥ ଲୋକଙ୍କ ଉପରେ, ନିଜ ସ୍ତ୍ରୀ ମାନଙ୍କ ଉପରେ ଓ ନିଜ ଗରିବ ଭାଇମାନଙ୍କ ଉପରେ ଦୟା ଆଚରଣ କର, ଯଦ୍ୱାରା ସ୍ୱର୍ଗରେ ତୁମ ଉପରେ ମଧ ଦୟା କରାଯିବ । ତୁମେ ବାସ୍ତବରେ ତାର ହୋଇଯାଓ, ଯଦ୍ୱାରା ସେ ମଧ ତୁମର ହୋଇଯିବେ ।     (ରୁହାନି ଖଜାଏନ୍, ଖଣ୍ଡ-୧୯, କଶ୍‌ତିନୁହ୍, ପୃଷ୍ଠା-୧୧)

### ୧୨୪ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୪ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୮ ମସିହା ଡିସେମ୍ବର ତା-୨୮,୨୯,୩୦ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି (ଐଶ୍ୱରିକ)ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ ।     (ନାଜର୍ ଇସ୍‌ଲାହ ୱ ଇରଶାଦ୍ ମର୍କଜିଆ କାଦିଆନ୍)


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## ପବିତ୍ର ରମ୍‌ଜାନ୍ ମାସ ସହିତ ତେହ୍‌ରିକ୍ ଯଦିଦ୍‌ର ଗଭୀର ସମ୍ପର୍କ

ତେହ୍‌ରିକ୍ ଯଦିଦ୍‌ର ପ୍ରତିଷ୍ଠାତା ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ପବିତ୍ର ରମ୍‌ଜାନ୍ ମାସ ସହିତ ତେହ୍‌ରିକ୍ ଯଦିଦ୍‌ର ଗଭୀର ସମ୍ପର୍କ ବିଷୟରେ ଆଲୋକପାତ କରି କହୁଛନ୍ତି:-

''ଯଦି ତୁମେ ରମ୍‌ଜାନ୍‌ରୁ ଲାଭ ଉଠାଇବାକୁ ଚାହୁଁଛ ତେବେ ତେହ୍‌ରିକ୍ ଯଦିଦ୍ ଉପରେ ଅମଳ କର ଓ ଯଦି ତେହ୍‌ରିକ୍ ଯଦିଦ୍‌କୁ ଲାଭ ପହଂଚାଇବାକୁ ଚାହୁଁଛ ତେବେ ରୋଜାରୁ ସଠିକ୍ ଲାଭ ଉଠାଓ । ତେହ୍‌ରିକ୍ ଯଦିଦ୍ ଏହା ହେଉଛି କି ସରଳ ଜୀବନଯାପନ କର ଓ ପରିଶ୍ରମ ଓ କୁର୍ବାନୀ କରିବା ପାଇଁ ନିଜକୁ ଅଭ୍ୟାସରେ ପକାଓ । ଏହି ଶିକ୍ଷା ତୁମକୁ ରମ୍‌ଜାନ୍ ଶିଖାଇବା ପାଇଁ ଆସିଛି । ତେଣୁ ଯେଉଁ ଉଦ୍ଦେଶ୍ୟ ନିମନ୍ତେ ରମ୍‌ଜାନ୍ ଆସିଛି ସେହି ଉଦ୍ଦେଶ୍ୟକୁ ହାସଲ କରିବା ନିମନ୍ତେ ପ୍ରାଣପଣେ ଚେଷ୍ଟା କର.... ପ୍ରତ୍ୟେକ ବ୍ୟକ୍ତିକୁ ଏ ଚେଷ୍ଟା କରିବା ଉଚିତ୍ ହେବ କି ତାର ରମ୍‌ଜାନ୍ ତେହ୍‌ରିକ୍ ଯଦିଦ୍ ଭଳି ହେଉ ଓ ତେହ୍‌ରିକ୍ ଯଦିଦ୍ ରମ୍‌ଜାନ୍ ଭଳି ହେଉ । ରମ୍‌ଜାନ୍ ଆମ ଅହଂକୁ ମାରିବାବାଲା ହେଉ ଓ ତେହ୍‌ରିକ୍ ଯଦିଦ୍ ଆମ ଆତ୍ମାକୁ ସତେଜତା ପ୍ରଦାନକାରୀ ହେଉ । ତେଣୁ ଯେବେ ମୁଁ କହିଲି କି ରମ୍‌ଜାନ୍‌ରୁ ଲାଭ ଉଠାଓ ତେବେ ବାସ୍ତବରେ ମୁଁ ତୁମକୁ ଏହା ବୁଝାଇଲି କି ତୁମେ ତେହ୍‌ରିକ୍ ଯଦିଦ୍‌ର ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ରମ୍‌ଜାନ୍ ଦୃଷ୍ଟିକୋଣରେ ବୁଝ । ଯେବେ ମୁଁ କହିଲି କି ତେହ୍‌ରିକ୍ ଯଦିଦ୍ ପ୍ରତି ଧ୍ୟାନ ଦିଅ ବୋଲି ତ ଅନ୍ୟ ଶବ୍ଦରେ ମୁଁ ତୁମକୁ ଏହା କହଲି କି ତୁମେ ପ୍ରତ୍ୟେକ ଅବସ୍ଥାରେ ରମ୍‌ଜାନ୍‌ର ସ୍ଥିତିକୁ ନିଜ ଉପରେ ଜାରି ରଖ ଓ ସଠିକ୍ କୁର୍ବାନୀ ଓ ଲଗାତାର କୁର୍ବାନୀ କରିବା ପାଇଁ ନିଜ ଭିତରେ ଅଭ୍ୟାସ ପକାଓ । ଯେଉଁ ରମ୍‌ଜାନ୍ ସଚ୍ଚା କୁର୍ବାନୀ ବିନା ବିତିଯାଏ ତାହାର ରମ୍‌ଜାନ୍ ନୁହେଁ । ଯେଉଁ ତେହ୍‌ରିକ୍ ଯଦିଦ୍ ଆତ୍ମାକୁ ସତେଜତା ନଦେଇ ଚାଲିଯାଏ ତାହା ତେହ୍‌ରିକ୍ ଯଦିଦ୍ ନୁହେଁ'' ।

*(ଖୁତ୍‌ବାଜୁମା ପ୍ରଦତ ୪ ନଭେମ୍ବର୍ ୧୯୩୮)*

ହଜୁର୍ ର:ଅ କହୁଛନ୍ତି:- ''ରମ୍‌ଜାନ୍‌ର ଯେଉଁ ଶେଷ ଅଶ୍‌ରାଃ (ଶେଷ ଦଶଦିନ) ଆସିବାକୁ ଅଛି ତାକୁ ତେହ୍‌ରିକ୍ ଯଦିଦ୍ ବାବଦରେ ପୂର୍ବରୁ କରିଥିବା କୁର୍ବାନୀ ନିମନ୍ତେ କୃତଜ୍ଞତା ଜ୍ଞାପନ ଓ ଆସନ୍ତାକୁ ଶକ୍ତି ହାସଲ କରିବା ପାଇଁ ଖର୍ଚ୍ଚ କର । ଯେଉଁମାନଙ୍କୁ ବିଗତ ବର୍ଷ ଗୁଡିକରେ କୁର୍ବାନୀ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି ସେମାନେ ସେଥିପାଇଁ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରନ୍ତୁ । ପ୍ରତ୍ୟେକ ପ୍ରାର୍ଥନାକାରୀ ଅଲ୍ଲାଃଙ୍କ ନିକଟରେ କୁର୍ବାନୀ କରିଥିବା ପ୍ରତ୍ୟେକ ଲୋକମାନଙ୍କ ନିମନ୍ତେ ଏ ପ୍ରାର୍ଥନା କରନ୍ତୁ କି ସେ ଦୀନ୍(ଧର୍ମ)ର ବୈଭବ ଓ ଦୃଢ଼ତା ନିମନ୍ତେ ଯେଉଁ କୁର୍ବାନୀ ଦେଇଛନ୍ତି ସେଥିଯୋଗୁ ଅଲ୍ଲାଃତାଲା ତାଙ୍କ ଉପରେ ନିଜର କରୁଣା ଓ ଦୟା ଅବତୀର୍ଣ୍ଣ କରନ୍ତୁ ଓ ଯେଉଁ ପ୍ରେମ ଓ ନିଷ୍ଠା ମୁତାବକ ସେ ଇଶ୍ୱରଙ୍କ ମାର୍ଗରେ କୁର୍ବାନୀ କରିଥିଲା ତାଙ୍କ ପାଇଁ ନିଜର ପ୍ରେମ ଓ ବର୍‌କତ୍ ଅବତୀର୍ଣ୍ଣ କରନ୍ତୁ । ଆମିନ୍''

*(ଅଲ୍‌ଫଜଲ୍ ୧୫ ନଭେମ୍ବର୍ ୧୯୩୮, ପୃଷ୍ଠା ନଂ-୪)*

ଜମାତ୍‌ର ନିଷ୍ଠାବାନ୍ ଲୋକମାନଙ୍କର ପ୍ରାରମ୍ଭରୁ ଏ ଅଭ୍ୟାସ ରହିଛି କି ସେମାନେ ସର୍ବଦା ରମ୍‌ଜାନ୍ ମାସର ମଝାମଝି ଭିତରେ ନିଜର ତେହ୍‌ରିକ୍ ଯଦିଦ୍ ଚାନ୍ଦାକୁ ଶତ ପ୍ରତିଶତ ପଇଠ କରି ଅଲ୍ଲାଃତାଲାଙ୍କ ଦୟା, କୃପା ଓ ବର୍‌କତ୍‌କୁ ଗ୍ରହଣ କରିବା ପାଇଁ ଚେଷ୍ଟା କରିଥାନ୍ତି । ସୁତରାଂ ଜମାତ୍‌ର ଲୋକମାନଙ୍କ ନିକଟରେ ଏ ଦରଖାସ୍ତ କରାଯାଉଛି କି ୨୦ ରମ୍‌ଜାନ୍ ଅର୍ଥାତ୍ ୫ ଜୁନ୍ ପର୍ଯ୍ୟନ୍ତ ନିଜର ଓ ଲୋକମାନଙ୍କର ସମ୍ପୂର୍ଣ୍ଣ ଚାନ୍ଦା ପଇଠ କରି ହଜୁର୍ ଅନୁୱର୍ ଅ:ବ:ଅଙ୍କ ଗ୍ରହଣୀୟ ଦୁଆରୁ ଅଧିକରୁ ଅଧିକ ଅଂଶ ପାଇବାର ସୌଭାଗ୍ୟ ପ୍ରାପ୍ତ କରନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହା ଅଧିକରୁ ଅଧିକ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

(ୱକିଲୁଲ୍ ମାଲ୍ ତେହ୍‌ରିକ୍ ଯଦିଦ୍, କାଦିଆନ୍)

## ସଦକତୁଲ୍ ଫିତର୍ ପ୍ରଦାନ କରିବା

ଅଲ୍‌ହମ୍‌ଦୋଲିଲ୍ଲାଃ ପବିତ୍ର ରମ୍‌ଜାନ୍‌ର ବାବର୍‌କତ୍ ମାସଟି ମଇ ମାସ ଦ୍ୱିତୀୟ ଅଶ୍‌ରାଃରୁ ଆରମ୍ଭ ହୋଇସାରିଛି । ଇସ୍‌ଲାମ୍‌ରେ ଫିତ୍‌ରାନା ପଇଠ କରିବା ନିମନ୍ତେ ଏକ *ସାଅା* ଅନ୍ନ (ଯାହା ପାଖାପାଖି ୨କି.ଗ୍ରା ୭୫୦ଗ୍ରାମ୍ ସହିତ ସମାନ) ର ଶର୍‌ହ୍ (ମାପ) ନିର୍ଦ୍ଧାରିତ ହୋଇଛି । ଜମାତ୍‌ର ଲୋକମାନେ ସମ୍ପୂର୍ଣ୍ଣ ଶର୍‌ହ୍‌ରେ ରମ୍‌ଜାନ୍‌ର ପ୍ରଥମ ବା ଦ୍ୱିତୀୟ ଅଶ୍‌ରାଃ ମଧ୍ୟରେ ସଦକତୁଲ୍ ଫିତର୍ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ । ଯେହେତୁ ହିନ୍ଦୁସ୍ତାନ୍‌ର ବିଭିନ୍ନ ପ୍ରଦେଶରେ ଅନ୍ନ (ଗହମ, ଚାଉଳ) ର ଶର୍‌ହ୍ ମୂଲ୍ୟ ଭିନ୍ନ ଭିନ୍ନ ରହିଛି ତେଣୁ ନିଜ ସ୍ଥାନୀୟ ମୂଲ୍ୟ ମୁତାବକ ଧାର୍ଯ୍ୟ ଶର୍‌ହ୍ (୨କି. ୭୫୦ ଗ୍ରା. ଅନ୍ନ) ମୁତାବକ ଫିତ୍‌ରାନାର ଅର୍ଥ ପଇଠ କରନ୍ତୁ ।

ପଞ୍ଜାବ ପାଇଁ ଏବର୍ଷ ସଦକତୁଲ୍ ଫିତର୍ ମୁଣ୍ଡପିଛା ୫୨ ଟଙ୍କା ଧାର୍ଯ୍ୟ କରାଯାଇଛି । ସ୍ଥାନୀୟ ଜମାତ୍‌ରେ ଗରିବ ଓ ଅଭାବୀ ଲୋକେ ଥିଲେ ସଦ୍‌କତୁଲ୍ ଫିତର୍‌ର ମୋଟ ଅର୍ଥର ୯୦ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ମଜ୍‌ଲିସ୍ ଆମେଲାର ପରାମର୍ଶ ଓ ନିଷ୍ପତି ପରେ ବଂଟାଯାଇପାରିବ । ବାକି ବଂଚିଥିବା ଅର୍ଥ ମର୍କଜରେ ଜମା କରିବାକୁ ହେବ । ଯେଉଁ ଜମାତ୍‌ରେ ଗରିବ ଓ ଅଭାବି ଲୋକେ ନଥିବେ ସେହି ଜମାତ୍‌ର ୱସୁଲ୍ ହୋଇଥିବା ସମସ୍ତ ଅର୍ଥ ସଦର୍ ଅଞ୍ଜୁମାନ ଅହେମଦୀୟାର ଜମାତି ଆକାଉଂଟ୍‌ରେ ଆସିବା ଦରକାର । ସ୍ପଷ୍ଟ ହେଉଛି ଫିତ୍‌ରାନାର ଅର୍ଥ ମସ୍‌ଜିଦ୍ ଇତ୍ୟାଦି କାର୍ଯ୍ୟର ଆବଶ୍ୟକତା ନିମନ୍ତେ ଖର୍ଚ୍ଚ କରିବାର ଅନୁମତି ନାହିଁ ।

## ଇଦ୍ ଫଣ୍ଡ୍

ଏହି ଚାନ୍ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରୁ ନିର୍ଦ୍ଧାରିତ ହୋଇଛି । ଏହି ଫଣ୍ଡ୍‌ର ଉଦ୍ଦେଶ୍ୟ ଏହା ଥିଲା କି ଯେଉଁଠି ଖୁସି ଅବସରରେ ମନୁଷ୍ୟ ନିଜ ଖୁସିପାଇଁ ବସ୍ତ୍ର, ଖାଦ୍ୟ ଓ ନିମନ୍ତ୍ରଣ ଇତ୍ୟାଦିରେ ବିଭିନ୍ନ ପ୍ରକାରର ଖର୍ଚ୍ଚ କରିଥାଏ, ଅନ୍ୟମାନଙ୍କୁ ଉପହାର ମଧ୍ୟ ଦେଇଥାଏ ସେଠାରେ ଏହି ଖୁସିରେ ଦୀନ୍‌ର ଆବଶ୍ୟକତାକୁ ମଧ୍ୟ ମନେରଖୁ । ଅହେମଦୀମାନେ ବୟତ ସମୟରେ ଏ ପ୍ରତିଜ୍ଞା କରିଛନ୍ତି କି ସେମାନେ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବେ । ତେଣୁ ପ୍ରତ୍ୟେକ ଅହେମଦୀଙ୍କ ଠାରୁ ଏ ଆଶା କରାଯାଉଛି କି ସେ ଖୁସିର ଏହି ଉତ୍ସବରେ ଦୀନ୍‌ର ଆବଶ୍ୟକତାକୁ ନିଶ୍ଚିତ ରୂପେ ମନେରଖିବେ । ଏହି ଉଦ୍ଦେଶ୍ୟ ନିମନ୍ତେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରେ ପ୍ରତ୍ୟେକ ରୋଜଗାର କରୁଥିବା ଅହେମଦୀ ମୁଣ୍ଡ ପିଛା ୧ ଟଙ୍କା ଇଦ୍ ଫଣ୍ଡ୍ ବାବଦକୁ ଦେଉଥିଲେ । ଏବେ ଯେବେ କି ଗୋଟିଏ ଟଙ୍କାର କୌଣସି ମୂଲ୍ୟ ନାହିଁ । ତେଣୁ ଏହାକୁ ଗୋଟିଏ ଟଙ୍କାରେ ସିମୀତ ରଖିବା ପରିବର୍ତେ ନିଜର ସାମର୍ଥ୍ୟ ମୁତାବକ ପଇଠ କରନ୍ତୁ । ପ୍ରସ୍ତାବ ରହିଛି କି ଇଦ୍ ଦିନ ସାଧାରଣତଃ ଯେତିକି ଟଙ୍କା ଖର୍ଚ୍ଚ କରାଯାଉଛି ତାର ଅଧା ଅର୍ଥ ଇଦ୍ ଫଣ୍ଡ୍‌ରେ ଦିଆଯାଉ । ଇଦ୍ ଫଣ୍ଡର୍ ପଇଠ ଇଦ୍ ପୂର୍ବରୁ କେତେବେଳେ ମଧ୍ୟ କରାଯାଇପାରିବ । ଏହା ହେଉଛି ମର୍କଜି ଚାନ୍ଦା ତେଣୁ ସବୁତକ ଅର୍ଥ ସଦର୍ ଅଞ୍ଜୁମନ୍ ଅହେମଦୀୟାର ଖଜାନାରେ ଜମା କରିବା ଜରୁରୀ ଅଟେ । ସେଥିରୁ ସ୍ଥାନୀୟ ଜମାତ୍‌ରେ କୌଣସି ଅର୍ଥ ଖର୍ଚ୍ଚ କରିବା ପାଇଁ ଅନୁମତି ନାହିଁ ।

(ନାଜର୍ ବଇତୁଲ୍ ମାଲ୍ ଆମଦ କାଦିଆନ୍)

## ନିଜ ପିଲାମାନଙ୍କର ନେକ୍ ତର୍‌ବିୟତ୍ (ପୁଣ୍ୟ ସଂସ୍କାର) ପାଇଁ ବିଶେଷ ଧ୍ୟାନ ଦିଅନ୍ତୁ
### ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଉପଦେଶ

''ନିଜ ପିଲାମାନଙ୍କର ନେକ୍ ତର୍‌ବିୟତ୍ (ପୁଣ୍ୟ ସଂସ୍କାର) ପାଇଁ ବିଶେଷ ଧ୍ୟାନ ଦିଅନ୍ତୁ । ସେମାନଙ୍କ ପାଇଁ ପୁଣ୍ୟ ଦୃଷ୍ଟାନ୍ତ ଉପସ୍ଥାପନ କରନ୍ତୁ । ଏବେ କିଛି ଦିନ ଭିତରେ ରମ୍‌ଜାନ୍‌ର ବାବର୍‌କତ୍ ମାସ ଆରମ୍ଭ ହେବାକୁ ଯାଉଛି । ଏହା ପୁଣ୍ୟ ଓ ଆଧ୍ୟାତ୍ମିକତାରେ ଉନ୍ନତି କରିବାର ଉତମ ମାଧ୍ୟମ ଅଟେ । ଏଥିରେ ଉପାସନା ଓ ପୁଣ୍ୟ କାର୍ଯ୍ୟର ଅଭ୍ୟାସ ହୋଇଥାଏ । ଯାହାଙ୍କ ଉପରେ ରୋଜା ଧାର୍ଯ୍ୟ ହୋଇସାରିଛି ଓ ତାଙ୍କ ନିକଟରେ ଅନ୍ୟ କୌଣସି କାରଣ ନାହିଁ, ସେମାନେ ରୋଜା ରଖନ୍ତୁ । ଫର୍ଜ୍ ନମାଜ ଓ ନଫିଲ୍ ନମାଜ ନିୟମିତ ପାଠ କରନ୍ତୁ ଓ ଦୁଆ ଉପରେ ଜୋର୍ ଦିଅନ୍ତୁ । ପବିତ୍ର କୋରାନ୍‌କୁ ଅଧିକରୁ ଅଧିକ ତିଲାୱତ୍ କରନ୍ତୁ । ପିଲାମାନଙ୍କଠାରୁ କୋରାନ୍‌ର ଦୌର୍ ସମ୍ପୂର୍ଣ୍ଣ କରାନ୍ତୁ । ପୁଣି ଏହି ପୁଣ୍ୟ କାର୍ଯ୍ୟଗୁଡିକୁ ରମ୍‌ଜାନ୍ ପରେ ମଧ୍ୟ ଜାରି ରଖନ୍ତୁ । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଏହା ଉପରେ ଅମଳ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍'' (ଅଖିବାର୍ ସାପ୍ତାହିକ ବଦର୍ କାଦିଆନ୍ ତା ୮ ଡିସେମ୍ବର୍ ୨୦୧୬, ପୃଷ୍ଠା-୨)

(ଏଡିଶିନାଲ୍ ନାଜର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ - ତାଲିମୁଲ୍ କୁର୍‌ଆନ୍ ୱ ୱକ୍‌ଫେ ଆର୍‌ଜି କାଦିଆନ୍)

## D.T.P ସେଂଟର୍ ନଜାରତ୍ ନଶରୋ ଇଶାଅତ୍ କାଦିଆନ୍‌ରେ କମ୍ପ୍ୟୁଟର୍ ଅପରେଟର୍‌ର ଆବଶ୍ୟକତା ଅଛି ।
### (ନୋଟ୍:- ଏହି ଘୋଷଣା କେବଲ ଲଜ୍‌ନା ସଦସ୍ୟମାନଙ୍କ ନିମନ୍ତେ)

ନଜାରତ୍ ନଶରୋ ଇଶାଅତ୍ ସଦର ଅଞ୍ଜୁମାନ୍ ଅହେମଦୀୟାର D.T.P ସେଂଟର୍‌ରେ ଲେଡିଜ୍ କମ୍ପ୍ୟୁଟର ଅପରେଟର୍ ବିଲ୍‌ମୁକ୍ତା ସ୍ଥାନ ଖାଲିଅଛି, ଯାହା ନିମ୍ନଲିଖିତ ନିୟମ ମୁତାବକ ପୂରଣ କରାଯିବ । ଲଜନା ମାନଙ୍କ ମଧ୍ୟରୁ ଅଭିଳାଷୀ ପ୍ରାର୍ଥିନୀ ନିଜର ଦରଖାସ୍ତ ନିଜର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଆଟେଷ୍ଟେଡ୍ ସହିତ ଆବେଦନ ଫର୍ମ ନଜାରତ୍ ଦିୱାନଙ୍କ ଠାରୁ ହାସଲ କରି ତାକୁ ସମ୍ପୂର୍ଣ୍ଣ କରିବା ପରେ ଅମୀର୍ ଜମାତ୍ / ସଦର୍ ଜମାତ୍ / ସଦର୍ ଲଜନା ଙ୍କ ଦ୍ୱାରା ତସ୍‌ଦିକ୍ (ପୁଷ୍ଟି) କରି ଦୁଇମାସ ଭିତରେ ପଠାନ୍ତୁ । ଜଜାକମୁଲ୍ଲାଃ ।

**ସର୍ତାବଳୀ:-**(୧)ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ +୨ (ସେକେଣ୍ଡ୍ ଡିଭିଜନ୍) ହୋଇଥିବ । ହିନ୍ଦି, ଉର୍ଦ୍ଦୁ ଲେଖିବା ପଢ଼ିବା ଜାଣିଥିବେ (୨)କମ୍ପ୍ୟୁଟର୍ ସାଇନ୍‌ସରେ ଡିପ୍ଲୋମା କରିଥିବେ (୩)In-Design, MS-word, In-Page ବିଷୟରେ Basic Knowledge ଥିବ (୪)ହିନ୍ଦି ଓ ଉର୍ଦ୍ଦୁ ଟାଇପିଂ ରେ ଦକ୍ଷତା ଥିବ ଓ ଅତି କମ୍‌ରେ ଗୋଟିଏ ବର୍ଷର ଅଭିଜ୍ଞତା ଥିବ (୫)Key-Board ନଦେଖି କମ୍ପୋଜ୍ କରିପାରୁଥିବେ । ଘଂଟାକୁ ଅତି କମ୍‌ରେ ୩୦୦ ଶବ୍ଦ ଟାଇପ୍ କରିପାରୁଥିବେ (୬)ହିନ୍ଦି ଟାଇପିଂ In-Design Software ର Chanakya Unicode font ରେ କରିବା ଜାଣିଥିବେ ଓ ସେହିପରି ଉର୍ଦ୍ଦୁ ଟାଇପିଂ In-Page Software ରେ କରିବା ଜାଣିଥିବେ (୭)ୱାକିଫେ ଜିନ୍ଦେଗି ଏବଂ ୱକ୍‌ଫେ ନୌ ତହ୍‌ରିକ୍‌ରେ ସାମିଲ୍ ହୋଇଥିବା ମେମ୍ବର୍ ନିଜର ହୱାଲା ମଞ୍ଜୁରୀ ୱକ୍‌ଫ ଏ ନୌ ଦରଖାସ୍ତରେ ଦରଜ କରନ୍ତୁ (୮)ଦରଖାସ୍ତରେ ନିଜର ବାପା / ସ୍ୱାମୀ / ଅଭିଭାବକ ଙ୍କ ତସ୍‌ଦିକ୍ ଦସ୍ତଖତ ମଧ୍ୟ କରାଇବେ (୯)ପ୍ରାର୍ଥିନୀଙ୍କୁ ଇଂଟର୍‌ଭିଉର ତାରିଖ ପରେ ଜଣାଇ ଦିଆଯିବ ତତ୍ ସହିତ ଇଂଟର୍‌ଭିଉ ପାଇଁ କାଦିଆନ୍ ଆସିବାର ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ (୧୦)କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

**(ନାଜର୍ ଦିୱାନ ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍)**

## ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭିଂ ସେବା କରିବାକୁ ଚାହୁଁଥିବା ଲୋକେ ଧ୍ୟାନ ଦିଅନ୍ତୁ ।

ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର୍ ପୋଷ୍ଟ ଖାଲି ଅଛି । ଯେଉଁ ବନ୍ଧୁ ଡ୍ରାଇଭର୍ ରୂପେ ସେବା କରିବାକୁ ଇଚ୍ଛୁକ ସେ ନିଜର ଦରଖାସ୍ତ ଦୁଇମାସ ଭିତରେ ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟାଙ୍କ ନିକଟକୁ ପଠାଇପାରିବେ ।

ସର୍ତାବଳୀ:- (୧)ପ୍ରାର୍ଥୀଙ୍କ ନିକଟରେ ଡାଇଭିଂ ଲାଇସେନ୍‌ସ୍ ଓ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ ଅଟେ (୨)ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର ସର୍ତ ନାହିଁ (୩)ପ୍ରାର୍ଥୀକୁ ଜନ୍ମଗତ ପ୍ରମାଣପତ୍ର ଦେବା ଜରୁରୀ (୪)ସେହି ଡ୍ରାଇଭର୍ ମାନଙ୍କୁ ଖିଦ୍‌ମତ୍ (ସେବା) ନିମନ୍ତେ ଚୟନ କରାଯିବ, ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ୍ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ଫିଟ୍ ହେବେ (୫)ସେହି ପ୍ରାର୍ଥୀମାନେ ସେବା କରିବାର ସୁଯୋଗ ପାଇବେ, ଯେଉଁମାନେ ଇଂଟର୍‌ଭ୍ୟୁ ବୋର୍ଡ କର୍ମୀ ଚୟନ ପ୍ରକ୍ରିୟାରେ ସଫଳ ହେବେ (୬)ଚୟନ କରାଯାଇଥିବା ଡ୍ରାଇଭର୍‌ମାନଙ୍କୁ ଦର୍ଜା ଦୋମ୍ (ସେକେଣ୍ଡ୍ କ୍ଲାସ୍)ର ବରାବର୍ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବ (୭)ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୮)ଯଦି ପ୍ରାର୍ଥୀ ଚୟନ ହୁଅନ୍ତି ତେବେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ନୋଟ୍):- ଏ ସମ୍ବନ୍ଧୀୟ ଦରଖାସ୍ତ ଫର୍ମ୍ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଙ୍କ ଠାରୁ ହାସଲ କରିନିଅନ୍ତୁ, ଦରଖାସ୍ତ ଫର୍ମ ପୂରଣ ହୋଇ ଆସିବା ପରେ ତା ମୁତାବକ କାରବାଇ କରାଯିବ)

(ନାଜର୍ ଦିୱାନ୍ କାଦିଆନ୍)

ଅଧିକ ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା, କାଦିଆନ୍

ମୋ:- ୦୯୮୧୫୪୩୩୭୬୦, ଅଫିସ୍:- ୦୧୮୭୨-୫୦୧୧୩୦

ଇ-ମେଲ୍:- nazaratdiwanqdn@gmail.com

# ଖୁତ୍‌ବା ଜୁମା

ହଜରତ ମହମ୍ମଦ ସ.ଆଙ୍କ ଆଗମନ ଫଳରେ ଯେତେବେଳେ ସେମାନେ ଇସଲାମକୁ ସ୍ୱୀକାର କଲେ, ସେମାନଙ୍କ ମଧ୍ୟରେ ଏପରି ଈଶ୍ୱରପ୍ରେମ ଓ ଏକେଶ୍ୱରବାଦର ଆତ୍ମା ଉତ୍ପନ୍ନ ହେଲା କି ପ୍ରତ୍ୟେକ ବ୍ୟକ୍ତି ଅଲ୍ଲାଃଙ୍କ ମାର୍ଗରେ ପ୍ରାଣବଳୀ ଦେବାକୁ ପ୍ରସ୍ତୁତ ହୋଇଗଲେ । ସେମାନେ ବୟତର ସତ୍ୟାସତ୍ୟକୁ ପ୍ରକାଶ କରି ଦେଖାଇଲେ ଏବଂ ନିଜ ଅମଳ ଦ୍ୱାରା ତାହାର ବାସ୍ତବ ଚିତ୍ର ପ୍ରତିପାଦନ କଲେ

## ଶ୍ରେଷ୍ଠତମ ଶହିଦ୍ ତଥା ଅଲ୍ଲାଃ ଓ ରସୁଲଙ୍କର ସିଂହ ହଜରତ ହମଜାଃ ବିନ୍ ଅବଦୁଲ୍ ମୁତଲିବ୍ ର.ଅ ଙ୍କ ହୃଦୟସ୍ପର୍ଶକ ପ୍ରଶଂସାର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]**
**(ପ୍ରଦତ୍ତ: ୦୪ ମଇ ୨୦୧୮ ଅନୁଯାୟୀ ୦୪ ହିଜ୍‌ରତ୍ ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କହିଛନ୍ତି "ହଜରତ ମହମ୍ମଦ ସ.ଆଙ୍କ ଆବିର୍ଭାବ ସମୟରେ ଆରବମାନଙ୍କ ପାରମ୍ପାରିକ, ଚାରିତ୍ରିକ ତଥା ଆଧ୍ୟାତ୍ମିକ ଅବସ୍ଥା କ'ଣ ଥିଲା । ଘରେ ଘରେ ସଂଘର୍ଷ, ମଦ୍ୟପାନ, ଚୋରୀ, ଡ଼କାୟତି ଓ କୁକର୍ମ ଆଦି ସମସ୍ତ ପ୍ରକାର ଅପକର୍ମରେ ସେମାନେ ଲିପ୍ତ ରହିଥିଲେ । ଅଲ୍ଲାଃ ଓ ଉତମ ଚରିତ୍ର ପ୍ରଦର୍ଶନ କରିବା ସହିତ କାହାରି କୌଣସି ସମ୍ପର୍କ ହିଁ ନଥିଲା । ପ୍ରତ୍ୟେକ ବ୍ୟକ୍ତି ଫିରଓ୍ୱନ୍ ସାଜିଥିଲା କିନ୍ତୁ ହଜରତ ମହମ୍ମଦ ସ.ଆଙ୍କ ଆଗମନ ଫଳରେ ଯେତେବେଳେ ସେମାନେ ଇସଲାମକୁ ସ୍ୱୀକାର କଲେ, ସେମାନଙ୍କ ମଧ୍ୟରେ ଏପରି ଈଶ୍ୱରପ୍ରେମ ଓ ଏକେଶ୍ୱରବାଦର ଆତ୍ମା ଉତ୍ପନ୍ନ ହେଲା କି ପ୍ରତ୍ୟେକ ବ୍ୟକ୍ତି ଅଲ୍ଲାଃଙ୍କ ମାର୍ଗରେ ପ୍ରାଣବଳୀ ଦେବାକୁ ପ୍ରସ୍ତୁତ ହୋଇଗଲେ । ସେମାନେ ବୟତର ସତ୍ୟାସତ୍ୟକୁ ପ୍ରକାଶ କରି ଦେଖାଇଲେ ଏବଂ ନିଜ ଅମଳ ଦ୍ୱାରା ତାହାର ବାସ୍ତବ ଚିତ୍ର ପ୍ରତିପାଦନ କଲେ" ।

ହଜୁର ଆ.ସ କୁହନ୍ତି "ହଜରତ ମହମ୍ମଦ ସ.ଆଙ୍କ ସାହାବାମାନେ କିଭଳି ବିଶ୍ୱସ୍ତତାର ନମୁନା ପ୍ରଦର୍ଶନ କଲେ ଯାହା ପୂର୍ବେ କେହି କେବେ ପ୍ରଦର୍ଶନ କରିନଥିଲେ ନା ଆସନ୍ତାରେ ତାହା ଦେଖିବାକୁ ମିଳିଲା" । ହଜୁର ଆ.ସ କୁହନ୍ତି ଅଲ୍ଲାଃତାଲା ଇଚ୍ଛା କଲେ ଉକ୍ତ ନମୁନାମାନ ପୁନଃ ପ୍ରତିଷ୍ଠା ହୋଇପାରିବ । ଉକ୍ତ ନମୁନା ଅନ୍ୟମାନଙ୍କ ପାଇଁ ଉପକାର ଯୋଗ୍ୟ ଅଟେ । ଆପଣ ନିଜ ଜମାଅତ ସମ୍ବନ୍ଧରେ କୁହନ୍ତି- ଅଲ୍ଲାଃତାଲା (ଅହେମଦିମାନଙ୍କ) ଦ୍ୱାରା ସେହିପରି ନମୁନା ପ୍ରଦର୍ଶନ କରିପାରନ୍ତି । ଆପଣ ଆହୁରି କୁହନ୍ତି ଅଲ୍ଲାଃତାଲା ସାହାବାଙ୍କ ପ୍ରଶଂସାର କିଭଳି ସୁନ୍ଦର ବ୍ୟାଖ୍ୟା କଲେ କି **ମିନଲ୍ ମୁଉ୍‌ମିନିନା ରିଜାଲୁନ୍ ସଦକୁ ମା ଆହଦୁଲ୍ଲାହା ଅଲୈହି ଫମିନ୍‌ହୁମ୍ ମନ୍ କଜା ନହ୍‌ବହୁ ଓ୍ୱ ମିନ୍‌ହୁମ୍ ମଇଁ ୟନ୍ତଜିର୍** (ଅଲ୍ ଅହଜାବ୍: ୨୪) ଅର୍ଥାତ ବିଶ୍ୱାସକାରୀମାନଙ୍କ ମଧ୍ୟରେ କେତେକ ଏପରି ପୁରୁଷ ଅଛନ୍ତି ଯେଉଁମାନେ ଅଲ୍ଲାଃଙ୍କ ସହିତ କରିଥିବା ଅଙ୍ଗୀକାରକୁ ସତ୍ୟ ସାବ୍ୟସ୍ତ କରି ଦେଖାଇଛନ୍ତି । ଯାହାକି ସେମାନେ ନିଜ ପାଳନକର୍ତାଙ୍କ ସହିତ (ପ୍ରତିଜ୍ଞା) କରିଥିଲେ ସେମାନଙ୍କ ମଧ୍ୟରୁ କେତେକ (ଯୁଦ୍ଧ କରି) ନିହତ ହୋଇଥିଲେ ଏବଂ ଅନ୍ୟ କେତେକ ତାହାର ଅପେକ୍ଷାରେ ରହିଥିଲେ । ଆପଣ କୁହନ୍ତି ସାହାବାଙ୍କ ପ୍ରଶଂସାରେ ପବିତ୍ର କୋରାନର ପଙ୍କ୍ତିଂକୁ ଏକତ୍ର କରିବାଠାରୁ ବଳି ସୁନ୍ଦର ଚରିତ୍ର ଅନ୍ୟଥା କିଛି ନୁହେଁ" । (ମଲ୍‌ଫୁଜାତ୍ ଖଣ୍ଡ-୭, ପୃଷ୍ଠା-୪୩୧-୪୩୩, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) **ଅତଃ ପୁଣ୍ୟକର୍ମ ଓ ବଳିଦାନର ଏହି ନମୁନା ଆମ୍ଭମାନଙ୍କ ପାଇଁ ଅନୁକରଣ ଯୋଗ୍ୟ ଅଟେ ।**

ହଜୁର ଅନଓ୍ୱର ଅ.ବ କହିଲେ- ମୁଁ ସାହାବାମାନଙ୍କ ଜୀବନୀ ସମ୍ବନ୍ଧରେ (ଗତ କିଛି ଜୁମାରୁ) ବର୍ଣ୍ଣନା କରିଆସୁଅଛି ଯେଉଁମାନଙ୍କ ମଧ୍ୟରେ ବଦରୀ (ବଦର ଯୁଦ୍ଧରେ ଯୋଗ ଦେଇଥିବା) ସାହାବା ମଧ୍ୟ ଥିଲେ ଏବଂ ସେମାନଙ୍କ ବ୍ୟତୀତ ଆନ୍ୟ କିଛି ସାହାବା ମଧ୍ୟ କିନ୍ତୁ ମୋର ମନେହେଲା ଯେହେତୁ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବାଙ୍କର ବିଶେଷ ସ୍ତର ରହିଛି ତେଣୁ ପ୍ରଥମେ ସେମାନଙ୍କ ଚର୍ଚ୍ଚା କରାଯିବା ଉଚିତ୍ । ଏମାନେ ସେହି ଲୋକ ଯେଉଁମାନଙ୍କ ଉପରେ ଅଲ୍ଲାଃ ରାଜି ହେଲେ ଏବଂ ସେମାନେ ଅଲ୍ଲାଃଙ୍କ ବିଶେଷ ପ୍ରୀତିଭାଜନ ଲାଭ କଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ଆଜି ମୁଁ ହଜରତ ହମଜାଃ ବିନ୍ ଅବଦୁଲ୍ ମୁତଲିବ୍‌ଙ୍କର ଚର୍ଚ୍ଚା କରିବି । ବିଶେଷ ରୂପେ ତାଙ୍କର ଚର୍ଚ୍ଚା କରିବି କି ସେ କିପରି ମୁସଲ୍‌ମାନ୍ ହେଲେ । କିନ୍ତୁ ଏହାର ବ୍ୟାଖା ଇତିହାସ ହଦିସ୍‌ରେ ବର୍ଣ୍ଣନା କରାଯାଇଛି । ସେହିପରି ତାଙ୍କର ଶହିଦ୍ ହେବାର ଘଟଣା ମଧ୍ୟ । ଯାହାଙ୍କୁ ଶ୍ରେଷ୍ଠତମ ଶହିଦ୍ ତଥା ଅଲ୍ଲାଃ ଓ ରସୁଲଙ୍କର ସିଂହ ହେବାର ଉପାଧି ମିଳିଥିଲା । ହଜରତ ହମଜାଃ କୁରୈଶ୍‌ଙ୍କ ସରଦାର ଅବଦୁଲ୍ ମୁତଲିବ୍‌ଙ୍କ ପୁତ୍ର ଓ ହଜୁର ସ.ଆଙ୍କର ଚଚା ଥିଲେ । ତାଙ୍କ ମାତାଙ୍କ ନାମ ହାଲା ଥିଲା ଏବଂ ସେ ହଜୁର ସ.ଆଙ୍କ ମାତା ହ. ଆମନାଙ୍କର ଚଚା ଝିଅ ଭଉଣୀ ଥିଲେ । କେତେକ ଐତିହାସିକଙ୍କ ମତରେ ହଜରତ ହମଜାଃ ହଜୁର ସ.ଆଙ୍କ ଠାରୁ ଦୁଇ ବର୍ଷ ଓ ଆଉ କିଛିଙ୍କ କହିବା ଅନୁଯାୟୀ ଚାରି ବର୍ଷ ବଡ଼ ଥିଲେ । (ଇସ୍‌ତିଆବ୍, ପ୍ରଥମ ଖଣ୍ଡ, ପୃଷ୍ଠା-୩୬୯, ହମ୍‌ଜାବିନ୍ ଅବ୍‌ଦୁଲ୍ ମୋତଲବ୍, ମୁଦ୍ରଣ ଦାରୁଲ୍ ଜୈଲ୍, ବେରୁତ ୧୯୯୨), (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୬୭, ହମ୍‌ଜାବିନ୍ ଅବ୍‌ଦୁଲ୍ ମତ୍‌ଲବ୍, ମୁଦ୍ରଣ ଦାରୁଲ୍ କୁତୁବ୍ ଅଲ୍‌ଅଲ୍‌ମିଆ ବେରୁତ ୧୯୯୬) ସେ ହଜୁର ସ.ଆଙ୍କର ରଜାୟୀ ଭାଇ ଉଭୟ ଜଣେ ମହିଳା ଦାସୀ ସୌବିୟାଙ୍କଠାରୁ କ୍ଷୀର ପାନ କରି ଥିଲେ । (ଶରହ୍ ଜର୍‌କାନି, ଖଣ୍ଡ-୪, ପୃଷ୍ଠା-୪୯୯, ବାବ୍ ଜିକ୍‌ରେ ବାଜ୍ ମନାକିବୁଲ୍ ଅବାସ, ମୁଦ୍ରଣ ଦାରୁଲ୍ କୁତୁବ୍ ଅଲ୍‌ଅଲ୍‌ମିଆ ବେରୁତ ୧୯୯୬...) ହଜରତ ହମଜାଃ ହଜୁର ସ.ଆଙ୍କ (ନବୀ ହେବାର) ଘୋଷଣା କରିବାର ୬ ବର୍ଷ ପରେ ଦାରେ ଅରକମ୍ ସମୟରେ ଇସଲାମ ସ୍ୱୀକାର କରିବାର ସୌଭାଗ୍ୟ ଲାଭ କରିଥିଲେ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଦ୍, ଖଣ୍ଡ-୩, ପୃଷ୍ଠା-୬, ହମ୍‌ଜାଃବିନ୍ ଅବ୍‌ଦୁଲ୍ ମୋତଲବ୍, ମୁଦ୍ରଣ ଦାରୁଲ୍ କୁତୁବ୍ ଅଲ୍‌ଅଲ୍‌ମିଆ ବେରୁତ ୧୯୯୦) ହଜରତ ମୁସଲେହ ମଉଦ ର.ଆ ତାଙ୍କ ଇସଲାମ ସ୍ୱୀକାର କରିବାର ଘଟଣା ଯାହାକି ଏକ ଐତିହାସିକ ଘଟଣା ଅଟେ ନିଜ ଭାଷାରେ ବର୍ଣ୍ଣନା କରିଛନ୍ତି । ଏଠାରେ ମୁଁ ତାହାର କିଛି ସଂକ୍ଷିପ୍ତ ଚର୍ଚ୍ଚା କରିବି । ଓ କିଛି ବ୍ୟାଖା ମଧ୍ୟ କରିବି । ଏହାକୁ ଶୁଣିବା ପରେ ମଣିଷ ଏହା ଚିନ୍ତା କରୁଛି କି କିପରି ହଜ୍‌ରତ୍ ହମ୍‌ଜାଃ ଇସ୍‌ଲାମ୍ ଗ୍ରହଣ କଲେ ଏବଂ ଏହାର କଣ ମାଧ୍ୟମ ହେଲା ଓ କିପରି ତାଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ବନ୍ଧରେ ସ୍ୱାଭିମାନ ହେଲା । ଯେବେ ଅବୁଜହଲ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଅତ୍ୟାଚାର କରିଥିଲେ । ସେ ଯାହା ହେଉ ଏହି ଘଟଣାର ବିଷୟବସ୍ତୁ ହେଉଛି ଏପରି କି ଏକଦା ହଜୁର ସ.ଆ ସଫା ଓ ମରଓ୍ୱା ପାହାଡ଼ ମଧ୍ୟରେ ଥିବା ଏକ ପଥର ଉପରେ ବସିଥିଲେ ଏବଂ ଆପଣ ଏହି ଚିନ୍ତାରେ ଥିଲେ କି ଅଲ୍ଲାଃଙ୍କ ଏକେଶ୍ୱରବାଦକୁ କିଭଳି ପ୍ରସାରିତ କରାଯିବ ସେହି ସମୟରେ ଅବୁ ଜହଲ୍ ଆସି ପହଂଚିଲା । ସେ ଆସିବା କ୍ଷଣି କହିଲା କି ମହମ୍ମଦ୍ (ସ:ଆ:ସ) ତୁମେ ତୁମ କଥାରୁ ନିବୃତ ରହୁନାହଁ । ତା ପରେ ସେ ହଜୁରଙ୍କୁ ଅତ୍ୟନ୍ତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରିଦେଲା । ଆପଣ ନିରବ ଓ ପୂର୍ଣ୍ଣ ଧୈର୍ଯ୍ୟର ସହିତ ତାହାର କଟୁଭାଷାକୁ ସହ୍ୟ କରିନେଲେ ଏବଂ ଗୋଟିଏ ଶବ୍ଦ ମଧ୍ୟ ନିଜ ମୁଖରୁ ବାହର କଲେ ନାହିଁ । ଅବୁ ଜହଲ୍ ମନଭରି ଗାଳିଗୁଲଜ କରିବା ପରେ ଆଗକୁ ବଢି ହଜୁର ସ.ଆଙ୍କ ଏକ ଚାପୁଡ଼ା ମାରିଲା ତଥାପି ମଧ୍ୟ ହଜୁର ସ.ଆ ତାର କୌଣସି ପ୍ରତିବାଦ କଲେ ନାହିଁ । ଉକ୍ତ ସ୍ଥାନର ସମ୍ମୁଖରେ ହଜରତ ହମଜାଃଙ୍କ ଘର ଥିଲା । ହଜ୍‌ରତ୍ ହମ୍‌ଜାଃ ସେପର୍ଯ୍ୟନ୍ତ ଇମାନ୍ ଆଣିନଥିଲେ । ତାଙ୍କର ଦୈନନ୍ଦିନ କାର୍ଯ୍ୟ ଥିଲା କି ସେ ସକାଳୁ ଉଠି ଧନୁଶର ଧରି ଶିକାର କରିବାକୁ ଚାଲିଯାଉଥିଲେ ଏବଂ ସନ୍ଧ୍ୟାରେ ଫେରୁଥିଲେ । ଓ ପୁଣି କୁରୈଶ୍‌ଙ୍କ ମଜ୍‌ଲିସ୍‌କୁ ଯାଉଥିଲେ ଓ ସେଠିଯାଇ ବସୁଥିଲେ । ସେହିଦିନ ଯେବେ ଅବୁଜହଲ୍ ରସୁଲେ କରିମ୍ ସ:ଆ:ସଙ୍କୁ ଗାଳି ଦେଇଥିଲା ଓ ଅସଭ୍ୟ ବ୍ୟବହାର କରିଥିଲା, ସେହିଦିନ ହମ୍‌ଜାଃ ଶିକାରକୁ ଯାଇଥିଲେ । କିନ୍ତୁ ସଂଯୋଗ ଏପରି ହେଲା କି ଯେତେବେଳେ ଅବୁଜହଲ୍ ଏହିପରି ବ୍ୟବହାର କରୁଥିଲା ସେତେବେଳେ ହଜ୍‌ରତ୍ ହମ୍‌ଜାଃଙ୍କ କୁଟୁମ୍ବର ଜଣେ ଲୌଣ୍ଡି (ସେବିକା) ଦ୍ୱାର ମୁହଁରେ ଛିଡ଼ା ହୋଇ ଏହି ଦୃଶ୍ୟକୁ ଦେଖୁଥିଲା । ଅବୁଜହଲ୍ ଯେବେ ବାରମ୍ବାର ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ହମ୍‌ଲା କରୁଥିଲା ଓ ଭିଷଣ ଗାଳି ଗୁଲଜ ଦେଉଥିଲା ସେତେବେଳେ ଆପଣ ସ:ଆ:ସ ଚୁପ୍ ହୋଇ ସ୍ଥିରତାର ସହିତ ସେହି ଗାଳିଗୁଡିକୁ ବର୍‌ଦାସ୍ତ କରୁଥିଲେ । ଅବୁ ଜହଲ୍ ହଜୁର ସ.ଆଙ୍କ ସହ ଏସବୁ ହରକତ କଲାବେଳେ ହଜରତ ହମଜାଃଙ୍କ ଜଣେ ଦାସି ଦ୍ୱାରରେ ଛିଡ଼ା ହୋଇ ଦେଖୁଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ଲେଖୁଛନ୍ତି କି ସେ ଯଦିଚ ଜଣେ ମହିଳାଥିଲେ ଓ କାଫେରା (ଇମାନ୍ ଆଣିନଥିବା ମହିଳା) ଥିଲେ । କିନ୍ତୁ ପୁରୁଣା ଯୁଗରେ ଯେଉଁଠି ମକାର ଲୋକମାନେ ନିଜର କ୍ରୀତଦାସଙ୍କ ଉପରେ ଅତ୍ୟାଚାର କରୁଥିଲେ ସେଠି ଏପରି ମଧ୍ୟ ହୋଇଥିଲା କି କିଛି ସଦାଚାରୀ ନିଜ କ୍ରୀତଦାସଙ୍କ ସହିତ ଉତମ ବ୍ୟବହାର ମଧ୍ୟ କରୁଥିଲେ ଓ ବହୁ ଦିନ ପରେ ସେହି କ୍ରୀତଦାସ ଜଣକ ଉକ୍ତ କୁଟୁମ୍ବର ଜଣେ ଅଂଶ ବିଶେଷ ରୂପେ ବିବେଚିତ ହେଉଥିଲା । ସେହିଭଳି ଉକ୍ତ ସେବିକା ଜଣକ ମଧ୍ୟ ହଜ୍‌ରତ୍ ହମ୍‌ଜାଙ୍କ କୁଟୁମ୍ବର ଲୌଣ୍ଡି ଥିଲା । ଯେବେ ସେ ଏହି ସମସ୍ତ ଦୃଶ୍ୟକୁ ଦେଖିଲା ଓ ସବୁକିଛି ନିଜ କାନରେ ଶୁଣିଲା ସେତେବେଳେ ଏହା ତା ମନକୁ ବହୁତ ପ୍ରଭାବିତ କଲା । କିନ୍ତୁ କିଛି କରିବାର ତାଙ୍କର ସାମର୍ଥ୍ୟ ନଥିଲା । ସେ ସବୁକିଛି ଦେଖିଲେ, ଶୁଣିଲେ ଏବଂ ଭିତରେ ଭିତରେ ଯନ୍ତ୍ରଣା ଓ ପିଡ଼ାର ଶିକୁଳିରେ ଛନ୍ଦି ହୋଇ ରହିଗଲେ । ସନ୍ଧ୍ୟାବେଳେ ଯେତେବେଳେ ହ. ହମଜାଃ ଶିକାରରୁ ଫେରିଲେ । ଏବଂ ନିଜ ସବାରୀରୁ ଓହ୍ଲାଇଲେ ଓ ତିର କମାଣକୁ ହାତରେ ଧରି ନିଜର ବାହାଦୁରି ଓ ଗର୍ବଠାଣି ଦେଖାଇ ଘର ଭିତରେ ପ୍ରବେଶ କଲେ । ସେତିକିବେଳେ ଉକ୍ତ ଲୌଣ୍ଡି ଜଣକ ଉଠିଲେ ଯିଏ ବହୁତ ସମୟ ହେବ ନିଜର

କ୍ରୋଧକୁ ଓ ଭାବନାକୁ ଚାପି ରଖିଥିଲା, ସେ ବହୁତ ଜୋର୍‌ରେ ହଜ୍‌ରତ୍ ହମ୍‌ଜାଃକୁ କହିଲା ଜଣକ କହିଲେ ତୁମକୁ ଲଜ୍ଜା ଲାଗୁନାହିଁ ମହାନ ବୀର ପରି ଘୂରି ବୁଲୁଛ । ସେ ଦାସୀର ଏଭଳି ଆଚରଣରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିଲେ କ'ଣ ହେଲା ? ଦାସୀ ଜଣକ କହିଲେ ତୁମ ପୁତୁରା ମୁହମ୍ମଦ୍ (ସ:ଆ:ସ) ସେଠାରେ ବସିଥିଲେ ଅବୁ ଜହଲ୍ ଆସି ତାଙ୍କ ଉପରେ ଆକ୍ରମଣ କରିଦେଲା ଏବଂ ତାଙ୍କୁ ବହୁତ ଅଶ୍ଳୀଳ ଓ ନିନ୍ଦନୀୟ ଗାଳିଗୁଲଜ କଲା, ପୁଣି ତାଙ୍କ ମୁହଁକୁ ଚାପୁଡ଼ା ମାରିଲା କିନ୍ତୁ ହଜୁର ସ.ଆ ତାକୁ କିଛି କହିଲେ ନାହିଁ ବରଂ ସବୁ ଅତ୍ୟାଚାର ସହ୍ୟ କରିନେଲେ । ଅବୁଜହଲ୍ ଗାଳି ଦେଇ ଦେଇ ଯେତେବେଳେ ଥକିଗଲା ହାଲିଆ ହୋଇ ସେଠାରୁ ଚାଲିଗଲା କିନ୍ତୁ ମୁଁ ଏହା ଦେଖିଲି କି ମହମ୍ମଦ୍ ସ:ଆ:ସ ତାର କୌଣସି ଉତର ଦେଲେ ନାହିଁ । ତୁମେ ତ ବହୁତ ବାହାଦୁରି ଦେଖାଇ ବୁଲୁଛ । ବହୁତ ଠାଣିରେ ଶିକାରରୁ ଫେରିଛ । ତୁମକୁ ଲାଜ ଲାଗୁନାହିଁ । ତୁମ ଉପସ୍ଥିତିରେ ତୁମ ପୁତୁରାଙ୍କ ସହିତ ଏପରି ବ୍ୟବହାର ହେଉଅଛି । ହଜ୍‌ରତ୍ ହମଜାଃ ସେପର୍ଯ୍ୟନ୍ତ ମୁସଲ୍‌ମାନ୍ ହୋଇନଥିଲେ । ଏହା ଏଥିଯୋଗୁ କି କୁରୈଶ୍‌ର ସର୍ଦ୍ଦାରମାନଙ୍କ ଭିତରେ ତାଙ୍କର ଗଣନା କରାଯାଉଥିଲା ଓ ସାମ୍ରାଜ୍ୟ ଯୋଗୁଁ ସେ ଇସ୍‌ଲାମ୍‌କୁ ମାନିବା ପାଇଁ ପ୍ରସ୍ତୁତ ନଥିଲେ । କିନ୍ତୁ ଏହା ଜାଣୁଥିଲେ ଆଁ ହଜରତ୍ ସ:ଆ:ସ ହେଉଥିଲେ ସତ୍ୟବାଦୀ କିନ୍ତୁ ହମ୍‌ଜାଃ ସେ ସମୟରେ ନିଜର ସମ୍ମାନ ଓ ବଡ଼ପଣିଆକୁ ଇମାନ୍ ଉପରେ ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ନଥିଲେ । ହଜରତ ହମଜାଃ ଦାସୀଙ୍କଠାରୁ ଏସବୁ ଶୁଣିବା ମାତ୍ରେ ତାଙ୍କ ଚକ୍ଷ୍ୟୁ ରକ୍ତରଞ୍ଜିତ ହୋଇଗଲା ଏବଂ ବଂଶଗତ ସ୍ୱାଭିମାନ ଉତ୍ତେଜିତ ହୋଇଉଠିଲା । ସେ ତତ୍‌କ୍ଷଣୀ ଉତ୍ୟକ୍ତ ଅବସ୍ଥାରେ କାବା (ନିକଟକୁ) ବାହାରିଗଲେ । ପ୍ରଥମେ କାବାର ତୱାଫ୍ (ପରିକ୍ରମା) କଲେ ତାପରେ ଅବୁ ଜହଲ୍ ବସି ନିଜ ବଡ଼ପଣ ବଖାଣୁଥିବା ମଜଲିସ୍ ଆଡ଼କୁ ବଢିଲେ ଯେଉଁଠାରେ ସେ ହଜୁର ସ.ଆଙ୍କ ସହ ଯେଉଁ ନିନ୍ଦନୀୟ ଆଚରଣ କରିଥିଲା ତାହାର ବେଶ୍ ଗର୍ବର ସହିତ ବର୍ଣ୍ଣନା କରୁଥିଲା । ହ. ହମଜାଃ ସେଠାରେ ପହଂଚିବା ପରେ ପୂର୍ଣ୍ଣ ବଳପ୍ରୟୋଗ କରି ନିଜ ଧନୁରେ ଅବୁ ଜହଲ୍‌ର ମୁଣ୍ଡକୁ ମାରିଲେ ଏବଂ କହିଲେ ତୁମେ ନିଜ ବାହାଦୁରୀର କଥା ଲୋକମାନଙ୍କୁ ବଖାଣୁଛ ଓ ଘୋଷଣା କରୁଛ କି ମୁଁ ମହମ୍ମଦ ସ.ଆଙ୍କୁ ଏଭଳି ଅପମାନିତ କଲି । ଓ ମହମ୍ମଦ୍ ହୁଁ ଚୁଁ ହେଲାନାହିଁ ସ:ଆ:ସ । ବର୍ତମାନ ମୁଁ ତୁମର ଅପମାନ ଓ ନିନ୍ଦା କରୁଛି ଯଦି ତୁମର ସାହସ ଅଛି ତେବେ ମୋର ମୁକାବିଲା କରେ । ସେତେବେଳେ ଅବୁ ଜହଲ୍ କୁରୈଶ୍‌ଙ୍କ ମଧ୍ୟରେ ସମ୍ରାଟର ସ୍ଥାନ ରଖୁଥିଲା, ଗୋଷ୍ଠୀର ସରଦାର ଥିଲା । ତାହାର ସାଥିମାନେ ଏସବୁ ଦେଖି ଉତ୍ତେଜିତ ହୋଇ ହ. ହମଜାଃଙ୍କ ଉପରେ ଆକ୍ରମଣ କରିବାକୁ ଉଠିଲେ । କିନ୍ତୁ ଅବୁ ଜହଲ୍ ଯେ ହଜୁର ସ.ଆଙ୍କ ଉପରେ ଅଯଥା ଅତ୍ୟାଚାର କରିଥିଲା ଏବଂ ବର୍ତମାନ ହ. ହମଜାଃଙ୍କ ବୀରତ୍ୱ ଓ ସାହସ ଦେଖି ନିରବ ହୋଇଯାଇଥିଲା, ନିଜ ସାଥିମାନଙ୍କୁ ରୋକି କହିଲା ଛାଡ଼ କହିବାକୁଗଲେ ପ୍ରକୃତରେ ମୋ ଦ୍ୱାରା ଅତ୍ୟାଚାର ହୋଇଛି ଏବଂ ହମଜାଃ ଯାହା କରିଛନ୍ତି ଠିକ୍ କରିଛନ୍ତି ।

ହଜରତ ମୁସଲେହ ମଉଦ ର.ଆ ନିଜ ଭାଷାରେ ଲେଖିଛନ୍ତି କି ହଜରତ ମହମ୍ମଦ ସ.ଆ ସଫା ଓ ମରୱା ପାହାଡ଼ରୁ ଘରକୁ ଫେରିବା ସମୟରେ ମନେମନେ କହୁଥିଲେ କି ଲଢିବା ଓ କଳି କରିବା ମୋର କାମ ନୁହେଁ ବରଂ ଧୈର୍ଯ୍ୟର ସହିତ ଗାଳିଗୁଲଜ ସହ୍ୟ କରିବା ଅଟେ । ସେତେବେଳେ ଅଲ୍ଲାଃତାଲା ନିଜ ସିଂହାଶନରେ ବସି କହୁଥିଲେ କି *ଆ ଲୈ ସଲ୍ଲାହୋ ବେକାଫିନ୍ ଅବ୍‌ଦହୁ* ଅର୍ଥାତ୍ ହେ ମହମ୍ମଦ ! ତୁମେ ଲଢିବା ପାଇଁ ପ୍ରସ୍ତୁତ ନାହଁ କିନ୍ତୁ କ'ଣ ମୁଁ ତୁମ ଶତ୍ରୁମାନଙ୍କ ମୁକାବିଲା କରିବା ନିମନ୍ତେ (ଉପସ୍ଥିତ) ନାହିଁ । ଅତଃ ଅଲ୍ଲାଃତାଲା ସେହିଦିନ ଅବୁ ଜହଲ୍‌ର ମୁକାବିଲା ନିମନ୍ତେ ଆପଣଙ୍କୁ ଜଣେ ଉତ୍ସର୍ଗୀ ପ୍ରଦାନ କରିଦେଲେ ଏବଂ ହଜରତ ହମଜାଃ ଯେଉଁ ବୈଠକରେ ଅବୁ ଜହଲ୍ ମୁଣ୍ଡକୁ ଧନୁରେ ପିଟିଥିଲେ ସେହିଠାରେ ହିଁ ନିଜ ମୁସଲମାନ ହେବାର ଘୋଷଣା କରିବା ସହିତ କହିଥିଲେ କି କ'ଣ ତୁମେ ମହମ୍ମଦଙ୍କୁ କେବଳ ଏଥିପାଇଁ ଗାଳି ଦେଉଛୁ କି ସେ କହୁଛନ୍ତି ସେ ଅଲ୍ଲାଃଙ୍କର ପ୍ରେରିତ ଦୂତ ଓ ଫରିସ୍ତା (ଦେବଦୂତ) ମାନେ ତାଙ୍କ ଉପରେ ଆବିର୍ଭାବ ହେଉଛନ୍ତି । **କାନଖୋଲି ଶୁଣିନିଅ ମୁଁ ଆଜିଠାରୁ ହଜରତ ମହମ୍ମଦ ସ.ଆଙ୍କ (ଆଣିଥିବା) ଧର୍ମ ସ୍ୱୀକାର କରୁଅଛି ଏବଂ ମୁଁ ମଧ୍ୟ ତାଙ୍କ କଥାରେ ଏକମତ ଅଟେ** । ଯଦି ତୁମର ସାହସ ଅଛି ତେବେ ଆସ ମୋର ମୁକାବିଲା କର । ଏହା କହି ହମଜାଃ ମୁସଲମାନ ହୋଇଥିଲେ" । (ଉଦ୍ଧୃତ ରସୁଲେ କରିମ୍ ସ:ଆ:ସଙ୍କ ଜୀବନିର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ପୁସ୍ତକ....ଅନୱାରୁଲ୍ ଓ୍ୱଲୁମ୍, ଖଣ୍ଡ-୧୯, ପୃଷ୍ଠା-୧୩୭-୧୩୯)

ରିଓ୍ୱାୟତ୍‌ରେ ଆସୁଛି କି ହଜରତ ହମଜାଃଙ୍କ ମୁସଲମାନ ହେବା ପରେ ମକ୍କାର ମୁସଲମାନମାନଙ୍କ ବିଶ୍ୱାସକୁ ଦୃଢତା ପ୍ରାପ୍ତ ହେଲା । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଦ୍, ଖଣ୍ଡ-୩, ପୃଷ୍ଠା-୬, ହମ୍‌ଜାବିନ୍ ଅବ୍‌ଦୁଲ୍ ମୋତଲବ୍, ମୁଦ୍ରଣ ଦାରୁଲ୍ କୁତୁବ୍, ଅଲ୍‌ଅଲମିଆ ବେରୁତ୍ ୧୯୯୦) ବରଂ ଇଂରାଜୀ ଐତିହାସିକ ସର୍ ଉଇଲିୟମ୍ ମିଓ୍ୱର୍ ମଧ୍ୟ ଏକଥାକୁ ସ୍ୱୀକାର କରିଛନ୍ତି କି ମହମ୍ମଦ୍ ସ:ଆ:ସଙ୍କ ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ହଜ୍‌ରତ୍ ହମ୍‌ଜାଃ ଓ ହଜ୍‌ରତ୍ ଉମର୍‌ଙ୍କ ଇସ୍‌ଲାମ୍ ଗ୍ରହଣ କରିବା ଦ୍ୱାରା ଶକ୍ତି ମିଳିଛି । (The life of Mohammad by Sir William Muir, heading The prophet Insulted pg-89, Edition-1923) ହଜରତ ହମଜାଃ ମଧ୍ୟ ଅନ୍ୟ ମୁସଲମାନମାନଙ୍କ ପରି ମଦିନା ହିଜରତ୍ କରିଥିଲେ । ସେତେବେଳେ ହଜ୍‌ରତ୍ କୁଲ୍‌ସୁମ୍‌ବିନ୍ ହିଦମ୍‌ଙ୍କ ଘରେ ରହିଥିଲେ । ଆଉ ଗୋଟିଏ ରିଓ୍ୱାୟତ୍ ମୁତାବକ ସେ ହଜ୍‌ରତ୍ ସାଦ୍ ବିନ୍ ଖୈସମାଙ୍କ ଘରେ ରହିଥିଲେ । ସେ ଯାହା ହେଉ ମଦିନା ହିଜ୍‌ରତ୍ କରିବା ପରେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ହମ୍‌ଜାଃ ଏବଂ ହଜ୍‌ରତ୍ ଜଏଦ୍‌ବିନ୍ ହାର୍‌ସାଙ୍କ ମଧ୍ୟରେ ଇଖ୍‌ୱତ୍ (ଭାଇଭାଇ) ପ୍ରତିଷ୍ଠା କଲେ । ଏହି ଆଧାରରେ ଓ୍ୱହଦ୍ ଯୁଦ୍ଧକୁ ଯିବା ସମୟରେ ହଜ୍‌ରତ୍ ହମ୍‌ଜାଃ ହଜ୍‌ରତ୍ ଜଏଦ୍‌ଙ୍କ ହକ୍‌ରେ ଓ୍ୱସିୟତ୍ କରିଯାଇଥିଲେ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଦ୍, ଖଣ୍ଡ-୩, ପୃଷ୍ଠା-୬, ହମ୍‌ଜାବିନ୍ ଅବ୍‌ଦୁଲ୍ ମୋତଲବ୍, ମୁଦ୍ରଣ-ଦାରୁଲ୍ କୁତୁବ୍ ଅଲ୍‌ଅଲ୍‌ମିଆ, ବେରୁତ୍ ୧୯୯୦)

ମଦିନା ହିଜରତ କରିବା ପରେ ମଧ୍ୟ ଅମାନ୍ୟକାରୀଙ୍କ ଅତ୍ୟାଚାର ଶେଷ ହୋଇନଥିଲା । ତେଣୁ ମୁସଲମାନମାନଙ୍କୁ ବେଶ ସତର୍କ ରହିବାକୁ ପଡୁଥିଲା ଏବଂ ଅମାନ୍ୟକାରୀଙ୍କ ହରକତ ଉପରେ ମଧ୍ୟ ନଜର ରଖିବାକୁ ପଡୁଥିଲା । ରିଓ୍ୱାୟତ୍‌ରେ ଆସୁଛି କୁରୈଶଙ୍କ ଷଡ଼ଯନ୍ତ୍ର ସହ ଅବଗତ ରହିବା ନିମନ୍ତେ ହଜୁର ସ.ଆ ଗୁପ୍ତଚର ପଠାଇବାର ଆବଶ୍ୟକ ମନେକଲେ, ଯେଉଁଥିରେ ହଜରତ ହମଜାଃଙ୍କୁ ଅସାଧାରଣ ସେବା କରିବାର ସୌଭାଗ୍ୟ ଲାଭ ହେଲା । ହଜୁର ସ.ଆ ହିଜରତର ଦ୍ୱିତୀୟ ବର୍ଷ ରବିଉଲ୍ ଅୱଲ ମାସରେ ହଜରତ ହମଜାଃଙ୍କ ନେତୃତ୍ୱରେ ୩୦ ଜଣ ଓଟଆରୋହୀ ମୁହାଜିରିନ୍‌ଙ୍କ ଏକ ଦଳ ଇସ୍ ଆଡକୁ ପ୍ରେରଣ କଲେ । ହମଜାଃ ଓ ତାଙ୍କ ସାଥିମାନେ ଶିଘ୍ର ଶିଘ୍ର ସେଠାରେ ପହଂଚି ଦେଖିଲେ କି ମକ୍କାର ସରଦାର ଅବୁଜହଲ୍ ୩୦୦ (ଘୋଡ଼ା ଓ ଓଟ) ଆରୋହୀଙ୍କ ସମେତ ଉପସ୍ଥିତ ଅଛନ୍ତି । ମୁସଲମାନମାନଙ୍କ ତୁଳନାରେ ସେମାନଙ୍କ ସଂଖ୍ୟା ଦଶ ଗୁଣ ଅଧିକ ଥିଲା । କିନ୍ତୁ ମୁସଲ୍‌ମାନ୍ ମାନେ ଇଶ୍ୱର ଓ ତା ରସୁଲ୍‌ଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଘରୁ ବାହାରିଥିଲେ ଓ ମୃତ୍ୟୁର ଭୟ ସେମାନଙ୍କୁ ପଛକୁ ଫେରାଇ ଦେଉନଥିଲା ।ଉଭୟ ଉଭୟଙ୍କ ମୁକାବିଲା ନିମନ୍ତେ ଧାଡ଼ି ବାନ୍ଧିନେଲେ । ଯୁଦ୍ଧ ଆରମ୍ଭ ହେବାକୁ ଥିଲା ଯେ, ସେହି ଅଂଚଳର ମୂଖିଆ ମଜିଦ୍ ବିନ୍ ଉମରୋ ଜହନି ଯେ ଉଭୟ ଦଳ ସହିତ ସମ୍ପର୍କ ରଖିଥିଲା ମଧ୍ୟସ୍ଥି ହୋଇ ଯୁଦ୍ଧ ନ ହେବା ପାଇଁ ଚେଷ୍ଟା କରିଥିଲେ ଯଦ୍ୱାରା ଯୁଦ୍ଧ ହେଉ ହେଉ ରହିଗଲା । (ଉଦ୍ଧୃତ ସିରତ୍ ଖାତମୁନ୍ ନବୀଇନ୍, ହଜରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୩୨୯)

ଏହା ମଧ୍ୟ ରିଓ୍ୱାୟତ୍‌ରେ ଆସୁଛି କି ଯେଉଁ ପ୍ରଥମ ପତାକା ଥିଲା ବା ଝଣ୍ଡା ଥିଲା ରସୁଲେ କରିମ୍ ସ:ଆ:ସ ତାହା ହଜ୍‌ରତ୍ ହମ୍‌ଜାଃକୁ ପ୍ରଦାନ କରିଥିଲେ । ଯେବେ କି ଆଉ କିଛି ରିଓ୍ୱାୟତ୍‌ରେ ଏପରି ରହିଛି କି ହଜ୍‌ରତ୍ ଅବୁ ଉବେଦା ଏବଂ ହଜ୍‌ରତ୍ ହମ୍‌ଜାଃଙ୍କ ଯୁଦ୍ଧବାହିନୀ ଏକା ସମୟରେ ବାହାରିଥିଲେ । ସେଥିଯୋଗୁ ସନ୍ଦେହ ହେଉଛି (ଅର୍ଥାତ୍ ପତାକା କାହାକୁ ପ୍ରଦାନ କରାଯାଇଥିଲା) କିନ୍ତୁ ସେ ଯାହାହେଉ ଦୁଇ ହିଜିରିରେ ବନୁ କଏନକାଆ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଝଣ୍ଡା ଥିଲା ଓ ତାକୁ ହଜ୍‌ରତ୍ ହମ୍‌ଜାଃ ଉଠାଇ ଧରିଥିଲେ । (ସିରତ୍ ଇବ୍‌ନେ ହଶାମ୍, ପୃଷ୍ଠା-୨୮୩, ବାବ୍ ସରିଆ ହମ୍‌ଜାଃ ଇଲା ସୈଫୁଲ୍ ବହର୍, ମୁଦ୍ରଣ ଦାର୍ ଇବ୍‌ନେ ହଜମ୍ ବେରୁତ ୨୦୦୯)

ଆଁ ହଜ୍‌ରତ୍ ସ:ଆ:ସଙ୍କ ଉକ୍ତ ନିର୍ଦ୍ଦେଶ ଉପରେ ହଜ୍‌ରତ୍ ହମ୍‌ଜାଃ ସର୍ବଦା ଅମଳ କରୁଥିଲେ । ଅର୍ଥାତ୍ ନିଜର ଆତ୍ମସମ୍ମାନକୁ କାଏମ୍ ରଖିବା ହେଉଛି ସର୍ବୋତମ ଓ ଏହାକୁ ସର୍ବଦା କାଏମ୍ ରଖିବା ଉଚିତ୍ । ସୁତରାଂ ରିଓ୍ୱାୟତ୍‌ରେ ଆସୁଛି କି ହିଜରତେ ମଦିନା ପରେ ଅନ୍ୟ ମୁସଲମାନମାନଙ୍କ ପରି ହଜରତ ହମଜାଃଙ୍କର ମଧ୍ୟ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇଗଲା । ହଜରତ ଅବଦୁଲ୍ଲାଃ ବିନ୍ ଉମରୋ ବର୍ଣ୍ଣନା କରିଛନ୍ତି ଏପରି ଆବସ୍ଥାରେ ଏକଦା ହଜରତ ହମଜାଃ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ କହିଲେ ମୋତେ କୌଣସି ସେବା କରିବାର ସୁଯୋଗ ଦିଅନ୍ତୁ ଯଦ୍ୱାରା ମୁଁ କିଛି ରୋଜଗାର କରିବି । ହଜୁର ସ.ଆ କହିଲେ ହେ ହମଜାଃ ନିଜ ସମ୍ମାନକୁ ପ୍ରତିଷ୍ଠିତ ଓ ବଜାୟ ରଖିବା ଅଧିକ ଜରୁରୀ ନା ତାହାକୁ ମାରିଦେବା । ସେ ଉତର ଦେଲେ ମୁଁ ତ ତାହାକୁ ଜୀବିତ ରଖିବାକୁ ପସନ୍ଦ କରେ । ***ହଜୁର ସ.ଆ କହିଲେ ତେବେ ନିଜ ସମ୍ମାନ ଓ ଗୌରବର ସୁରକ୍ଷା କର*** । (ମସନଦ୍ ଅହମଦ୍ ବିନ୍ ହମ୍ୱଲ୍ ଖଣ୍ଡ-୨, ପୃଷ୍ଠା-୬୨୪, ହଦିସ୍ ନଂ-୬୬୩୯, ମୁଦ୍ରଣ- ଆଲିମୁଲ୍ କୁତୁବ୍ ବେରୁତ ୧୯୯୮)

ପୁଣି ହଜୁର ସ.ଆ ଆପଣଙ୍କୁ ଅଧିକରୁ ଅଧିକ ଦୁଆ କରିବା ଓ କେତେକ ବିଶେଷ ଦୁଆ ଶିଖାଇଲେ । ଅତଏବ ହଜରତ ହମଜାଃ କୁହନ୍ତି ହଜୁର ସ.ଆ କହିଲେ ଏହି ଦୁଆକୁ ନିୟମିତ ଭାବରେ ପାଠ କର **ଅଲ୍ଲାଃହୁମ୍ମା ଇନ୍ନି ଅସ୍‌ଅଲୁକା ବିଇସ୍‌ମିକା ଆଜମ୍ ଓ୍ୱ ରିଜ୍‌ଓ୍ୱାନକଲ୍ ଅକବର୍** (ଅଲ୍ ଅସାବା ଫି ତମିଜିସ୍ ସାହାବା, ଖଣ୍ଡ-୨, ପୃଷ୍ଠା-୧୦୬.... ବେରୁତ୍ ୧୯୯୫) ଅର୍ଥାତ ହେ ଅଲ୍ଲାଃ ମୁଁ ତୁମଠାରୁ ତୁମ ଶ୍ରେଷ୍ଠନାମ ଓ ସର୍ବଶ୍ରେଷ୍ଠ ପ୍ରୀତିଭାଜନର ରାଣ ଦେଇ ଭିକ୍ଷା କରୁଅଛି । ତାପରେ ସେ ସର୍ବଦା ତାହାର ପ୍ରତିଫଳ ସେବନ କରିଥିଲେ । ସୁତରାଂ ହଜ୍‌ରତ୍ ହମ୍‌ଜାଃଙ୍କୁ ଦୁଆ ଉପରେ କେତେ ବିଶ୍ୱାସ ଥିଲା ଏକଥା ମଧ୍ୟ ରିଓ୍ୱାୟତ୍‌ରୁ ପ୍ରକାଶ ହେଉଅଛି ଓ କାହିଁକି ନହେବ । ଯେବେକି ସେହି ଦୁଆର ବର୍‌କତ୍ ଯୋଗୁ ଏହିପରି ଖାଲିହାତ ଓ ଅର୍ଥଶୂନ୍ୟ ମୁହାଜିର୍‌ଙ୍କୁ ଅଲ୍ଲାଃତାଲା ଘରବାଡ଼ି ଓ ଆବଶ୍ୟକ ହେଉଥିବା ସମସ୍ତ ବସ୍ତୁ ପ୍ରଦାନ କଲେ । କିଛି ସମୟ ପରେ ହଜ୍‌ରତ୍ ହମ୍‌ଜାଃ ବନି ନଜାର୍ ର ଜଣେ ଅନ୍‌ସାରି ମହିଳା ଖୌଲା ବିନ୍‌ତ କଏସ୍‌ଙ୍କୁ ବିବାହ କଲେ । ନବୀ କରିମ୍ ସ:ଆ:ସ ତାଙ୍କ ଘରକୁ ଯାଆ ଆସ କରୁଥିଲେ । ହଜ୍‌ରତ୍ ଖୌଲା ପରେ ନବୀ କରିମ୍ ସ:ଆ:ସଙ୍କ ସେ ସମୟର ପ୍ରେମପୂର୍ଣ୍ଣ କଥାକୁ ଶୁଣାଉଥିଲେ । ସେ କହୁଥିଲେ କି ଏକଦା ଆଁ ହଜ୍‌ରତ୍ ସ:ଆ:ସ ଆମ ଘରକୁ ଆସିଲେ । ମୁଁ କହିଲି କି ହେ ଖୁଦାଙ୍କ ରସୁଲ୍ । ମୁଁ ଏହା ଜାଣିବାକୁ ପାଇଛି କି ଆପଣ କହୁଛନ୍ତି- କୟାମତ୍ ଦିନ ଆପଣଙ୍କୁ ହଓଜେ କୌଶର୍ ପ୍ରଦାନ କରାଯିବ ଯାହା ବହୁତ ବଡ଼ ଥିବ । ହଜୁର୍ ସ:ଆ:ସ କହିଲେ ହଁ ଏହା ସତ୍ୟ ଅଟେ ଓ ଏହା ମଧ୍ୟ ଶୁଣିରଖ କି ମୋତେ ସାଧାରଣ ଲୋକମାନଙ୍କଠାରୁ ବହୁ ଅଧିକ ତୁମ କୌମ୍ (ଜାତି) ଅନ୍‌ସାର୍‌ଙ୍କ ଏହି ହଓଜ୍‌ରୁ ପାଣି ପିଇବା ମୋତେ ପସନ୍ଦ ଅଟେ । (ମସନଦ୍ ଅହେମଦ୍ ବିନ୍ ହମ୍ୱଲ୍, ଖଣ୍ଡ-୮, ପୃଷ୍ଠା-୮୨୨, ହଦିସ୍ ନଂ-୨୭୮୫୯, ମସନଦ୍ ଖୌଲା ବିନ୍‌ତ ହକିମ୍, ମୁଦ୍ରଣ- ଆଲିମୁଲ୍ କୁତୁବ୍, ବେରୁତ୍ ୧୯୯୮) ଏହା ଅନ୍‌ସାରଙ୍କ ସହିତ କେବଳ ଏଇଥିପାଇଁ ଏତେ ପ୍ରେମ ଥିଲା କି ଯେବେ ନିଜ କୌମ୍ (ଜାତି) ଆପଣ ସ:ଆ:ସଙ୍କୁ ଘରୁ ବାହାର କରିଦେଲା ସେତେବେଳେ ଏହି ଅନ୍‌ସାରମାନେ ଥିଲେ ଯେଉଁମାନେ ଆପଣ ସ:ଆ:ସଙ୍କ ଉପରେ ନିଜର ସବୁକିଛି ଉତ୍ସର୍ଗ କରିଦେଇଥିଲେ ।

ଦୁଇ ହିଜ୍‌ରୀରେ ପ୍ରସିଦ୍ଧ ବଦର ଯୁଦ୍ଧ ଘଟିଲା । ବଦର ଯୁଦ୍ଧରେ ଅମାନ୍ୟକାରୀଙ୍କ ତରଫରୁ ଅସୱଦ୍ ବିନ୍ ଅବଦୁଲ୍ ଅସଦ ମଖଯୁମି ଆଗକୁ ଆସିଲା ସେ ଅତ୍ୟନ୍ତ ଦୁଷ୍ଟ ଓ ମନ୍ଦ ସ୍ୱଭାବର ଥିଲା । ସେ ପ୍ରତିଜ୍ଞା କରିଥିଲା କି ମୁଁ ଆଜି ନିଶ୍ଚିତ ହଜୁର ସ.ଆଙ୍କ ଜଳାଶ୍ରୟରୁ ଜଳ

ପାନ କରିବି କିମ୍ବା ତାହାକୁ ଖରାପ କରିଦେବି ନଚେତ୍ ତାହା ନିକଟରେ ମୃତ୍ୟୁବରଣ କରିବି । ସେ ଏହି ଉଦ୍ଦେଶ୍ୟରେ ଆସିଲା ଯାହାର ହଜରତ ହମଜାଃ ମୁକାବିଲା କଲେ ଏବଂ ନିଜ ଖଣ୍ଡାରେ ତାହାର ଅଧା ପେଣ୍ଡା କାଟିଦେଲେ ସେତେବେଳେ ସେ ସେହି ଜଳାଶୟ ନିକଟରେ ଥିଲା ଏବଂ ଅଣ୍ଟା ମାଡ଼ି ଭୂମିଷ୍ଠ ହେଲା କିନ୍ତୁ ନିଜ ପ୍ରତିଜ୍ଞା ପୂରଣ କରିବା ନିମନ୍ତେ ଜଳାଶୟ ଆଡ଼କୁ ବଢ଼ିଲା ସେତିକିବେଳେ ହଜରତ ହମଜାଃ ଆଉ ଏକ ପ୍ରହାରରେ ତାହାର ବଧ କରିଦେଲେ । (ସିରତ୍ ଇବନେ ହଶାମ୍, ପୃଷ୍ଠା-୨୯୮-୨୯୯ ବାବ୍ ମକତଲ୍ ଅଲ୍ ଅସୁଅଦ୍ ବିନ୍ ଅବ୍ଦୁଲ୍ ଅସଦ୍ ଅଲ୍ ମଖଜୁମି, ମୁଦ୍ରଣ ଦାର୍ ଇବ୍‌ନେ ହଜମ୍, ବେରୁତ ୨୦୦୯) ସେ ହୌଜ୍ ନିକଟରେ ମରିଗଲା କିନ୍ତୁ ସେ ଯେଉଁ କହିଥିଲା କି ପାଣି ପିଇବି ବା ତାକୁ ଖରାପ କରିଦେବି ବୋଲି, ସେ ତାହା କରିପାରିଲା ନାହିଁ ।

ହଜରତ ଅଲ୍ଲୀ ବଦର ଯୁଦ୍ଧ ସମ୍ବନ୍ଧରେ କୁହନ୍ତି- ସେଥିରେ ମୁସଲମାନଙ୍କ ତୁଳନାରେ ଅମାନ୍ୟକାରୀ ସଂଖ୍ୟା ବେଶ୍ ଅଧିକ ଥିଲା । ରାତି ସାରା ହଜୁର ସ.ଆ ଅଲ୍ଲାଃଙ୍କ ନିକଟରେ ଅତ୍ୟନ୍ତ ବିନମ୍ରତାର ସହିତ ଦୁଆରେ ମଗ୍ନ ରହିଥିଲେ । ଯେବେ କୁଫାରଙ୍କ ସେନା ଆମ ନିକଟତର ହେଲା ଓ ଆମେ ତାଙ୍କ ସମ୍ମୁଖରେ ଧାଡ଼ିବାନ୍ଧି ଛିଡ଼ା ହୋଇଗଲୁ ସେହି ସମୟରେ ଅଚାନକ ଜଣେ ବ୍ୟକ୍ତିଙ୍କ ଉପରେ ଆଖି ପଡ଼ିଲା ଯିଏ ଲୋହିତ ଓଟ ଉପରେ ବସିଥିଲା ଓ ଲୋକମାନଙ୍କ ମଝିରେ ତାର ଓଟ ଚାଲୁଥିଲା । ରସୁଲେ କରିମ୍ ସ:ଆ:ସ କହିଲେ ହେ ଅଲୀ! ହମ୍‌ଜାଃ ଯେ କୁଫାରଙ୍କ ନିକଟରେ ଛିଡ଼ା ହୋଇଛନ୍ତି, ତାଙ୍କୁ ଡାକି ପଚାର କି ଏହି ଲୋହିତ ଓଟବାଲା ବ୍ୟକ୍ତି କିଏ ଓ କଣ କହୁଅଛି? ପୁଣି ହଜୁର୍ ସ:ଆ:ସ କହିଲେ କି ଯଦି ଏହି ଲୋକମାନଙ୍କ ଭିତରୁ କେହି ସେମାନଙ୍କୁ ଭଲ କଥାର ଉପଦେଶ ଦେଇପାରେ ତେବେ ସେ ସେହି ଲୋହିତ ଓଟବାଲା ବ୍ୟକ୍ତି ଅଟେ । ଏହି ସମୟରେ ହଜ୍‌ରତ୍ ହମ୍‌ଜାଃ ର:ଅ ମଧ ଆସିଗଲେ । ସେ ଆସି କହିଲେ କି ସେ ହେଉଛି ଉତ୍‌ବାବିନ୍ ରବିୟା ଯିଏ କୁଫାରଙ୍କୁ ଯୁଦ୍ଧ କରିବା ପାଇଁ ମନା କରୁଛି, ଯାହାର ଉତରରେ ଅବୁଜହଲ୍ ତାଙ୍କୁ କହିଲା କି ତୁମେ ହେଉଛ ଭୀରୁ ଓ ଯୁଦ୍ଧ କରିବା ପାଇଁ ଡରୁଛ । ଏଥିରେ ଉତ୍‌ବା ଜୋସ୍‌ରେ ଆସି କହିଲା ଆଜି ଦେଖିବା କିଏ ହେଉଛି ଭୀରୁ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ ପ୍ରଥମ ଖଣ୍ଡ, ପୃଷ୍ଠା-୩୩୮-୩୩୯, ହଦିସ୍-୯୪୮..... ବେରୁତ୍ ୧୯୯୮) ହଜରତ ଅଲ୍ଲୀ କୁହନ୍ତି ଉତବା ବିନ୍ ରବିଆ ଏବଂ ତାପଛରେ ତାହା ପୁତ୍ର ଓ ଭାଇ ବାହାରିଲେ ଏବଂ ଉଚ୍ଚ ଶ୍ୱରରେ କହିଲେ କିଏ ଆମର ମୁକାବିଲା କରିବ । ଏହା ଶୁଣି ଅନ୍‌ସାରର ଅନେକ ଯୁବକ ତାଙ୍କର ଉତର ଦେଲେ । ଉତ୍‌ବା ପଚାରିଲେ ତୁମେ କିଏ? ସେମାନେ କହିଲେ କି ଆମେ ହେଉଛୁ ଅନ୍‌ସାର୍ । ଏଥିରେ ଉତ୍‌ବା କହିଲେ ଆମକୁ ତୁମଠାରୁ କିଛି ନେବାର ନାହିଁ କି ଦେବାର ନାହିଁ । ଆମେ କେବଳ ନିଜ ଚଚାଙ୍କ ପୁତ୍ରମାନଙ୍କ ସହ ମୁକାବିଲା କରିବାର ଆଶା ରଖୁଛୁ ସେତେବେଳେ ହଜୁର ସ.ଆ କହିଲେ ହେ ହମଜାଃ, ହେ ଅଲ୍ଲୀ ଓ ହେ ଉବୈଦାଃ ବିନ୍ ହାରିସ୍ ଆଗକୁ ବଢ଼ । ହମଜାଃ ଉତବା ସହ ମୁକାବିଲା କରିବାକୁ ବଢ଼ିଲେ, ହଜରତ ଅଲ୍ଲୀ କୁହନ୍ତି ମୁଁ ଶୈବାଃ ଆଡ଼କୁ ବଢ଼ିଲି ଏବଂ ଉବୈଦାଃ ଓ ୱଲିଦ୍‌ଙ୍କ ମଧ୍ୟରେ ମୁକାବିଲା ହେଲା । ଓ ଦୁଇଜଣଯାକ ଜଣେ ଅନ୍ୟଜଣକୁ ଲହୁଲୁହାଣ କରିଦେଲେ । ପୁଣି ଆମେ ୱଲିଦ୍‌ଙ୍କ ଆଡକୁ ଧ୍ୟାନ ଆକର୍ଷଣ କରି ତାକୁ ମାରିଦେଲୁ ଓ ଉବୈଦାଃଙ୍କୁ ଯୁଦ୍ଧକ୍ଷେତ୍ରରୁ ଉଠାଇ ନେଇଆସିଲୁ । (ସୁନନେ ଅବୁଦାଉଦ, କିତାବୁଲ୍ ଜିହାଦ୍, ବାବ୍ ଫିଲ୍ ମୁବାରିଜାଃ, ହଦିସ୍ ନଂ-୨୬୬୫) ହଜରତ ହମଜାଃ ଓ ଅଲ୍ଲୀ ନିଜ ନିଜ ବିରୋଦ୍ଧିମାନଙ୍କୁ ହତ୍ୟା କଲେ । ଯେବେ ନବୀ କରିମ୍ ସ:ଆ:ସ କହିଲେ ହେ ହମ୍‌ଜାଃ! ଉଠ ଓ ହେ ଅଲୀ! ଛିଡ଼ାହୁଅ । ହେ ଉବୈଦାଃବିନ୍ ହାରିସ୍! ଆଗକୁ ବଢ଼ । ଏହି ଅବସରରେ ଯେବେ ତିନିଜଣ ଛିଡ଼ା ହୋଇ ଉତ୍‌ବାଙ୍କ ଆଡକୁ ବଢ଼ିଲେ ସେତେବେଳେ ଉତ୍‌ବା କହିଲେ କିଛି କଥା ହୁଅ, ଯଦ୍ୱାରା ଆମେ ତୁମକୁ ଚିହ୍ନିନେବୁ । କାରଣ ସେମାନେ ଖୁଦ୍ (ହେଲ୍‌ମେଟ୍) ପିନ୍ଧିଥିଲେ । ସେଥିଯୋଗୁ ତାଙ୍କର ମୁହଁ ଲୁଚି ରହିଥିଲା । ଏହି ଅବସରରେ ହଜରତ୍ ହମ୍‌ଜାଃ କହିଲେ ମୁଁ ହେଉଛି ହମଜାଃ ଯିଏ ଅଲ୍ଲାଃ ଓ ତାଙ୍କ ରସୁଲ୍ ସ:ଆ:ସଙ୍କ ସିଂହ ଅଟେ । ଏଥିରେ ଉତ୍‌ବା କହିଲା ଭଲ ମୁକାବିଲା ହେବ । (ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଦ୍, ଖଣ୍ଡ-୨, ପୃଷ୍ଠା-୧୨... ବେରୁତ୍ ୧୯୯୦) ହଜରତ ହମଜାଃଙ୍କ ନିଜ ଅଦମ୍ୟ ସାହସର ପ୍ରମାଣ ଦେବା ଓ ନିଜକୁ ଚିହ୍ନଟ କରିବା ତଥା ବଦର ଯୁଦ୍ଧରେ ଅମାନ୍ୟକାରୀଙ୍କୁ ଭୟଭୀତ କରିବା ନିମନ୍ତେ ନିଜ ଛାତିରେ ଓଟପକ୍ଷୀର ପର ଲଗାଇଥିଲେ । ହଜରତ ଅବଦୁର୍ ରହେମାନ୍ ବିନ୍ ଅୱ୍‌ଫ୍ ବର୍ଣ୍ଣନା କରନ୍ତି କି ଉମୟା ବିନ୍ ଖଲଫ୍ କୁରେଶର ସରଦାରମାନଙ୍କ ମଧ୍ୟରୁ ଥିଲା ଯେ ହଜରତ ବିଲାଲଙ୍କୁ ନିର୍ଯ୍ୟାତନା ଦେଉଥିଲା । ବଦର ଯୁଦ୍ଧରେ ସେ ଅନସାରଙ୍କ ହାତରେ ନିହତ ହେଲା । ସେ ମୋତେ ପଚାରିଲେ ଏ କିଏ ଯାହାର ଛାତିରେ ଓଟପକ୍ଷୀର ପର ଲାଗିଛି । ମୁଁ ଉତର ଦେଲି ସେ ହମଜାଃ ବିନ୍ ଅବଦୁଲ୍ ମୁତଲିବ୍ ଅଟନ୍ତି । ଉମୟା କହିଲେ ଏ ହେଉଛନ୍ତି ସେହି ବ୍ୟକ୍ତି ଯେ ଆଜି ଆମକୁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ କରିଛି । (ସିରତ୍ ଇବ୍‌ନେ ହଶାମ୍, ପୃଷ୍ଠା-୩୦୨ ବାବ୍ ମକ୍‌ତଲ୍ ଉମୟା ବିନ୍ ଖଲଫ, ମୁଦ୍ରଣ ଦାରେ ଇବ୍‌ନେ ହଜମ୍ ବେରୁତ୍ ୨୦୦୯)

ଇଂରେଜ ଐତିହାସିକ ସର୍ ଉଲିୟମ୍ ମିୟୁର୍ ବଦର ଯୁଦ୍ଧ ସମ୍ବନ୍ଧରେ ହଜରତ ହମଜାଃଙ୍କ ଉପସ୍ଥିତି ସମ୍ବନ୍ଧରେ ଲେଖିଛନ୍ତି ହମ୍‌ଜାଃ (ଛାତିରେ) ଲହରୁଥିବା ଓଟପକ୍ଷୀ ପର ସହିତ ପ୍ରତ୍ୟେକ ସ୍ଥାନରେ ଦୃଶ୍ୟମାନ ହେଉଥିଲେ । (The life of mohammad sir William Muir, heading battle of Ohod pg-260, Edition-1923) ଏବଂ ଉକ୍ତ ଯୁଦ୍ଧରେ ସେମାନେ ଅନେକ ସରଦାରଙ୍କୁ ନିହତ କଲେ ।

ଓ୍ୱହଦ ଯୁଦ୍ଧରେ ମଧ ସେ ନିଜ ବୀରତ୍ୱ ପ୍ରଦର୍ଶନ କରିଥିଲେ । ଆପଣଙ୍କ ଏହି ବୀରତ୍ୱ କୁରେଶ ମକ୍କାଙ୍କ ଆଖିରେ ଫୋଡ଼ି ହେଉଥିଲା ବୁଖାରୀ ହଦିସ୍‌ରେ ଏଥିସମ୍ବନ୍ଧରେ ଲେଖାଅଛି କି-

ହଜ୍‌ରତ୍ ଜାଫର୍ ବିନ୍ ଉମ୍‌ରୋ ବିନ୍ ଉମେୟା ଜମିରି କହୁଛନ୍ତି କି ମୁଁ ଅବ୍‌ଦୁଲା ବିନ୍ ଅଦି ବିନ୍ ଖେୟାରଙ୍କ ସହିତ ଗସ୍ତରେ ଗଲି । ଆମେ ସିରିଆ ଦେଶର ପ୍ରସିଦ୍ଧ ସହର ହମସ୍‌ରେ ପହଂଚିଲୁ । ଅବ୍‌ଦୁଲା ବିନ୍ ଅଦି ମୋତେ କହିଲେ କି କଣ ତୁମେ ୱହ୍‌ଶି ବିନ୍ ହରବ୍ ହବ୍‌ଶିଙ୍କ ସହିତ ମିଳିବାକୁ ଚାହୁଁଛ । ହଜ୍‌ରତ୍ ହମ୍‌ଜାଙ୍କ ହତ୍ୟା ବିଷୟରେ ତାଙ୍କଠାରୁ ପଚାରି ବୁଝିବା । ସୁତରାଂ ଆମେ ୱହ୍‌ସି, ଯିଏ ହମସ୍‌ରେ ରହୁଥିଲେ ତାଙ୍କ ଠିକଣା ବୁଝିନେଲୁ । ଆମକୁ କୁହାଗଲା କି ସେ ନିଜ ଘରର ଛାତ ତଳେ ବସିଛି । ଜାଫର୍ କହୁଛନ୍ତି ଆମେ ତା ପାଖରେ ଯାଇ କିଛି ସମୟ ଛିଡ଼ା ହୋଇ ରହିଲୁ ଓ ସଲାମ୍ କହିଲୁ । ସେ ସଲାମ୍‌ର ଉତର ଦେଲା । ପୁଣି ସେ କହୁଥିଲେ ଅବ୍‌ଦୁଲା ସେ ସମୟରେ ପଗଡ଼ି ପିନ୍ଧିଥିଲେ । ମୁଣ୍ଡ ଓ ମୁହଁ ଘୋଡାଇ ହୋଇଥିଲେ । ୱହ୍‌ସି କେବଳ ତାଙ୍କର ଆଖି ଓ ପାଦକୁ ଦେଖିପାରୁଥିଲା । ଅବ୍‌ଦୁଲା ୱହ୍‌ସିକୁ କହିଲେ କଣ ତୁମେ ମୋତେ ଚିହ୍ନିପାରୁଛ? ସେ ବହୁତ ନିରୀକ୍ଷଣ କରି ତାକୁ ଦେଖିଲା ଓ କହିଲା ଅଲ୍ଲାଃଙ୍କ ରାଣ କେବଳ ଏତିକି ମୁଁ ଜାଣିପାରୁଛି କି ଅଦିବିନ୍ ଖିଆର୍ ଜଣେ ମହିଳାକୁ ବିବାହ କରିଥିଲେ । ସେ ମକାରେ ଅଦିଙ୍କ ତରଫରୁ ଗୋଟିଏ ପୁତ୍ର ଜନ୍ମ ଦେଲା । ଓ ମୁଁ ସେହି ପିଲାକୁ କ୍ଷୀର ପିଆଉଥିଲି ଓ ପିଲାକୁ ଉଠାଇ ତା ମା' ପାଖକୁ ନେଇ ଦେଇଦେଉଥିଲି । ତେଣୁ ମୁଁ ତୁମର ପାଦକୁ ଦେଖିସାରିଛି, ଯେଉଁଥିରୁ ଜଣାପଡ଼ିଛି ସେଇ ପିଲା ହେଉଛ ତୁମେ । ଅର୍ଥାତ୍ ସେ ପାଦକୁ ଦେଖି ଚିହ୍ନିନେଲା । ଏହା ଶୁଣି ଅବ୍‌ଦୁଲା ନିଜ ମୁହଁ ଖୋଲି କହିଲେ ହମ୍‌ଜାଃଙ୍କ ହତ୍ୟା ଘଟଣା ବିଷୟରେ ଆମକୁ ବତାଓ । ସେ କହିଲା ହଜ୍‌ରତ୍ ହମ୍‌ଜାଃ ତୁଐମା ବିନ୍ ଅଦି ବିନ୍ ଖିୟାର୍‌ଙ୍କୁ ବଦର୍ ଯୁଦ୍ଧରେ ହତ୍ୟା କରିଥିଲେ । ମୋର ମୁନିବ ଜୁବେର୍ ବିନ୍ ମତଅମ୍ ମୋତେ କହିଲେ କି ଯଦି ତୁମେ ମୋ ଚାଚାଙ୍କ ପ୍ରତିଶୋଧ ନେଇ ହମ୍‌ଜାଃଙ୍କୁ ହତ୍ୟା କରିଦେବ ତେବେ ତୁମେ ସ୍ୱାଧୀନ ହୋଇଯିବ । ପୁଣି ସେ କହିଲା- ଯେବେ ଲୋକମାନେ ଦେଖିଲେ କି ୱହଦ୍ ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି ଏବଂ ଐନେନ୍ ଯାହା ୱହଦ୍ ପାହାଡ ଭିତରୁ ଗୋଟିଏ ପାହାଡ଼ ଅଟେ । ମୁଁ ମଧ ଲୋକମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ବାହାରିଲି । ଯେତେବେଳେ ଲୋକମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ଧାଡ଼ି ବାନ୍ଧି ଛିଡାହେଲେ ସେତେବେଳେ ସିବାଓ ରଣକ୍ଷେତ୍ରକୁ ବାହାରିଲା ଓ କହିଲା କିଏ ମୋ ସହିତ ମୁକାବିଲା କରିବା ପାଇଁ ବାହାରିବ । ଏହା ଶୁଣି ହଜରତ୍ ହମ୍‌ଜାଃ ତା ମୁକାବିଲା କରିବା ପାଇଁ ବାହାରିଲେ ଏବଂ କହିଲେ ହେ ସିବାଅ! କଣ ତୁମେ ଅଲ୍ଲାଃ ଏବଂ ତା ରସୁଲ୍ ସ:ଆ:ସଙ୍କ ମୁକାବିଲା କରୁଛ । ଏହା କହି ହମ୍‌ଜାଃ ତା ଉପରେ ଆକ୍ରମଣ କଲେ ଓ ସେ ଶେଷ ହୋଇଗଲା । ୱହ୍‌ସି କହିଲା କି ମୁଁ ଗୋଟିଏ ବଡ଼ ପଥର ତଳେ ହଜରତ୍ ହମ୍‌ଜାଃଙ୍କ ଅନ୍ୱେଷଣରେ ବସିଥିଲି । ଯେତେବେଳେ ସେ ମୋ ନିକଟକୁ ଆସିଲେ ମୁଁ ତାଙ୍କୁ ଉପରକୁ ନିଜର କନ୍ତକୁ ମାରିଲି । ଏବଂ କନ୍ତକୁ ତାଙ୍କ ନାଭିତଳେ ଦେଇ ଜୋର୍‌ରେ ଦବାଇ ପେଟର ଆରପାର୍ କରିଦେଲେ । ଏହା ତାଙ୍କର ଶେଷ ମୁହୂର୍ତ ଥିଲା । ଯେତେବେଳେ ଲୋକମାନେ ଫେରିଲେ ମୁଁ ମଧ ଫେରି ମକାରେ ରହିଲି । ମୁଁ ସେପର୍ଯ୍ୟନ୍ତ ରହିଲି ଯେବେ ଇସ୍‌ଲାମ୍ ସେଠାରେ ପ୍ରସାର କରିଗଲା । ତାପରେ ମୁଁ ସେଠାରୁ ବାହାରି ତାଏଫ୍ ଚାଲିଗଲା । ଲୋକମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ପ୍ରତିନିଧି ପଠାଇଲେ । ମୁଁ ମଧ ତାଙ୍କ ସହିତ ଗଲି । ରସୁଲୁଲ୍ଲାଃ ମୋତେ ଦେଖି କହିଲେ ତୁମେ କଣ ୱହ୍‌ସି? ମୁଁ କହିଲି ହଁ । ପୁଣି ସେ କହିଲେ ତୁମେ ହମ୍‌ଜାଃଙ୍କୁ ହତ୍ୟା କରିଥିଲ? ମୁଁ କହିଲି ଠିକ୍ କହୁଛନ୍ତି । ଏଥିରେ ଆପଣ ସ:ଆ:ସ କହିଲେ ଯେତେ ସମ୍ଭବ ତୁମେ ମୋ ସମ୍ମୁଖକୁ ଆସନାହିଁ । ସେ କହିଲା ଏହା ଶୁଣି ମୁଁ ସେଠାରୁ ବାହାରି ଚାଲିଗଲି । ଯେବେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ହେଲା ଓ ମୁସିଲିମା କଜାବ୍ ବିଦ୍ରୋହ କଲା ସେତେବେଳେ ମୁଁ କହିଲି କି ମୁଁ ମୁସ୍‌ଲିମାଙ୍କ ନିକଟକୁ ଯାଇ ତାଙ୍କୁ ହତ୍ୟା କରିବି ଓ ଏହିପରି ହଜରତ୍ ହମ୍‌ଜାଃଙ୍କ ସହିତ କରିଥିବା ପାପର କଫାରା କରିବି । ସେ କହୁଛନ୍ତି କି ମୁଁ ମଧ ଯୁଦ୍ଧ କରିବା ପାଇଁ ବାହାରିଲି । ଯୁଦ୍ଧ ଭୂମିରେ ମୁଁ ଦେଖିଲି କି ଜଣେ ବ୍ୟକ୍ତି କାନ୍ଥ ଆଢୁଆଳରେ ଛିଡ଼ା ହୋଇଛନ୍ତି । ଏପରି ଲାଗୁଥିଲା ଯେପରି ଗୋଟିଏ ଗହମ ରଙ୍ଗର ଓଟ । ସେ କହୁଛନ୍ତି ମୁଁ ତା ଉପରକୁ କନ୍ତ ମାରିଲି ଓ ତା ଛାତି ମଝିରେ ରଖି ଦବାଇ ଦେଲି । କନ୍ତଟି ତା ପିଠିପଟକୁ ବାହାରିଗଲା । ଏହାପରେ ଜଣେ ଅନ୍‌ସାରି ମଧ ତା ବେକକୁ କାଟିଦେଲେ । (ସହି ବୁଖାରୀ, କିତାବୁଲ୍ ମଗାଜି ବାବ କତଲ୍ ହମ୍‌ଜାଃବିନ୍ ଅବ୍‌ଦୁଲ୍ ମୋତଲବ୍ ହଦିସ-୪୦୭୨)

ଅମିର ବିନ୍ ଇସହାକ୍ ବର୍ଣ୍ଣନା କରିଛନ୍ତି କି ୱହଦ୍ ଯୁଦ୍ଧରେ ହଜରତ ହମଜାଃ ହଜୁର ସ.ଆଙ୍କ ସମ୍ମୁଖରେ ଦୁଇଟି ତରୱାଲରେ ଲଢୁଥିଲେ ଏବଂ କହୁଥିଲେ କି ମୁଁ ଅଲ୍ଲାଃଙ୍କ ସିଂହ । ସେ କେତେବେଳେ ଆଗକୁ ବଢୁଥିଲେ ତ କେତେବେଳେ ପଛକୁ ଫେରି ଲଢୁଥିଲେ, ଏପରି ଅବସ୍ଥାରେ ହଠାତ୍ ତାଙ୍କ ଗୋଡ଼ ଖସୁଡ଼ିଲା ଏବଂ ସେ ପିଠିମାଡ଼ି ତଳେ ପଡ଼ିଗଲେ ତାଙ୍କର ଏହି ଅବସ୍ଥା ଓହଶି ଅସୱଦ୍ ଦେଖିନେଲା । ଅବୁ ଉସାମା କୁହନ୍ତି ଏହାର ସୁଯୋଗ ନେଇ ସେ ତାଙ୍କୁ ଖୁବ୍ ତୀବ୍ରତାର ସହିତ ବର୍ଚ୍ଛା ମାରିଲା ଏବଂ ଶହିଦ୍ କରିଦେଲା । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଦ୍ ଖଣ୍ଡ-୩, ପୃଷ୍ଠା-୬, ହମ୍‌ଜାଃବିନ୍ ଅବ୍‌ଦୁଲ୍ ମତଲବ୍, ମୁଦ୍ରଣ-ଦାରୁଲ୍ କୁତୁବ୍, ଅଲ୍‌ଅଲମିୟା ବେରୁତ୍ ୧୯୯୦) ହଜରତ ହମଜାଃ ହିଜରତ୍ ନବୀର ୨୦ତମ ମାସରେ ଓହଦ୍ ଯୁଦ୍ଧରେ ଶହିଦ୍ ହେଲେ । ସେତେବେଳେ ତାଙ୍କୁ ୫୯ବର୍ଷ ହୋଇଥିଲା । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଦ୍ ଖଣ୍ଡ-୩, ପୃଷ୍ଠା-୬, ହମ୍‌ଜାଃବିନ୍ ଅବ୍‌ଦୁଲ୍ ମତଲବ୍, ମୁଦ୍ରଣ-ଦାରୁଲ୍ କୁତୁବ୍, ଅଲ୍‌ଅଲମିୟା ବେରୁତ୍ ୧୯୯୦) ରିୱାୟତ୍‌ରେ ଆସୁଛି କି ଅବୁ ସୁଫିଆନ୍‌ର ସ୍ତ୍ରୀ ହିନ୍ଦ୍ ୱହଦ୍ ଯୁଦ୍ଧ ଦିନ ସେନାଙ୍କ ସହିତ ଆସିଥିଲା । ସେ ତା ବାପାଙ୍କ ପ୍ରତିଶୋଧ ନେବାପାଇଁ ଆସିଥିଲା, ଯିଏ ବଦର୍ ଯୁଦ୍ଧରେ ହମ୍‌ଜାଙ୍କ ହାତରେ ମୃତ୍ୟୁବରଣ କରିଥିଲା । ହିନ୍ଦ୍ ଏ ମାନସିକ କରିଥିଲା କି ଯଦି ମୋତେ ଅବସର ମିଳିବ ତେବେ ମୁଁ ହମ୍‌ଜାଃଙ୍କ କଲିଜାକୁ ଚୋବାଇବି । ଯେତେବେଳେ ଏପରି ପରିସ୍ଥିତି ଆସିଲା ଓ ହଜରତ୍ ହମ୍‌ଜାଙ୍କ ଉପରେ ବିପତି ପଡ଼ିଲା ସେତେବେଳେ ମୁଶ୍‌ରିକିନ୍‌ମାନେ ଶହିଦ୍ ହୋଇଥିବା ଲୋକମାନଙ୍କୁ ମୁସ୍‌ଲା (ମୃତୁବ୍ୟକ୍ତିଙ୍କ ଆଖି, କାନ ଓ ନାକ କାଟିବା) କରିଦେଲେ ଓ ହମ୍‌ଜାଃଙ୍କ କଲିଜାର ଗୋଟିଏ ଅଂଶ ବାହାର କରି ଆଣିଲେ । ହିନ୍ଦ୍

ତାହା ଚୋବାଇବାକୁ ଲାଗିଲା । କିନ୍ତୁ ଯେତେବେଳେ ସେ ତାକୁ ଗିଳିପାରିଲା ନାହିଁ ଫିଙ୍ଗିଦେଲା । ଏହି ଘଟଣା ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ଜାଣିଲେ ଆପଣ ସ:ଆ:ସ କହିଲେ କି ଅଲ୍ଲାଃତାଲା ମିଆଁଙ୍କୁ ସବୁବେଳ ପାଇଁ ହମ୍‌ଜାଃଙ୍କ ମାଂସରୁ କିଛି ମଧ ଚାଖିବା ପାଇଁ ହରାମ କରିଦେଇଛନ୍ତି । (ତବକାତୁଲ୍ କୁବ୍‌ରା ଲି ଇବ୍‌ନେ ସାଦ୍, ଖଣ୍ଡ-୩, ପୃଷ୍ଠା-୮, ହମ୍‌ଜାଃବିନ୍ ଅବ୍‌ଦୁଲ୍ ମତଲବ୍, ମୁଦ୍ରଣ-ଦାରୁଲ୍ କୁତୁବ୍, ଅଲ୍‌ଅଲ୍‌ମିୟା ବେରୁତ୍ ୧୯୯୦) ଆଁ ହଜ୍‌ରତ୍ ସ:ଆ:ସ ହମ୍‌ଜାଃଙ୍କ ମୃତ ଶରୀର ପାଖରେ ଆସି ଯେଉଁ ଭାବନାକୁ ଅଭିବ୍ୟକ୍ତ କଲେ ଓ ତାଙ୍କର ଉଚ୍ଚ ସ୍ତର ବିଷୟରେ ଯେଉଁ ସୁସମ୍ବାଦ ଦେଲେ ସେ ସମ୍ବନ୍ଧରେ ରିଓ୍ୱାୟତ୍ ଆସୁଛି କି ରସୁଲେ କରିମ୍ ସ:ଆ:ସ ଯେବେ ହମ୍‌ଜାଃଙ୍କ ମୃତ ଶରୀରକୁ ଦେଖିଲେ ସେତେବେଳେ ତାଙ୍କର କଲିଜାକୁ ବାହାର କରି ଚୋବାଇ ଦିଆଯାଇଥିଲା । ସିରତ୍ ଇବ୍‌ନେ ହିଶାମ୍‌ରେ ଦରଜ ଅଛି ହଜୁର ସ.ଆ ହଜରତ ହମଜାଃଙ୍କ ମର ଶରୀର ନିକଟରେ ଛିଡ଼ା ହୋଇ କହିଲେ ହେ ହମଜାଃ ! ତୁମର ଏପରି କଷ୍ଟଠାରୁ ବଳି କୌଣସି କଷ୍ଟ ମୋତେ ପହଂଚିନଥିଲା । ମୁଁ ଆଠାରୁ ବଳି ହୃଦୟ ବିଦାରକ ଦୃଶ୍ୟ କଦାପି ଦେଖିନଥିଲି । **ହଜୁର ସ.ଆ ଆହୁରି କହିଲେ ମୋତେ ହଜରତ ଜିବରିଲ୍ ଆସି ଖବର ଦେଇଛନ୍ତି କି ହମଜାଃ ବିନ୍ ଅବଦୁଲ୍ ମୁତଲିବ୍‌ଙ୍କୁ ସାତ (ଗୋଟି) ଆକାଶରେ ଅଲ୍ଲାଃ ଓ ରସୁଲ୍‌ଙ୍କର ସିଂହ ଲେଖାଯାଇଛି** । (ସିରତ୍ ଇବ୍‌ନେ ହଶାମ୍, ପୃଷ୍ଠା-୩୯୫ ବାବ୍ ଓ୍ୱକୁଫୁନ୍ ନବୀ ସ:ଆ:ସ ହମ୍‌ଜାଃ... ବେରୁତ୍ ୨୦୦୯)

ହଜରତ ଯୁବେର୍ ବର୍ଣ୍ଣନା କରନ୍ତି ଓହଦ୍ ଯୁଦ୍ଧର ଅନ୍ତିମ ଦିବସରେ ମୋ ମାତା ହଜରତ ସଫିୟା ଅତ୍ୟନ୍ତ ତିବ୍ର ବେଗରେ ଆସୁଥିବାର ଦୃଶ୍ୟମାନ ହେଲେ । ହଜୁର ସ.ଆ ତାହା ପସନ୍ଦ କଲେ ନାହିଁ କି କୌଣସି ମହିଳା ଆସି (ଶହିଦ୍‌ଙ୍କ) ମର ଶରୀରକୁ ଦେଖନ୍ତୁ ତେଣୁ ଆପଣ କହିଲେ ତାଙ୍କୁ ଅଟକାଅ । ଅତଏବ ମୁଁ ତାଙ୍କ ଆଡ଼କୁ ଦୌଡ଼ିଲି କିନ୍ତୁ ସେ ମୋତେ ଦେଖି ମୋତେ ପଛକୁ ଧକା ଦେଇ କହିଲେ ବାଟ ଛାଡ଼େ ମୁଁ ତୋର କୌଣସି କଥା ଶୁଣିବି ନାହିଁ । ମୁଁ କହିଲି ହଜୁର ସ.ଆ ଆପଣଙ୍କୁ ଅଟକାଇବାକୁ କହିଛନ୍ତି, ଆପଣ ସେହି ମର ଶରୀରକୁ ଦେଖନ୍ତୁ ନାହିଁ । ଏହା ଶୁଣି ସେ ଅଟକି ଗଲେ ଏବଂ ନିଜ ପାଖରେ ଥିବା ଦୁଇ ଗୋଟି କପଡ଼ା ବାହାର କରି କହିଲେ ଏହା ମୁଁ ନିଜ ଭାଇ ହମଜାଃଙ୍କ ପାଇଁ ଆଣିଛି ମୋତେ ତାଙ୍କ ଶହିଦ୍ ହେବାର ଖବର ମିଳିଛି ।

ତେବେ ଏପରି ଥିଲା ସେମାନଙ୍କ ଆଜ୍ଞାକାରୀତା ଅର୍ଥାତ ଏପରି ମ୍ରିୟମାଣ ଓ ଦୁଃଖଦ ପରିସ୍ଥିତି ସତ୍ୱେ ସେମାନେ ହଜୁର ସ.ଆଙ୍କ ଆଦେଶ ଶୁଣିବା ସଙ୍ଗେସଙ୍ଗେ ନିଜ ଭାବନାକୁ ନିୟନ୍ତ୍ରଣ କରିବା ସହିତ ନିଜକୁ ଅଟକାଇ ଦେଉଥିଲେ । **ଏହା ହେଉଛି ପୂର୍ଣ୍ଣ ଆଜ୍ଞାକାରୀତା** । ଓ ସେ କହିଲେ କି ମୁଁ ମୋ ଭାଇପାଇଁ କପଡ଼ା ଆଣିଛି । ଶହିଦ୍ ହେବାର ଖବର ମୋତେ ମିଳିଯାଇଛି । ତେଣୁ ତୁମେ ତାଙ୍କୁ ଏହି କପଡ଼ାରେ କଫନ୍ ଦିଅ । ଯେବେ ଆମେ ହଜ୍‌ରତ୍ ହମ୍‌ଜାଃ ର:ଅଙ୍କୁ ଉକ୍ତ ଦୁଇଗୋଟି କପଡ଼ାରେ କଫନ୍ ଦେବାକୁ ଲାଗିଲୁ ସେତେବେଳେ ଏହା ଦେଖିଲୁ କି ତାଙ୍କ ନିକଟରେ ଜଣେ ଅନ୍‌ସାରି ଶହିଦ୍ ହୋଇ ପଡ଼ିଛନ୍ତି । ତାଙ୍କ ସହିତ ବି ସେହିଭଳି ବ୍ୟବହାର କରାଯାଇଥିଲା ଯେଉଁଭଳି ହଜ୍‌ରତ୍ ହମ୍‌ଜାଙ୍କ ସହିତ କରାଯାଇଥିଲା । ଆମେ ଏଥିରେ ବହୁତ ଲଜିତ ହେଲୁ କି ହଜ୍‌ରତ୍ ହମ୍‌ଜାଃଙ୍କୁ ଦୁଇଟି କପଡ଼ାରେ କଫନ୍ ଦେବୁ । ଯଦି ଚ ଏହି ଅନ୍‌ସାରୀଙ୍କୁ ଗୋଟିଏ କପଡ଼ା ମଧ ମିଳୁନାହିଁ । ତେଣୁ ଆମେ ଏହା ବିଚାର କଲୁ କି ଗୋଟିଏ କପଡ଼ାରେ ହଜ୍‌ରତ୍ ହମ୍‌ଜାଃ ର:ଅଙ୍କୁ ଓ ଅନ୍ୟ କପଡ଼ାଟିରେ ଅନ୍‌ସାରି ସାହାବୀ ର:ଅଙ୍କୁ କଫନ୍ ଦେବୁ । ଯେତେବେଳେ ଅନୁମାନ ଲଗାଇଲୁ ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ଅଧିକ ଲମ୍ବା ଥିଲେ । ତେଣୁ ଆମେ ଟସ୍ ପକାଇଲୁ । ଯାହା ନାମରେ ଯେଉଁ କପଡ଼ା ବାହାରିଲା ସେହି କପଡ଼ାରେ ତାଙ୍କୁ ଦଫନ କଲୁ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ପ୍ରଥମ ଖଣ୍ଡ, ପୃଷ୍ଠା-୪୫୨, ହଦିସ୍-୧୪୧୮.... ବେରୁତ୍ ୧୯୯୮)

ହଜରତ ହମଜାଃଙ୍କୁ ଗୋଟିଏ କପଡ଼ାରେ କଫନ୍ ଦିଆଯାଇଥିଲା ଯେଉଁଥିରେ ତାଙ୍କର ମୁଣ୍ଡକୁ ଘୋଡ଼ାଇବା ଫଳରେ ପାଦଦ୍ୱୟ ମୁକୁଳା ହୋଇଯାଉଥିଲା ଏବଂ ପାଦକୁ ଘୋଡ଼ାଇବାରୁ ମୁଖମଣ୍ଡଳ ମୁକୁଳା ରହିଯାଉଥିଲା । ତେଣୁ ହଜୁର ସ.ଆ କହିଲେ ତାଙ୍କର ମୁହଁ ଢାଙ୍କିଦିଅ ଏବଂ ପାଦକୁ ହର୍‌ମଲ୍ ବା ଇଜ୍‌ଖିର୍ ଘାସରେ ଢାଙ୍କିଦିଅ । ହଜ୍‌ରତ୍ ହମ୍‌ଜାଃ ଓ ହଜ୍‌ରତ୍ ଅବ୍‌ଦୁଲା ବିନ୍ ଜହଶ ଯିଏ ତାଙ୍କର ଭଣଜା ଥିଲେ ଦୁଇଜଣଯାକ ଗୋଟିଏ କବରରେ ଦଫନ ହେଲେ । ନବୀ କରିମ୍ ସ:ଆ:ସ ସର୍ବପ୍ରଥମେ ହଜ୍‌ରତ୍ ହମ୍‌ଜାଃଙ୍କ ନମାଜ ଯନାଜାଃ ପଢ଼ାଇଲେ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଦ୍ ଖଣ୍ଡ-୩, ପୃଷ୍ଠା-୬-୭, ହମ୍‌ଜାଃବିନ୍ ଅବ୍‌ଦୁଲ୍ ମତଲବ୍, ମୁଦ୍ରଣ-ଦାରୁଲ୍ କୁତୁବ୍, ଅଲ୍‌ଅଲ୍‌ମିୟା ବେରୁତ୍ ୧୯୯୦), (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୭, ପୃଷ୍ଠା-୭୨, ହଦିସ୍-୨୧୩୮୭.... ବେରୁତ୍ ୧୯୯୮)

ହଜ୍‌ରତ୍ ଅବ୍‌ଦୁଲା ବିନ୍ ମସ୍‌ଉଦ୍‌ଙ୍କ ଠାରୁ ବର୍ଣ୍ଣିତ କି ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ହମ୍‌ଜାଃଙ୍କ ମୃତୁ ଶରୀରକୁ ସମ୍ମୁଖରେ ରଖି ତାଙ୍କ ନମାଜ ଯନାଜାଃ ପଢ଼ାଇଲେ । ଜଣେ ଅନ୍‌ସାରି ସାହାବୀଙ୍କ ମୃତ ଶରୀରକୁ ତାଙ୍କ କଡ଼ରେ ରଖାଗଲା ଓ ଆପଣ ସ:ଆ:ସ ତାଙ୍କର ନମାଜ ଯନାଜାଃ ପଢ଼ାଇଲେ । ପୁଣି ସେହି ଅନ୍‌ସାରୀଙ୍କ ମୃତ ଶରୀରକୁ ଉଠାଇ ନିଆଗଲା । କିନ୍ତୁ ହଜ୍‌ରତ୍ ହମ୍‌ଜାଃଙ୍କ ମୃତ ଶରୀରକୁ ସେଇଠାରେ ରହିବାକୁ ଦିଆଗଲା । ଏପରିକି ସେହି ଦିନ ହଜୁର ସ.ଆ ହମଜାଃଙ୍କ ସହିତ ଅନ୍ୟ ଶହିଦମାନଙ୍କ ଜନାଯାଃ ୭୦ଥର ପାଠ କଲେ । କାରଣ ପ୍ରତ୍ୟେକ ଥର ହମଜାଃଙ୍କ ମର ଶରୀର ସେହିଠାରେ ରହିଥିଲା । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଦ୍ ଖଣ୍ଡ-୩, ପୃଷ୍ଠା-୧୧, ହମ୍‌ଜାଃବିନ୍ ଅବ୍‌ଦୁଲ୍ ମତଲବ୍, ମୁଦ୍ରଣ-ଦାରୁଲ୍ କୁତୁବ୍, ଅଲ୍‌ଅଲ୍‌ମିୟା ବେରୁତ୍ ୧୯୯୦)

ହଜ୍‌ରତ୍ ଅବୁ ହୁରେରାଙ୍କ ଠାରୁ ବର୍ଣ୍ଣିତ କି ହଜ୍‌ରତ୍ ହମ୍‌ଜାଃ ତାଙ୍କ ନିକଟ ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ସହିତ ଉତମ ବ୍ୟବହାର କରୁଥିଲେ ଓ ସବୁପ୍ରକାର ପୁଣ୍ୟ କାର୍ଯ୍ୟରେ ସର୍ବଦା ଜଡିତ ରହୁଥିଲେ । ସୁତରାଂ ଶହିଦ୍ ହେବାପରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ହମ୍‌ଜାଙ୍କ ମୃତ ଶରୀରକୁ ସମ୍ବୋଧନ କରି କହିଲେ ଅଲ୍ଲାଃଙ୍କ କରୁଣା ତୁମ ଉପରେ ଅବତୀର୍ଣ୍ଣ ହେଉ । ଆପଣ ଏପରି ବ୍ୟକ୍ତି ଥିଲେ କି ଜଣାନାହିଁ ଏପରି ସିଲା ରହ୍‌ମି (ନିକଟ ସମ୍ପର୍କ ସହିତ ଉତମ ବ୍ୟବହାର) କରିବା ବାଲା ଓ ପୁଣ୍ୟ କାର୍ଯ୍ୟ କରିବା ବାଲା ଆଉ କିଏ ହେବ ବୋଲି । ଆଜିଠାରୁ ଆପଣଙ୍କ ଉପରେ କୌଣସି ଦୁଃଖ ହେବନାହିଁ । (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଦ୍ ଖଣ୍ଡ-୩, ପୃଷ୍ଠା-୯, ହମ୍‌ଜାଃବିନ୍ ଅବ୍‌ଦୁଲ୍ ମତଲବ୍, ମୁଦ୍ରଣ-ଦାରୁଲ୍ କୁତୁବ୍, ଅଲ୍‌ଅଲ୍‌ମିୟା ବେରୁତ୍ ୧୯୯୦) ରସୁଲୁଲ୍ଲା ସ:ଆ:ସଙ୍କ ଚାଚା ଓ ମୁସଲ୍‌ମାନ୍ ମାନଙ୍କର ଏହି ବାହାଦୁର୍ ସର୍ଦ୍ଦାର ହଜ୍‌ରତ୍ ହମ୍‌ଜାଃଙ୍କ ତଦ୍‌ଫିନ୍ (କବର ଦେବା) ଯେଉଁ ପ୍ରକାର ଅଭାବନୀୟ ଅବସ୍ଥାରେ ହେଲା, ସେ ବିଷୟରେ ସାହାବାମାନେ ବହୁତ ଦୁଃଖ ଅନୁଭବ କରୁଥିଲେ । ପରେ ଯେତେବେଳେ ସମୃଦ୍ଧିର ସମୟରେ ହଜ୍‌ରତ୍ ଖବାବ୍ ଉକ୍ତ ଅଭାବ ସମୟକୁ ମନେପକାଇ କହୁଥିଲେ କି ହଜ୍‌ରତ୍ ହମ୍‌ଜାଃଙ୍କ କଫନ୍‌ରେ ଗୋଟିଏ ଚାଦର ଥିଲା ଓ ତାହା ମଧ ସମ୍ପୂର୍ଣ୍ଣ ହେଉନଥିଲା । ତେଣୁ ମୁଣ୍ଡକୁ ଢ଼ାଙ୍କି ଦିଆଗଲା ଓ ପାଦ ଉପରେ ଘାସ ପକାଇ ଘୋଡାଇ ଦିଆଗଲା । ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୭, ପୃଷ୍ଠା-୭୧-୭୨, ହଦିସ୍-୨୧୩୮୭.... ବେରୁତ୍ ୧୯୯୮)

ସେହିପରି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ ବିନ୍ ଔଫ୍‌ଙ୍କର ମଧ ଏହି ପ୍ରକାରର ଗୋଟିଏ ଘଟଣା ଅଛି । ଏକଦା ସେ ରୋଜା ରଖିଥିଲେ । ଇଫ୍‌ତାରି ସମୟରେ ବହୁତ ଭଲ ଭଲ ଖାଦ୍ୟ ତାଙ୍କୁ ଦିଆଗଲା । ତାହା ସବୁ ଦେଖି ସେ ସମୟର ଅଭାବ ଅସୁବିଧା ମନେ ପଡ଼ିଗଲା ଅର୍ଥାତ୍ ଅଭାବର ସମୟ ମନେ ପଡ଼ିଗଲା । ସେ କହିଲେ କି ହମ୍‌ଜାଃ ମଧ ଶହିଦ୍ ହେଲେ ଓ ସେ ମୋଠାରୁ ଉମ ଥିଲେ । ତାଙ୍କୁ କଫନ୍‌ର ଚାଦର ମଧ ମିଳିନଥିଲା । (କିନ୍ତୁ ଦେଖ) ଆମପାଇଁ ସଂସାରର ସବୁକିଛି ସୁଖ ମିଳିଛି । ଆମକୁ ଏ ସଂସାରରେ ଯାହାକିଛି ମିଳିଛି ସେଥିଯୋଗୁ ଆମକୁ ଭୟ ଲାଗୁଛି କି ଆମ ପୁଣ୍ୟର ପୁରସ୍କାର ଆମକୁ ଶିଘ୍ର ମିଳିଗଲା ନାହିଁ ତ । ଏହା କହି ସେ କାନ୍ଦିବାକୁ ଲାଗିଲେ । ଏତେ କାନ୍ଦିଲେ ଯେ ଖାଇବା ପରିତ୍ୟାଗ କରିଦେଲେ । (ସହି ବୁଖାରୀ, କିତାବୁଲ୍ ମଗାଜୀ ବାବ୍ ଗଜୁଓ୍ୱାଏ ଓ୍ୱହଦ୍, ହଦିସ୍-୪୦୪୫)

ହଜୁର ଅନଓ୍ୱର ଅ.ବ କହିଲେ- **ଏମାନେ ସେହି ଲୋକ ଯାହାଙ୍କ ଉପରେ ଅଲ୍ଲାଃ ପ୍ରସନ୍ନିତ ହେଲେ ଏବଂ ସେମାନେ ଅଲ୍ଲାଃଙ୍କ ସହ ରାଜି ହେଲେ ଯେ ଅସୁବିଧା ସମୟରେ ନିଜ ଭାଇମାନଙ୍କୁ ମନେରଖୁଥିଲେ ଏବଂ ନିଜ ପୂର୍ବ ଅବସ୍ଥା ପ୍ରତି ମଧ ଦୃଷ୍ଟି ରଖୁଥିଲେ** । ଅଲ୍ଲାଃତାଲା (ବୈକୁଣ୍ଠରେ) ସେ ସମସ୍ତଙ୍କର ସ୍ତର ବୃଦ୍ଧି କରିଚାଲନ୍ତୁ ।

ଆଉ ଗୋଟିଏ ରିଓ୍ୱାୟତ୍‌ରେ ଆସୁଛି ହଜ୍‌ରତ୍ ଅବ୍‌ଦୁଲା ବିନ୍ ଉମର୍ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ଯେବେ ଓ୍ୱହଦ୍ ଯୁଦ୍ଧରୁ ଫେରିଲେ ସେତେବେଳେ ଆପଣ ସ:ଆ:ସ ଏହା ଶୁଣିବାକୁ ପାଇଲେ କି ଅନ୍‌ସାରମାନଙ୍କ ମହିଳାମାନେ ନିଜ ସ୍ୱାମୀଙ୍କ (ମୃତ୍ୟୁରେ) କାନ୍ଦୁଛନ୍ତି ଓ ବଏନ୍ (ତାଙ୍କ ଗୁଣାବଳୀର ଚର୍ଚ୍ଚା) କରୁଛନ୍ତି । ଏଥିରେ ଆପଣ ସ:ଆ:ସ କହିଲେ କି କଥା କଣ ହମ୍‌ଜାଃଙ୍କ ପାଇଁ କେହି କାନ୍ଦିବା ବାଲା କଣ ନାହାଁନ୍ତି ? ଅନ୍‌ସାରି ମାନଙ୍କ ମହିଳାମାନଙ୍କୁ ଏକଥା ଜଣାପଡ଼ିବାରେ ସେମାନେ ହଜ୍‌ରତ୍ ହମ୍‌ଜାଃଙ୍କ ଶାହାଦତ୍ ବିଷୟରେ ବଏନ୍ କରିବା ନିମନ୍ତେ ଏକତ୍ରିତ ହୋଇଗଲେ । ପୁଣି ନବୀ କରିମ୍ ସ:ଆ:ସଙ୍କ ଆଖି ଲାଗିଗଲା ଅର୍ଥାତ୍ ସେ ଶୋଇପଡ଼ିଲେ । ଯେବେ ଶୋଇ ଉଠିଲେ ସେତେବେଳେ ଦେଖିଲେ କି ଉକ୍ତ ମହିଳାମାନେ ସେହିପରି କାନ୍ଦୁଛନ୍ତି । ନବୀ କରିମ୍ ସ:ଆ:ସ କହିଲେ କି ଆଜି ହମ୍‌ଜାଃଙ୍କ ନାମକୁ ନେଇ କଣ କାନ୍ଦି ଚାଲିଥିବେ । ସେମାନଙ୍କୁ କହିଦିଅ କି ସେମାନେ ଫେରିଯାଆନ୍ତୁ । ନବୀ କରିମ୍ ସ:ଆ:ସ ସେମାନଙ୍କୁ ଉପଦେଶ ଦେଇ କହିଲେ କି ସେମାନେ ନିଜ ନିଜ ଘରକୁ ଫେରିଯାଆନ୍ତୁ । ଆଜିର ଦିନ ପରେ କୌଣସି ମୃତ ବ୍ୟକ୍ତିଙ୍କର ମାତମ୍ ଓ ବଏନ୍ କରିବେ ନାହିଁ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୨, ପୃଷ୍ଠା-୪୧୮-୪୧୯, ହଦିସ୍-୫୫୬୩ .... ବେରୁତ୍ ୧୯୯୮)

ତେବେ ଏହିପରି ଆଁ ହଜ୍‌ରତ୍ ସ:ଆ:ସ ମୃତ ବ୍ୟକ୍ତିଙ୍କ ଉପରେ ନୋହା (ବିଳାପ କରିବା) କୁ ଅବୈଧ ଘୋଷଣା କରିଦେଲେ ଓ ସମସ୍ତ ପ୍ରକାରର ମଧ ନୋହା ଓ ବଏନ୍‌କୁ ଶେଷ କରିଦେଲେ । ବହୁତ ବୁଦ୍ଧିମତାର ସହିତ ଆଁ ହଜ୍‌ରତ୍ ସ:ଆ:ସ ଅନ୍‌ସାରଙ୍କ ମହିଳା ମାନଙ୍କର ଭାବନାର ଧ୍ୟାନ ରଖିଲେ । ସେମାନଙ୍କୁ ନିଜ ସ୍ୱାମୀ ଓ ଭାଇମାନଙ୍କ ବିଚ୍ଛେଦରେ ମାତମ୍‌ରୁ ରୋକିବା ପରିବର୍ତେ ପ୍ରଥମେ ସେମାନଙ୍କର ଧ୍ୟାନ ହଜ୍‌ରତ୍ ହମ୍‌ଜାଃଙ୍କ ପ୍ରତି ଆକର୍ଷଣ କଲେ । ମହାନ୍ ଜାତୀୟ ଦୁଃଖ ପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଯାହା ସବୁଠାରୁ ବଳି ଆପଣ ସ:ଆ:ସଙ୍କୁ ଦୁଃଖ ଦେଇଥିଲା ଓ ପୁଣି ହମ୍‌ଜାଃଙ୍କ ଉପରେ ମାତମ୍ ଓ ବଏନ୍ ନ କରିବା ପାଇଁ ନିର୍ଦ୍ଦେଶ ଦେଇ ନିଜର ଦୃଷ୍ଟାନ୍ତ ଉପସ୍ଥାପନ କରିଦେଲେ ଓ ସେମାନଙ୍କୁ ଧୈର୍ଯ୍ୟ ଧରିବା ପାଇଁ ପ୍ରୋତ୍ସାହିତ କଲେ । ଏପରି ଧୈର୍ଯ୍ୟ ଯାହା ସମ୍ପୂର୍ଣ୍ଣ ପ୍ରଭାବିତ କରିଥିଲା । ଯେଉଁଠି ଆଁ ହଜରତ୍ ସ:ଆ:ସଙ୍କୁ ହଜ୍‌ରତ୍ ହମ୍‌ଜାଃଙ୍କ ବିଚ୍ଛେଦର ଦୁଃଖର ସମ୍ପର୍କ ରହିଛି ତାହା ଶେଷ ଜୀବନ ପର୍ଯ୍ୟନ୍ତ ଆପଣଙ୍କ ନିକଟରେ ରହିଲା ।

କାବ୍ ବିନ୍ ମାଲିକ ହଜରତ ହମଜାଃଙ୍କ ଶହିଦ ହେବାର କବିତା ପାଠ କରି କହିଥିଲେ କି ମୋ ନୟନ ଅଶ୍ରୁ ଝରାଉଛି । ହମଜାଃଙ୍କ ଦେହାନ୍ତରେ ତାଙ୍କର ଲୁହ ଝରାଇବା ଯଥାର୍ଥ ଥିଲା । କିନ୍ତୁ ଅଲ୍ଲାଃଙ୍କ ସିଂହର ଦେହାନ୍ତରେ ଚିତ୍କାର କରିବା ଓ କାନ୍ଦିବାରେ କ'ଣ ହାସଲ ହୋଇଥାନ୍ତା । ଅଲ୍ଲାଃଙ୍କ ସେହି ସିଂହ ଯେଉଁ ଦିନ ସକାଳେ ଶହିଦ୍ ହେଲେ ସଂସାରବାସୀ କହିଉଠିଲେ (ପ୍ରକୃତ) ଶହିଦ୍ ତ ଏହି ମହାମାନ୍ୟ ବ୍ୟକ୍ତିତ୍ୱ ହୋଇଛନ୍ତି । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୬୯, ହମ୍‌ଜାଃବିନ୍ ଅବ୍‌ଦୁଲ୍ ମୋତଲବ୍, ମୁଦ୍ରଣ- ଦାରୁଲ୍ କୁତୁବ୍ ଅଲ୍‌ଅଲ୍‌ମିଆ, ବେରୁତ-୧୯୯୬) ଅଲ୍ଲାଃତାଲା ବୈକୁଣ୍ଠରେ ସେହି ସାହାବାମାନଙ୍କ ସ୍ତର ବୃଦ୍ଧି କରିଚାଲନ୍ତୁ । ସେମାନେ ନିଜ ବଳିଦାନ ଦ୍ୱାରା ଯେଉଁ ଉଦାହରଣ ସୃଷ୍ଟି କରିଯାଇଛନ୍ତି ତାହା ସଂସାର ଥିବା ପର୍ଯ୍ୟନ୍ତ ମୁସଲମାନମାନେ ମନେରଖିଥିବେ । ସେମାନେ ପୁଣ୍ୟ କର୍ମର ଯେଉଁ ସ୍ତର ନିର୍ଦ୍ଧାରଣ କରିଯାଇଛନ୍ତି ଯେଉଁ ନମୁନା ପ୍ରଦର୍ଶନ କରିଯାଇଛନ୍ତି ତାହା ପୁନଃ ଜୀବିତ କରିବାକୁ ଅଲ୍ଲାଃ ଆମକୁ ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ହତ୍ୟାକର ବରଂ ତାହା ଏ ଶିକ୍ଷା ଦେଉଛି କି ସମସ୍ତ ଲୋକେ ହେଉଛନ୍ତି ସମାନ ଓ ଅନ୍ୟମାନଙ୍କର ଧ୍ୟାନ ରଖିବା ଇମାନ୍‌ର ଅଂଶବିଶେଷ ।

ଆଉ ଜଣେ ଅତିଥି ହୁସେନ୍ ଅବଦୁଲ୍ଲାହ ସାହେବ ଯାହାଙ୍କ ସମ୍ପର୍କ ଯୁଗୋସୋଭିଆ ଦେଶ ସହିତ ରହିଛି, ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଖଲିଫାଙ୍କର କଥା ମୋ ହୃଦୟକୁ ଛୁଇଁଯାଇଛି ଓ ମୁଁ ତାଙ୍କର ପ୍ରତ୍ୟେକ କଥାରେ ସମ୍ମତ ଅଛି । ସେ ଇସ୍‌ଲାମ୍‌କୁ ଏପରି ଶୈଳୀରେ ପ୍ରତିରକ୍ଷା କରୁଛନ୍ତି ସେପରି ଅନ୍ୟ ମୁସଲମାନ୍ ମାନେ କରିପାରିବେ ନାହିଁ । ସେ ଭାଇଚାରା ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଉପରେ ଜୋର୍ ଦେଉଛନ୍ତି ଓ ସେ କହିଲେ କି ଇସ୍‌ଲାମ୍‌ର ଶିକ୍ଷା ହେଉଛି ଏହା କି ଆମେ ସମସ୍ତେ ଅଭାବି ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ଉଚିତ୍ । ଆଜିର ଏହି ଉତ୍ସବରେ ସାମିଲ୍ ହେବା ପରେ ମୁଁ ଆପଣଙ୍କ ଖଲିଫାଙ୍କ ଉପରେ ଗର୍ବ କରୁଛି ଓ ଜମାତ୍ ଅହେମଦୀୟା ଉପରେ ମଧ୍ୟ ଗର୍ବ କରୁଛି । ଲୋକମାନଙ୍କ ମନରୁ ଇସ୍‌ଲାମ୍‌ର ଭୁଲ୍ ଭାବନା ଗୁଡିକୁ ଦୂରେଇ ଦେବା କୌଣସି ସହଜ କାମ ନୁହେଁ । କିନ୍ତୁ ଖଲିଫା ଏ କାର୍ଯ୍ୟ କରିବାରେ ସବୁଠାରେ ଆଗରେ ରହିଛନ୍ତି ।

ଜଣେ ସ୍ୱିଡିଶ୍ ଅତିଥି Behar ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଆଜିର ଏହି ସନ୍ଧ୍ୟା ମୋତେ ବହୁତ ପ୍ରଭାବିତ କରିଛି ଓ ଏଠାରେ ମୁଁ ପ୍ରକୃତ ଇସ୍‌ଲାମ୍ କଣ ତାହା ଶିଖିଲି । ଖଲିଫା କିଛି ମିନିଟ୍ ଭିତରେ ବହୁତ ବିଷୟ ଉପରେ କଥା କରିଗଲେ । ଇସ୍‌ଲାମ୍‌ର ଡିଫେନ୍ସ୍ କଲେ, ଯାହା ମୁଁ ପୂର୍ବରୁ କେବେ ଶୁଣିନାହିଁ । ଖଲିଫା ଏହା ମଧ୍ୟ ସ୍ୱୀକାର କଲେ କି କିଛି ମୁସଲମାନ୍ ଖରାପ ମଧ୍ୟ ଅଛନ୍ତି । କିନ୍ତୁ ଖଲିଫା ପବିତ୍ର କୋରାନ୍‌ର ପ୍ରସଙ୍ଗରେ ଏହା ପ୍ରମାଣିତ କଲେ କି ଉପରୋକ୍ତ ଖରାପ ମୁସଲମାନ୍ ମାନେ କୋରାନ୍‌ର ଶିକ୍ଷା ବିରୋଧରେ ଯାଉଛନ୍ତି । ଆପଣଙ୍କ ମସିହା ଓ ମସ୍‌ଜିଦ୍‌ର ଉଦ୍ଦେଶ୍ୟ ସମ୍ବନ୍ଧରେ ଶୁଣି ବହୁତ ଭଲ ଲାଗିଲା । ଯଦି ଆପଣଙ୍କ ଖଲିଫାଙ୍କ ଅଭିଭାଷଣର ଖୁଲାସା ବର୍ଣ୍ଣନା କରିବା ପାଇଁ ଗୋଟିଏ ଶବ୍ଦ ଥାଏ ତେବେ ତାହା ହେଉଛି (ଶାନ୍ତି) ।

ଆଉଜଣେ ସ୍ୱିଡିଶ୍ ରାଜନୈତିଜ୍ଞ Robert ସାହେବ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ବହୁତ ସୁନ୍ଦର ଭାଷଣ ଥିଲା । ଆପଣଙ୍କ ଖଲିଫା ହେଉଛନ୍ତି ଜଣେ ମହାନ୍ ଜ୍ଞାନୀ ଓ ଶାନ୍ତିପ୍ରିୟ ବ୍ୟକ୍ତି ଓ ଅତ୍ୟନ୍ତ ଶାନ୍ତ । ସେ ନିଜ ଅଭିଭାଷଣରେ କହିଲେ କି ଆପଣମାନଙ୍କୁ ଜଣେ ପ୍ରକୃତ ମୁସଲମାନଙ୍କ ନିକଟରୁ ଶାନ୍ତି ଅନୁଭବ କରିବା ଉଚିତ୍ ହେବ । ଏବଂ ମୁଁ ଯେବେ ଖଲିଫାଙ୍କ ସହିତ ସାକ୍ଷାତ୍ କଲି ବାସ୍ତବରେ ମୁଁ ମଧ୍ୟ ଶାନ୍ତି ଅନୁଭବ କଲି । ସେଥିପାଇଁ ଏହା ମୁଁ ଜାଣିପାରିଲି କି ସେ ହେଉଛନ୍ତି ଜଣେ ପ୍ରକୃତ ମୁସଲମାନ୍ । ତାଙ୍କ ନିକଟରେ ରହି ଓ ତାଙ୍କର ଶବ୍ଦଗୁଡିକୁ ଶୁଣି ମୁଁ ନିଜକୁ ସୁରକ୍ଷିତ ଅନୁଭବ କରୁଛି ।

ସେ ପୁଣି କହିଲେ ଖଲିଫାଙ୍କ ଭାଷଣ ଦ୍ୱାରା ଉପସ୍ଥିତ ଲୋକମାନେ ଇସ୍‌ଲାମ୍‌ର ପ୍ରକୃତ ରୂପକୁ ଦେଖିପାରିଲେ । ବିଶେଷ ରୂପେ ମୋତେ ଏକଥା ବହୁତ ଭଲ ଲାଗିଲା ଆପଣଙ୍କ ଧର୍ମର ଗୋଟିଏ ବହୁତ ବଡ଼ ଅଂଶ ହେଉଛି ମାନବଜାତିର ସେବା କରିବା ଓ ଯେବେ ଆପଣ ଓ ଖଲିଫା ଏହା ବତାଇଲେ କି ଆପଣଙ୍କ ଜମାତ୍ ଏ ଦୃଷ୍ଟିକୋଣରୁ କଣ କଣ କାର୍ଯ୍ୟ କରୁଅଛି । ଓ ଆଫ୍ରିକାରେ ପାଣିର ମୂଲ୍ୟ ଓ ଆଦର କରିବା ବିଷୟରେ ଜାଣି ମୋତେ ବହୁତ ଖୁସି ଲାଗିଲା । ତତ୍ ସହିତ ଆପଣମାନେ ସେଠାରେ ସ୍କୁଲ୍ ଓ ଡାକ୍ତରଖାନା ମଧ୍ୟ ଚଲାଉଛନ୍ତି । ଏଥିରୁ ପ୍ରମାଣିତ ହେଉଛି କି ଆପଣଙ୍କ ଖଲିଫା ଯାହା କିଛି କହୁଛନ୍ତି ତାହ କଥା ନୁହେଁ ବରଂ ତା ଉପରେ ଅମଳ ମଧ୍ୟ କରାଯାଉଛି ।

ପୁଣି ସେ କହିଲେ ଯେଉଁ ଇସ୍‌ଲାମ୍ ବିଷୟରେ ଖଲିଫା ଚର୍ଚ୍ଚା କଲେ ତାହା ସେ ଇସ୍‌ଲାମ୍‌ଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଅଟେ ଯାହାକୁ ଅନ୍ୟ ମୁସଲମାନ୍ ମାନେ ପ୍ରଦର୍ଶନ କରୁଛନ୍ତି । ବରଂ ମୁଁ ଏହା କହିପାରିବି କି ମୁଁ ପୂର୍ବରୁ କେବେ କୌଣସି ବ୍ୟକ୍ତିକୁ ଶାନ୍ତି ଓ ଭାଇଚାରା ବିଷୟରେ ଏତେ ବ୍ୟାପକ ରୂପେ ବର୍ଣ୍ଣନା କରିବାର ଶୁଣିନାହିଁ । ସେ ମୁସଲମାନ୍ ହୁଅନ୍ତୁ, ଇସାଇ ହୁଅନ୍ତୁ ବା ଆଉ କୌଣସି ଧର୍ମର ହୁଅନ୍ତୁ ।

ଆଉଜଣେ ସ୍ୱିଡିଶ୍ ଅତିଥି Mr. Jaro ସାହେବ୍ ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହା ବହୁତ ଶାନ୍ତିପ୍ରିୟ ଉତ୍ସବ ଓ ଶାନ୍ତିପୂର୍ଣ୍ଣ ବାର୍ତ୍ତା ଥିଲା । ଖଲିଫା ଇସ୍‌ଲାମ୍‌ର ବହୁତ ସୁନ୍ଦର ରୂପେ ପ୍ରତିରକ୍ଷା କଲେ । ଓ କହିଲେ କି ଇସ୍‌ଲାମ୍‌ରେ ଯେଉଁ ଶବ୍ଦ ରହିଛି ''ସଲାତ'' ଏହାର ଅର୍ଥ ହେଉଛି ''ଶାନ୍ତି'' । ପୁଣି ସେ ପଡୋଶୀଙ୍କ ଅଧିକାର ଓ ଭାଇଚାରା ବିଷୟରେ ମଧ୍ୟ କହିଲେ । ସେ ନିଜ ଅହେମଦୀ ସଦସ୍ୟମାନଙ୍କୁ ମଧ୍ୟ ଏହା ବତାଇଲେ କି ତାଙ୍କଠାରୁ କଣ ଆଶା କରାଯାଉଛି । ଯଦି ଅହେମଦୀ ନିଜ ଖଲିଫାଙ୍କର କଥା ଉପରେ ପରିଚାଳିତ ହେବେ ତେବେ ଏଥିରେ କୌଣସି ସନ୍ଦେହ ନାହିଁ କି ଏହି ମସ୍‌ଜିଦ୍ ଏକ ଶାନ୍ତିର ଶକ୍ତି ରୂପେ କାର୍ଯ୍ୟ କରିବ ।

ଆଉ ଜଣେ ସ୍ୱିଡିଶ୍ ଅତିଥି Mrs. Petra ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫାଙ୍କ ଅଭିଭାଷଣ ବହୁତ ବୋଧଗମ୍ୟ ଥିଲା । ସେହି ସବୁ ବ୍ୟକ୍ତିମାନେ ଯେଉଁମାନେ ଏଠାରେ ଉପସ୍ଥିତ ଥିଲେ ସେମାନଙ୍କୁ ଆପଣଙ୍କ ଖଲିଫା ମନାଇଦେଲେ ଓ ମୋର ଏ ଆଶା ଅଛି କି ଆପଣମାନେ ଏହି ବାର୍ତ୍ତାକୁ ଅନ୍ୟଲୋକଙ୍କ ନିକଟରେ ପହଂଚାଇବେ । ମୁଁ ଆପଣଙ୍କ ଖଲିଫା ମିର୍ଜା ମସରୁର୍ ଅହେମଦ୍‌ଙ୍କ ପୁସ୍ତକ Pathway to peace କୁ ପଢ଼ିସାରିଛି ଓ ଏହି ପୁସ୍ତକଟି ମୋତେ ଅସାଧାରଣ ମନେହେଲା । ଜଣେ ଧାର୍ମିକ ନେତାଙ୍କର ରାଜନୈତିକ ବିଷୟ ଉପରେ ଚର୍ଚ୍ଚା କରିବା ଓ ପୁଣି ଧର୍ମରୁ ଏହାର ନିରାକରଣ ବିଷୟରେ ବତାଇବା ଗୋଟିଏ ଆଶ୍ଚର୍ଯ୍ୟ କଥା । ଆଜି ମଧ୍ୟ ସେ ଏହି କଥା କହିଲେ ।

ପୁଣି ସେ କହିଲେ ବର୍ତ୍ତମାନ ଲୋକମାନେ ଇସ୍‌ଲାମ୍ ପ୍ରତି ଭୟଭୀତ ଅଛନ୍ତି କିନ୍ତୁ ଖଲିଫ ଆମକୁ ମସ୍‌ଜିଦ୍‌ର ବାସ୍ତବିକତା ବିଷୟରେ ବତାଇଦେଲେ । ସେଥିପାଇଁ ଏବେ ସ୍ୱିଡେନ୍‌ରେ ଏହି ଭାଷଣକୁ ପ୍ରତ୍ୟେକ ଘରେ ପହଂଚାଇ ପ୍ରତ୍ୟେକ ବ୍ୟକ୍ତିଙ୍କ ହାତରେ ରଖିଦେବା ଉଚିତ୍ ହେବ ।

ଜଣେ ସ୍ୱିଡିଶ୍ ଅତିଥି Mrs. Corinna Friell ସାହିବା ଯିଏ ଜଣେ ଇସାଇ ପାଦ୍ରୀ ମଧ୍ୟ, ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୋତେ ଆପଣଙ୍କ ଖଲିଫାଙ୍କ ଭାଷଣର ପ୍ରତିଶବ୍ଦରେ ସହମତି ଅଛି । ବିଶେଷ ରୂପେ ମୋତେ ତାଙ୍କର ଏକଥା ବହୁତ ଭଲ ଲାଗିଲା କି ଆମେ ଇଶ୍ୱରଙ୍କୁ ମନେରଖିବା ଉଚିତ୍ ଓ ଏହା ହିଁ ଧର୍ମର ମୂଳ ଉଦ୍ଦେଶ୍ୟ ତତ୍ ସହିତ ଏହା ମଧ୍ୟ କି ସେ ପ୍ରାରମ୍ଭରେ ପବିତ୍ର କୋରାନ୍ ପଢ଼ିଲେ । ତାହା ମୋ ଆଧ୍ୟାତ୍ମିକତାକୁ ଦୋହରାଇ ଦେଲା । ଆପଣଙ୍କ ଖଲିଫା ବହୁତ ଗୁଡିଏ ସମସ୍ୟା ଉପରେ କଥା ହେଲେ । ଉଦାହରଣ ସ୍ୱରୂପ ସଂସାରରେ ଶାନ୍ତି ସ୍ଥାପନ ଓ ଧର୍ମପ୍ରତି ଭୟ, କିନ୍ତୁ ଏହା ସହିତ ସେ ଏହାର ସମାଧାନର ରାସ୍ତା ମଧ୍ୟ ବତାଇଦେଲେ ।

ଆଉଜଣେ ସ୍ୱିଡିଶ୍ ଅତିଥି Mr. Lars ସାହେବ୍ ନିଜ ଭାବନାକୁ ବ୍ୟକ୍ତ କରି କହିଲେ- ମୋତେ ଆଜି ଏପରି ଲାଗୁଛି କି ମୁଁ ଯେପରି ଆଉ ଏକ ସଂସାରରେ ଅଛି । ବହୁତ ସୁନ୍ଦର ଓ ପ୍ରଭାବିତ ଅଭିଭାଷଣ ଥିଲା । ଆପଣଙ୍କ ଖଲିଫା ଅନ୍ୟମାନଙ୍କର ଧ୍ୟାନ ରଖୁଛନ୍ତି ଓ ବହୁତ ଉତ୍ସାହିତ ହୋଇ ଲୋକମାନଙ୍କ ସହିତ ସାକ୍ଷାତ୍ କରୁଥିବା ବ୍ୟକ୍ତି ଅଟନ୍ତି । ତାଙ୍କ ଅଭିଭାଷଣର ମୁଖ୍ୟ ବିଷୟ ଏହା ଥିଲା କି ଜଣେ ଅନ୍ୟଜଣଙ୍କର ଧ୍ୟାନ ରଖୁ । ବିଶେଷ ରୂପେ ସେହି ଲୋକମାନଙ୍କର ଧ୍ୟାନ ରଖାଯାଉ, ଯେଉଁମାନେ ଦୁର୍ବଳଶ୍ରେଣୀର ଓ ଅସହାୟ ଅଟନ୍ତି ।

ଖଲିଫା ହେଉଛନ୍ତି ଜଣେ ଶାନ୍ତିପ୍ରିୟ ବ୍ୟକ୍ତି ଓ ସେ ପବିତ୍ର କୋରାନ୍ ଜରିଆରେ ଏହା ପ୍ରମାଣ କଲେ କି ଧର୍ମ ହେଉଛି ହୃଦୟ ସହିତ ସମ୍ପର୍କ ରଖିଥିବା କଥା । ସେ ନିଶ୍ଚିତ ରୂପେ ମୋତେ ଏ ଶାନ୍ତ୍ୱନା ଦେଲେ ଓ ମୁଁ ଆଶା କରୁଛି କି ଅନ୍ୟମାନେ ମଧ୍ୟ ଯେଉଁମାନେ ଏଠାରେ ଉପସ୍ଥିତ ଥିଲେ ଏହିଭଳି ଲାଭ ଉଠାଇଥିବେ ।

ସେ ପୁଣି କହିଲେ ମୁଁ ଏହା ପୂର୍ବରୁ ଆପଣଙ୍କ ଖଲିଫାଙ୍କ ବିଷୟରେ ଖବରକାଗଜରେ ଯାହା କିଛି ପଢ଼ିଥିଲି । କିନ୍ତୁ ଆଜି ତାଙ୍କ ସହିତ ସାକ୍ଷାତ୍ କରିବା ପରେ ସେ ମୋତେ ପୋପ୍ ପରି ଲାଗିଲେ ଓ ମୁଁ ତାଙ୍କୁ ସେହିପରି ସମ୍ମାନ ଦେଉଅଛି ।

ଆଉଜଣେ ଅତିଥି Mr. Michael Westerburg ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫତୁଲ୍ ମସିହ୍ ଆଜିର ଏହି ଭାଷଣରେ ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କଲେ । ଲୋକମାନେ କହୁଛନ୍ତି କି ଇସ୍‌ଲାମ୍ ହେଉଛି ଏକ କଠୋରପନ୍ଥୀ ଧର୍ମ । କିନ୍ତୁ ଆପଣଙ୍କ ଖଲିଫାଙ୍କ ବାର୍ତ୍ତା ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ସେ କହିଲେ କି ଆମେ ଅନ୍ୟଜଣଙ୍କର ସମ୍ମାନ କରିବା ଉଚିତ୍ । ମୁଁ ତାଙ୍କର ପ୍ରତ୍ୟେକ ଶବ୍ଦରେ ସହମତ ଅଛି । ଏବେ ମୋତେ ଇସ୍‌ଲାମ୍ ପ୍ରତି କୌଣସି ଭୟ ନାହିଁ । ଯେଉଁଭଳି ସେ ପଡୋଶୀ ମାନଙ୍କର ଅଧିକାର ପ୍ରଦାନ ବିଷୟରେ ଚର୍ଚ୍ଚା କଲେ ତାହା ମୋତେ ବହୁତ ଭଲ ଲାଗିଲା । ଓ ପୁଣି କହିଲେ କି ଅହେମଦୀ ମୁସଲମାନ୍ ମାନେ ସ୍ଥାନୀୟ ଲୋକମାନଙ୍କର ସେବା କରିବେ ଓ ଯେଉଁଠି ଆବଶ୍ୟକ ପଡ଼ିବ ସେଠାରେ ସେମାନଙ୍କୁ ସାହାଯ୍ୟ କରିବେ ।

ପୁଣି ସେ କହିଲେ ମିଡ଼ିଆ କେବଳ ବିଯୁକ୍ତାତ୍ମକ ପାର୍ଶ୍ୱ ଉପରେ ଚିନ୍ତନ କରିଥାଏ ଓ ଯୁକ୍ତାତ୍ମକ ବିଷୟ ଉପରେ କେବେ କଥା କରେନାହିଁ । ମୁଁ କେବଳ ଏହା ଚାହୁଁଛି କି ସେମାନେ ନ୍ୟାୟର ସହିତ କାର୍ଯ୍ୟ କରନ୍ତୁ । ଓ ଖଲିଫାଙ୍କର ଅଭିଭାଷଣକୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରନ୍ତୁ ।

ଆଉଜଣେ ସ୍ୱିଡିଶ୍ ଅତିଥି Anders ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଆଜି ମୁଁ ଇସ୍‌ଲାମ୍ ବିଷୟରେ ବହୁତ କିଛି ଶିଖିବାକୁ ପାଇଛି । ଏହା ବହୁତ ଭଲ କଥା ଥିଲା କି ଯେଉଁଭଳି ମିଡ଼ିଆ ଆମକୁ ସବୁବେଳେ ଇସ୍‌ଲାମ୍ ବିଷୟରେ ବତାଉଛି କି ଏହା ହେଉଛି ଏକ ସନ୍ତ୍ରାସବାଦ ଧର୍ମ ବୋଲି । କିନ୍ତୁ ଆଜି ଆମ୍ଭ ଏଠାରେ ଏହାର ବିପରୀତ ଶୁଣିବାକୁ ମିଳିଲା । ଖଲିଫା ଆମକୁ ଏ ଶାନ୍ତ୍ୱନା ଦେଲେ ଓ ଆମର ଭୟକୁ ଦୂର କଲେ ଓ ଏହା ପ୍ରମାଣିତ କଲେ କି ନବୀ ମୋହମ୍ମଦ୍ (ସ:ଆ:ସ) ଶାନ୍ତିପ୍ରିୟ ଥିଲେ ।

ମାଲମୋ ସହରର ଲୋକମାନେ ବିଶେଷ ରୂପେ ମସ୍‌ଜିଦ୍‌କୁ ଡରିଥାନ୍ତି । କାରଣ ତାହା ଆରବୀୟ ସନ୍ତ୍ରାସବାଦଙ୍କ ଦ୍ୱାରା ପରିପୂର୍ଣ୍ଣ ଥାଏ । କିନ୍ତୁ ଖଲିଫା ଆମକୁ ଏହା ଦେଖାଇଦେଲେ କି ସେ ଏଭଳି ଲୋକଙ୍କର ମାର୍ଗ ଇସ୍‌ଲାମ୍‌ର ମାର୍ଗ ନୁହେଁ ।

ମୋର କହିବାର ହେଉଛି କି ଆପଣମାନଙ୍କୁ ଏହି କଥାଗୁଡିକୁ ବହୁତ ପ୍ରସିଦ୍ଧି ଦେବା ଉଚିତ୍ । ଅର୍ଥାତ୍ ଆପଣଙ୍କ ମସ୍‌ଜିଦ୍ ସାଉଦି ଆରବର ଫଣ୍ଡରେ ନିର୍ମାଣ ହୋଇନାହିଁ ଓ ଅହେମଦୀମାନଙ୍କୁ ଖଲିଫାଙ୍କର ଏହି ବାର୍ତ୍ତାକୁ ଆଗକୁ ବଢ଼ାଇବା ଉଚିତ୍ କି ଏହି ମସ୍‌ଜିଦ୍‌ରେ ପ୍ରତ୍ୟେକ ବ୍ୟକ୍ତି ପ୍ରବେଶ କରିବାର ଅନୁମତି ରହିଛି ଓ ଇସ୍‌ଲାମ୍ ହେଉଛି ଏକ ଭାଇଚାରାର ଧର୍ମ ଓ ସମସ୍ତଙ୍କ ପାଇଁ ସେ ଉନ୍ମୁକ୍ତ ରଖିଥିବା ଧର୍ମ ଅଟେ । ଖଲିଫାଙ୍କର ଏ ବାର୍ତ୍ତା ଥିଲା କି ଜିହାଦ୍ ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ଦ୍ୱାରା କରାଯାଏନାହିଁ । ବରଂ ମୁହଁ ଓ କଲମ ଦ୍ୱାରା କରାଯାଏ ।

ଆଉଜଣେ ଅତିଥି Anette ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏଠାକୁ ଆସିବା ପୂର୍ବରୁ ମୁଁ ଇସ୍‌ଲାମ୍ ପ୍ରତି ଭୟଭିତ ଥିଲି । କିନ୍ତୁ ଆଜି ଯାହା ମୋ ଦୃଷ୍ଟିଗୋଚର ହେଉଛି ଓ ଯାହା କିଛି ମୁଁ ମୁସ୍‌ଲିମ୍ ପୋପ୍‌ଙ୍କ ଠାରୁ ଶୁଣିଲି ତାହା ଭିନ୍ନ ଥିଲା । ତାଙ୍କର ବାର୍ତ୍ତା କରୁଣାମୟ, ସହାନୁଭୂତି ଓ ଶାନ୍ତିର ବାର୍ତ୍ତା ଥିଲା ।

ଖଲିଫା ଏ ଶିକ୍ଷା ଦେଉଛନ୍ତି କି ଆପଣମାନଙ୍କୁ ବିନା କୌଣସି ଧର୍ମର ଭେଦଭାବ ନରଖି ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ପ୍ରେମ କରିବା ଉଚିତ୍ । ଏକଥା ମୋ ମନକୁ ଛୁଇଁଗଲା । ପୁଣି ଏହା ମଧ୍ୟ ଶୁଣି ବହୁତ ଭଲ ଲାଗିଲା କି ଇସ୍‌ଲାମ୍ ପଡୋଶୀମାନଙ୍କର ଅଧିକାର ପ୍ରଦାନ ସମ୍ବନ୍ଧରେ ମଧ୍ୟ ଶିକ୍ଷା ଦେଇଥାଏ ।

ବୌଦ୍ଧ ଧର୍ମ ସହିତ ସମ୍ପର୍କ ରଖିଥିବା ଜଣେ ଅତିଥି Dharma Schultz ନିଜର ଭାବନା ବ୍ୟକ୍ତ କରି କହିଲେ ଆପଣଙ୍କ ଖଲିଫା ଯେଉଁ ଶାନ୍ତି ଓ ଭାଇଚାରାର ବାର୍ତ୍ତା ଦେଇଛନ୍ତି ତାହା ଶୁଣି ମୁଁ ବହୁତ ଆଶ୍ଚର୍ଯ୍ୟାନ୍ୱିତ । ଖଲିଫାଙ୍କର ବାକ୍ୟ ଗୁଡିକ ବହୁତ ସୁନ୍ଦର ଓ ବୁଦ୍ଧିମତା ସମ୍ପନ୍ନ ଥିଲା । ସେ ବହୁତ ସ୍ପଷ୍ଟ ରୂପେ କଥା ହେଉଥିଲେ । ସେ ବହୁତ କଠିନ ବିଷୟ ଗୁଡିକ ଉପରେ ମଧ୍ୟ ଚର୍ଚ୍ଚା କଲେ । କିନ୍ତୁ ସେ ସତ୍ୟ ଉପରେ ଆଧାରିତ କଥା ହେଲେ । ଉଦାହରଣ ସ୍ୱରୂପ ସେ ଏହା ସ୍ୱିକାର କଲେ କି କିଛି ମୁସଲମାନ ମାନେ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ହେଉଛନ୍ତି କଠୋରପନ୍ଥୀ କିନ୍ତୁ ମୋ ମତରେ ସବୁ ମୁସଲମାନ୍ ମାନେ ଏକଥା ଶୁଣିବାକୁ ପସନ୍ଦ କରନ୍ତି ନାହିଁ ବରଂ ସେମାନେ ଧର୍ମକୁ ଆଖିଠାରନ୍ତି କି ସବୁକିଛି ଠିକ୍ ଚାଲିଛି । ଖଲିଫା ପ୍ରତ୍ୟେକ ନ୍ୟାୟଶୀଳ ବ୍ୟକ୍ତି ଯେଉଁମାନେ ଏକଥା ଶୁଣୁଥିଲେ ତାଙ୍କ ମନରୁ ଭୟ ଦୂର କରିବାରେ ସଫଳ ହୋଇଛନ୍ତି । ତାଙ୍କ ଧର୍ମ, ମୋ ଧର୍ମ ସହିତ ବହୁତ ମିଶିଯାଉଛି ।

ପୁଣି ସେ କହିଲେ- ଆଜିକାଲି ନୂଆ ଜନ୍ମ ହେଉଥିବା ପିଲାମାନଙ୍କର ସବୁଠାରୁ ଅଧିକା ନାମ ଅଲୀ ଓ ମୁହମ୍ମଦ୍ ରଖାଯାଉଛି । ତେଣୁ ସ୍ଥାନୀୟ ଲୋକମାନେ ମୁସଲମାନ୍ ପ୍ରତି ଭୟ କରୁଛନ୍ତି କି ସେମାନେ ଏଠାରେ ଆସି କବଜା ନକରି ଦିଅନ୍ତୁ ।

କିନ୍ତୁ ଆପଣଙ୍କ ଖଲିଫା ପବିତ୍ର କୋରାନ୍‌ର ହୱାଲା ଦେଇ ବତାଇଲେ କି ଇସ୍‌ଲାମ୍ ଲୋକମାନଙ୍କ ଅଧିକାର ପ୍ରଦାନ କରିଥାଏ, ନା କି ତାଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରିଥାଏ । ଆପଣଙ୍କ ଜମାତ୍‌ରେ କଠୋରପନ୍ଥୀ ନଥିବା ଯୋଗୁ ଏହା ପ୍ରମାଣିତ ହେଉଛି କି ଆପଣମାନେ ହେଉଛନ୍ତି ସଚ୍ଚା ମୁସଲ୍‌ମାନ୍ । କିନ୍ତୁ ଲୋକମାନେ ଯାହା କୁହନ୍ତୁ କିଛି ପରବାୟ ନାହିଁ । ଖଲିଫା କହିଲେ କି ଇସ୍‌ଲାମ୍‌ରେ ଘୃଣାର କୌଣସି ସ୍ଥାନ ନାହିଁ ଏବଂ ଆମେ ଏକାଠି ମିଳିମିଶି ଭଲ କାର୍ଯ୍ୟ କରିବାପାଇଁ ଚେଷ୍ଟା କରିବା ଉଚିତ୍ । ମୁଁ ମୋ ଜୀବନରେ ମହାପୁରୁଷ ବୁଦ୍ଧଙ୍କ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । କିନ୍ତୁ ଆଜି ଜଣେ ମୁସଲ୍‌ମାନ୍ ନେତାଙ୍କଠାରୁ ମଧ୍ୟ ପ୍ରଭାବିତ ହେଲି ।

ଆଉ ଜଣେ ସ୍ୱିଡିଶ୍ ମହିଳା ଅତିଥି Miss Meenka ସାହିବା ନିଜର ଭାବନା ବ୍ୟକ୍ତ କରି କହିଲେ ମୁଁ ଆଜି ଏଠାରେ ଶିଖିଲି କି ଇସ୍‌ଲାମ୍ ଗୋଟିଏ ସନ୍ତ୍ରାସବାଦର ଧର୍ମ ନୁହେଁ ବରଂ ଭାଇଚାରା ଏବଂ ଶାନ୍ତିର ଧର୍ମ ଅଟେ । ମୁଁ ସଂକ୍ଷେପରେ କେବଳ ଏତିକି କହିବି କି ଯାହା କିଛି ଆପଣଙ୍କ ଖଲିଫା କହୁଛନ୍ତି ଯଦି ତାହା ଇସ୍‌ଲାମ୍ ତେବେ ଇସ୍‌ଲାମ୍ ପ୍ରତି ଭୟ କରିବା ଆମର କୌଣସି ଆବଶ୍ୟକ ନାହିଁ ଓ ଇସ୍‌ଲାମ୍ ଏକ ମହାନ୍ ଧର୍ମ ଅଟେ ।

ଆଉ ଜଣେ ଅତିଥି Christopher ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଆଜିର ଦିନଟି ମୋ ପାଇଁ ଲାଭଦାୟକ ପ୍ରମାଣତି ହେଲା । ମୋ ମତରେ ତାହା ହିଁ ହେଉଛି ପ୍ରକୃତ ଇସ୍‌ଲାମ୍, ଯାହା ଆପଣଙ୍କ ଖଲିଫା ନିଜ ଭାଷଣରେ ବର୍ଣ୍ଣନା କଲେ । ମୁଁ ଆଜି ଏହା ମଧ୍ୟ ଶିଖିଲି କି ପବିତ୍ର କୋରାନ୍ ହେଉଛି ଗୋଟିଏ ଶାନ୍ତି ଓ ଅମନ୍‌ର ପୁସ୍ତକ । ଆପଣଙ୍କ ଖଲିଫା ନିଶ୍ଚିତ ରୂପେ ଜଣେ ମହାନ୍ ବ୍ୟକ୍ତି ଅଟନ୍ତି । ତାଙ୍କ ସହିତ ମିଶିବା ଓ ତାଙ୍କର ଏହି ଦୃଷ୍ଟିକୋଣ ସବୁ ଶୁଣିବା ଅର୍ଥାତ୍ ଶାନ୍ତି ଓ ନ୍ୟାୟ ସମସ୍ତଙ୍କ ପାଇଁ ଏକାପରି ହେବା ଉଚିତ୍, ଏହା ମୋ ପାଇଁ ବହୁତ ବଡ଼ ସମ୍ମାନର ବିଷୟ ଓ ସୁଯୋଗ ଥିଲା । ମୋତେ ତାଙ୍କ ସହିତ ମିଶି ଏକ ଅଜବ ଶାନ୍ତି ଅନୁଭବ ହେଉଥିଲା । ମୁଁ ଏହି ଦିନକୁ ଆସନ୍ତାର ଅନେକ ବର୍ଷ ପର୍ଯ୍ୟନ୍ତ ମନେରଖିବି, କାରଣ ଯେଉଁପରି ଆଜି ମୋ ହୃଦୟରେ ପ୍ରଭାବ ପଡ଼ିଛି ତାହା ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ ।

ଆଉଜଣେ ଅତିଥି ବନ୍ଧୁ Bjorm ସାହେବ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫାଏ ଓ୍ୱକ୍ତଙ୍କୁ ଶୁଣିବା ମୋ ପାଇଁ ବହୁତ ସମ୍ମାନର ବିଷୟ ଥିଲା । ତାଙ୍କର ବାକ୍ୟ ଗୁଡିକ ବୁଦ୍ଧିମତାରେ ପରିପୂର୍ଣ୍ଣ ଥିଲା ଓ କେବଳ ମୁସଲ୍‌ମାନ୍ ମାନଙ୍କ ପାଇଁ ନୁହେଁ ବରଂ ସମସ୍ତ ମାନବଜାତି ପାଇଁ ଥିଲା । ମୋତେ ବିଶେଷ ରୂପେ ଏହା ଭଲ ଲାଗିଲା କି ସେ କହିଲେ ମନୁଷ୍ୟକୁ ଆବଶ୍ୟକ କି ସେ ନିଜ ଅଧିକାରକୁ ହାସଲ କରିବା ପୂର୍ବରୁ ମାନବଜାତିର ଲାଭ ବିଷୟରେ ଚିନ୍ତା କରୁ ଓ ଏହା ହିଁ ହେଉଛି ଶାନ୍ତିର ମାଧ୍ୟମ । ପୁଣି ସେ କହିଲେ ଖଲିଫାଙ୍କର ଶବ୍ଦଗୁଡିକ ସାହସିକତାରେ ପରିପୂର୍ଣ୍ଣ ଥିଲା ଓ କେବଳ ସତ୍‌ସାହସ ନୁହେଁ ବରଂ ତାହା ସତ୍ୟ ଉପରେ ଆଧାରିତ ଥିଲା ।

ଜଣେ ଗଏର୍ ଅହେମଦୀ ଅତିଥି ବନ୍ଧୁ ଅବ୍‌ଦୁଲ୍ ମଜିଦ୍ ସାହେବ୍ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୋତେ ଆଜି ଏଠାକୁ ଆସିବାର ଅବସର ମିଳିଥିବା ଯୋଗୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି । ମୁଁ ଆପଣଙ୍କ ଖଲିଫାଙ୍କୁ ବାସ୍ତବିକ ମାର୍ଗଦର୍ଶନ ରୂପେ ମାନୁଛି । କାରଣ ସେ ସତ୍ୟ କହୁଛନ୍ତି ଏବଂ ବହୁତ ସ୍ୱଷ୍ଟର ସଠିକ୍ କଥା କହୁଛନ୍ତି । ଖଲିଫା ବହୁତ ଜବରଦସ୍ତ ଢ଼ଙ୍ଗରେ ଇସ୍‌ଲାମ୍‌ର ପ୍ରତିରକ୍ଷା କଲେ । ତାଙ୍କର ବାର୍ତା ପ୍ରତ୍ୟେକ ସ୍ଥାନରେ ପ୍ରସାର ହେବା ଉଚିତ୍ । କାରଣ ଏଠି ସ୍ୱିଡେନ୍‌ରେ ପ୍ରତ୍ୟେକ ଦିନ ପବିତ୍ର କୋରାନ୍ ଓ ନବୀ ଅକ୍‌ରମ୍ ସ:ଆ:ସଙ୍କ ଉପରେ ଆକ୍ରମଣ କରାଯାଉଛି ଓ ଇସ୍‌ଲାମ୍‌କୁ ଲୋକେ ଡରୁଛନ୍ତି ।

ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Hillev Larsson ସାହେବ ମଧ୍ୟ ଏହି ଉତ୍ସବରେ ସାମିଲ୍ ଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି ଆପଣଙ୍କ ଖଲିଫା ବହୁତ ସ୍ୱଷ୍ଟ ରୂପେ ଉପସ୍ଥିତ ସମସ୍ତ ଶ୍ରୋତାଗଣକୁ ଇସ୍‌ଲାମ୍ ସମ୍ବନ୍ଧରେ ଜଣାଇଲେ ଓ ସେ ଏହା ମଧ୍ୟ ସ୍ୱଷ୍ଟ କଲେ କି ଇସ୍‌ଲାମ୍ ହେଉଛି ଏକ ଶାନ୍ତି, ଭାଇଚାରା ଓ ପ୍ରେମର ଧର୍ମ । ଆପଣଙ୍କ ଖଲିଫାଙ୍କୁ ପ୍ରତ୍ୟେକ ସ୍ଥାନରେ ଓ ପ୍ରତ୍ୟେକ ପ୍ଲାଟ୍‌ଫର୍ମରେ ଇସ୍‌ଲାମ୍‌ର ପ୍ରତିନିଧିତ୍ୱ କରିବା ଉଚିତ୍ ଓ ଲୋକମାନଙ୍କୁ ଖଲିଫାଙ୍କ କଥା ଶୁଣିବା ଉଚିତ୍ । ଯଦି କାହାକୁ ଇସ୍‌ଲାମ୍ ବିଷୟରେ କିଛିଟା ଭୟ ଥିଲା ତାହା ଆଜି ଦୂର ହୋଇଯାଇଥିବ । ମୋତେ ବିଶେଷ ରୂପେ ଆପଣଙ୍କ ଦ୍ୱାରା ମାନବ ଜାତି ନିମନ୍ତେ କରାଯାଉଥିବା ସେବାମୂଳକ କାର୍ଯ୍ୟ ସମ୍ବନ୍ଧରେ ଶୁଣି ବହୁତ ଭଲ ଲାଗିଲା । ଆପଣମାନେ ଯେଉଁ ସ୍କୁଲ୍ ଓ ଡାକ୍ତରଖାନା ଗୁଡିକ ବନାଉଛନ୍ତି ତାହା ବହୁତ ଉତମ କାର୍ଯ୍ୟ ଅଟେ ଓ ଆପଣଙ୍କ ଖଲିଫାଙ୍କର ଏକଥା ମୋତେ ମଧ୍ୟ ବହୁତ ଭଲ ଲାଗିଲା କି ଆମ ଏଠିକାର ଲୋକମାନଙ୍କୁ ପାଣିର ମୂଲ୍ୟ ଜଣାନାହିଁ । ଏହା ବିଲ୍‌କୁଲ୍ ଠିକ୍ କଥା ।

ଆଉଜଣେ ଅତିଥି Mr. Jonas Otterbeck ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହି ଭାଷଣଟିକୁ ଅଷ୍ଟ୍ରିଆର ଲୋକମାନଙ୍କୁ ଦେବା ଉଚିତ୍ କାରଣ ସେହି ଦେଶରେ ଲୋକମାନେ ଇସ୍‌ଲାମ୍‌ର ଘୃଣା ଓ ଇସ୍‌ଲାମ୍‌ର ଭୟରେ ପାଗଳ ପ୍ରାୟ ହୋଇସାରିଛନ୍ତି । ସେମାନଙ୍କୁ ଏହି ଭାଷଣଟି ଶୁଣିବା ଅତ୍ୟନ୍ତ ଆବଶ୍ୟକ, ଯଦ୍ୱାରା ସେ ଜାଣିପାରିବେ କି ଇସ୍‌ଲାମ୍ ହେଉଛି ଗୋଟିଏ ଶାନ୍ତିର ଧର୍ମ ।

ଖଲିଫା ବହୁତ ସୁନ୍ଦର ରୂପେ ମସ୍‌ଜିଦ୍‌ର ଉଦ୍ଦେଶ୍ୟ ସମ୍ବନ୍ଧରେ ବୁଝାଇଲେ । ତାହା ଏପରିକି ସେ କହିଲେ ମସ୍‌ଜିଦ୍‌ର ଅର୍ଥ ହେଉଛି ଶାନ୍ତି ଓ ସଲାତ୍‌ର ଅର୍ଥ ମଧ୍ୟ ଶାନ୍ତି ଓ ସଦ୍‌ଭାବ ।

ମୋତେ ଏହା ମଧ୍ୟ ଭଲ ଲାଗିଲା କି ଆପଣଙ୍କ ଖଲିଫା ଏହା ମଧ୍ୟ ବତାଇଲେ କି ଜମାତ୍ ଅହେମଦୀୟାର ରାଜନୀତି ସହିତ କୌଣସି ସମ୍ପର୍କ ନାହିଁ । ସେ କେବଳ ଶାନ୍ତି ସ୍ଥାପନ କରିବା ସମ୍ବନ୍ଧରେ ଚିନ୍ତା କରେ । ମୋ ଉପରେ ଏକଥା ମଧ୍ୟ ବହୁତ ପ୍ରଭାବ ପକାଇଲା କି ଯେବେ ଖଲିଫା କହିଲେ ଅହେମଦୀମାନେ ମାନବଜାତିର ଦୁଃଖକୁ ଦୂର କରିବାକୁ ଚାହୁଁଛନ୍ତି ଓ ମାନବତାର ସାହାଯ୍ୟ କରିବାକୁ ଚାହୁଁଛନ୍ତି । ପୁଣି ଏହା ବି ବହୁତ ସୁନ୍ଦର କଥା କି ଖଲିଫା ଏହା ମଧ୍ୟ ବତାଇଲେ କି ନବୀ ମୁହମ୍ମଦ୍ ସ:ଆ:ସଙ୍କ ଯୁଗରେ ଗୋଟିଏ ମସ୍‌ଜିଦ୍ ଜରାର୍ (କ୍ଷତି ପହଂଚାଉଥିବା ମସ୍‌ଜିଦ୍) କୁ ମଧ୍ୟ ଭାଙ୍ଗି ଦିଆଯାଇଥିଲା । ଏଥିରୁ ପ୍ରମାଣିତ ହେଉଛି କି ମସ୍‌ଜିଦ୍ କେବଳ ଶାନ୍ତିର ସ୍ଥାନ ଅଟେ ।

ମୁଁ ଖଲିଫାଙ୍କର ଗୋଟିଏ ବାକ୍ୟକୁ ନୋଟ୍ କରିଛି, ଯାହା ମୋତେ ବହୁତ ଭଲ ଲାଗିଲା, ତାହା ହେଉଛି True Mosque transmit only love and peace ମୋ ମତରେ ସେହି ଭାଷଣର ବିଷୟ ବସ୍ତୁ ମଧ୍ୟ ଏହା ରଖାଯାଇପାରିବ । କାରଣ ଏହା ହେଉଛି ତାଙ୍କ ଅଭିଭାଷଣର ଖୁଲାସା ।

### ଫ୍ୟାମିଲି ସାକ୍ଷାତ୍‌କାର

ପ୍ରୋଗ୍ରାମ୍ ମୁତାବକ ଠିକ୍ ୭ଟାରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଆସିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍‌କାର ଆରମ୍ଭ ହେଲା । ଆଜି ସନ୍ଧ୍ୟାର ଏହି ଶେଷନ୍‌ରେ ୨୪ଟି ଫ୍ୟାମିଲିରୁ ୭୬ଜଣ ଲୋକ ସାକ୍ଷାତ୍ କରବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ଫ୍ୟାମିଲି ଗୁଡିକର ସମ୍ବନ୍ଧ ସ୍ୱିଡେନ୍‌ର ଦୁଇଟି ଜମାତ୍ ଗୋଥନ୍‌ବର୍ଗ ଓ ଲୋଲିଓ ଜମାତ୍ ସହିତ ଥିଲା । ସେହି ସମସ୍ତ ଫ୍ୟାମିଲି ଗୁଡିକ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ ବୟସର କୁନି କୁନି ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୯ଟା ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ଠିକ୍ ୯:୩୦ ରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ମେହ୍‌ମୁଦ୍‌ରେ ପହଂଚି ମଗ୍‌ରିବ୍ ଓ ଇସା ନମାଜ ଏକତ୍ର ପଢ଼ାଇଲେ । ନମାଜ ପାଠପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ୧୫ ମଇ ୨୦୧୬ (ରବିବାର)

ପ୍ରତ୍ୟୁଷ ଠିକ୍ ୪ଟା ବେଳେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ମେହ୍‌ମୁଦ୍‌ରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠିପତ୍ର ଓ ରିପୋର୍ଟ୍‌ସ୍ ଇତ୍ୟାଦି ନିରୀକ୍ଷଣ କଲେ । ହଜୁର୍ ଅନୁୱର୍ ଅ:ବ:ଅ ମାଲ୍‌ମୋରେ ରହଣି ସମୟରେ ଲଣ୍ଡନ୍ ମର୍କଜ୍ ଓ ଅନ୍ୟ ଦେଶଗୁଡିକରୁ ଆସିଥିବା ଡାକ ଓ ଚିଠିପତ୍ର ଓ ରିପୋର୍ଟ୍‌ସ୍ ଗୁଡିକ ମିଳୁଥିଲା । ହଜୁର୍ ଅନୁୱର୍ ଅ:ବ:ଅ ପ୍ରତ୍ୟହ ସମସ୍ତ ଡାକକୁ ଦେଖନ୍ତି ଓ ହିଦାୟତ୍ ମଧ୍ୟ ପ୍ରଦାନ କରନ୍ତି ।

### ପାରିବାରିକ ଓ ଜଣିକିଆ ସାକ୍ଷାତ୍‌କାର

ପ୍ରୋଗ୍ରାମ୍ ମୁତାବକ ଠିକ୍ ୧୧ଟା ସମୟରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଆସିଲେ ଓ ଫ୍ୟାମିଲିମାନଙ୍କ ସହିତ ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସକାଳର ଏହି ଶେଷନ୍‌ରେ ୧୫ଟି ଫ୍ୟାମିଲି ଓ ୯ଜଣ ଜଣକିଆ ଲୋକେ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ସର୍ବମୋଟ ୭୩ଜଣ ଲୋକ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ଦେଲେ ଓ ଛୋଟ ଛୋଟ ପିଲାମାନଙ୍କୁ ବହୁତ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ । ପ୍ରତ୍ୟେକ ଫ୍ୟାମିଲିର ସଦସ୍ୟମାନେ ଓ ଜଣିକିଆ ସାକ୍ଷାତ୍ କରିବାକୁ ଆସିଥିବା ସମସ୍ତ ଲୋକେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ସାକ୍ଷାତ୍ କରିବାକୁ ଆସିଥିବା ଉକ୍ତ ଫ୍ୟାମିଲି ଗୁଡିକ ମାଲ୍‌ମୋର ସ୍ଥାନୀୟ ଜମାତ୍ ବ୍ୟତୀତ ଗୋଥନ୍‌ବର୍ଗ, ଲୋଲିଓ ଓ କାଲ୍‌ମାର୍ ସହରରୁ ଆସିଥିଲେ । ଗୋଥନ୍‌ବର୍ଗ ଓ କାଲ୍‌ମାର୍‌ରୁ ଆସିଥିବା ଫ୍ୟାମିଲି ଗୁଡିକ ୨୮୫ କି.ମି ଓ ଲୋଲିଓରୁ ଆସିଥିବା ଫ୍ୟାମିଲି ଗୁଡିକ ୧୫୧୦ କି.ମି ଦୂରତା ଅତିକ୍ରମ କରି ଆସିଥିଲେ । ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୧୨:୪୫ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ମୋକରମ୍ ମୁହମ୍ମଦ୍ ଜକ୍‌ରିଆ ଖାନ୍ ସାହେବ୍ ଅମୀର୍ ଓ ମୁବଲିଗ୍ ଇନ୍‌ଚାର୍ଯ୍ୟ ଡେନ୍‌ମାର୍କ୍, ମୋକରମ୍ ମାମୁନୁର୍ ରଶିଦ୍ ସାହେବ ଅମୀର୍ ଜମାତ୍ ସ୍ୱିଡେନ୍ ଓ ମୋକରମ୍ ଅତାଉଲ୍ କୁଦୁସ୍ ସାହେବ ଆଡ୍‌ଭୋକେଟ୍ ୟୁ.ଏସ୍.ଏ ଅଲଗା ଅଲଗା ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୁଯୋଗ ପାଇଲେ । ହଜୁର୍ ଅନୁୱର୍ ଭିନ୍ନ ଭିନ୍ନ ବିଷୟ ଓ ମାମଲା ପ୍ରସଙ୍ଗରେ ହିଦାୟତ୍ ପ୍ରଦାନ କଲେ ।

ଦିନ ୨ଟା ବେଳେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ମେହ୍‌ମୁଦ୍‌ରେ ପହଂଚି ନମାଜ ଜୋହର୍ ଏବଂ ଇଶା ଜମାକରି ପଢ଼ାଇଲେ । ନମାଜ ପାଠ କରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ତୃତୀୟ ପ୍ରହରରେ ମଧ୍ୟ ହଜୁର୍ ଅନୁୱର୍ ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ଲିପ୍ତ ରହିଲେ ।

### ଫ୍ୟାମିଲି ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ସନ୍ଧ୍ୟା ୭ଟା ସମୟରେ ହଜୁର୍ ଅନୁୱର୍ ଅ:ବ:ଅ ଦଫ୍‌ତର୍‌ରେ ପହଂଚିଲେ ଓ ସାକ୍ଷାତ୍‌କାର ପ୍ରୋଗ୍ରାମ୍ ଆରମ୍ଭ ହେଲା । ଆଜି ଏହି ସନ୍ଧ୍ୟାର ଏହି ଶେଷନ୍‌ରେ ୩୩ଟି ଫ୍ୟାମିଲିରୁ ୧୨୦ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ପାଇଲେ ।

ମାଲ୍‌ମୋ ସ୍ଥାନୀୟ ଜମାତ୍ ବ୍ୟତୀତ ନର୍‌ୱେ, ଡେନ୍‌ମାର୍କ୍, ହଲାଣ୍ଡ ଓ ଆମେରିକାରୁ ଆସିଥିବା ଲୋକମାନେ ମଧ୍ୟ ସାକ୍ଷାତ୍ କରବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍ କରିବାକୁ ଆସିଥିବା ସମସ୍ତ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁୱର୍ ଅ:ବ:ଅ ଛାତ୍ରଛାତ୍ରୀମାନଙ୍କୁ ବହୁତ ସ୍ନେହର ସହିତ କଲମ ଉପହାର ଦେଲେ ଓ ଛୋଟ ବୟସର ପିଲାମାନଙ୍କୁ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ମାଲ୍‌ମୋରେ ରହଣି ସମୟରେ ପଡୋଶୀ ଦେଶ ଡେନ୍‌ମାର୍କ୍ ଓ ନର୍‌ୱେରୁ ଆସିଥିବା ଜମାତ୍‌ର ଲୋକମାନଙ୍କ ଏକ ବହୁତ ବଡ଼ ସଂଖ୍ୟା ମାଲ୍‌ମୋରେ ରହିଥିଲା ଓ ଏହି ଲୋକମାନେ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ମଧ୍ୟ ପାଉଥିଲେ । ହଜୁର୍ ଅନୁୱର୍ ଅ:ବ:ଅଙ୍କ ପଛରେ ନମାଜ ପଢ଼ିବାର ସୁଯୋଗ ପାଉଥିଲେ । ସକାଳେ ଓ ସନ୍ଧ୍ୟା ସମୟରେ ଏହି ଆଧ୍ୟାତ୍ମିକ ଓ ବୈଭବ ପୂର୍ଣ୍ଣ ପରିବେଶରୁ ଲାଭ ଉଠାଉଥିଲେ । ବାରମ୍ବାର ନିଜ ପ୍ରିୟ ଆକାଙ୍କ ଦର୍ଶନ ଲାଭ କରୁଥିଲେ । ଅଲ୍ଲାଃତାଲା ଏହି ସବୁ ସୌଭାଗ୍ୟ ସମସ୍ତଙ୍କ ପାଇଁ ମୋବାରକ୍ କରନ୍ତୁ ।

ଆଜି ସାକ୍ଷାତ୍ କରିବାକୁ ଆସିଥିବା ତୁନିସିଆ ଦେଶ ସହିତ ସମ୍ପର୍କ ରଖିଥିବା ଜଣେ ବ୍ୟକ୍ତି ରଜାହାଇ ସାହେବ୍ ଓ ତାଙ୍କର ସ୍ତ୍ରୀ ମଧ୍ୟ ଥିଲେ । ରଜାହାଇ ସାହେବ୍ ଏମ୍.ଟି.ଏ ପ୍ରୋଗ୍ରାମ୍ ଦେଖିବା ପରେ ନିଜେ ହିଁ ଜମାତ୍ ସହିତ ସମ୍ପର୍କ କରି ବୟତ କରିଛନ୍ତି । ବୟତ ପୂର୍ବରୁ ତାଙ୍କର ନିର୍ବନ୍ଧ ନିଜ ମାମୁଙ୍କ ଝିଅ ସହିତ ହୋଇଯାଇଥିଲା ।

ସ୍ୱିଡେନ୍‌ରେ ବୟତ କରିବା ପରେ ଯେବେ ଇଏ ନିଜ ଦେଶକୁ ନିଜ ନିକଟ ସମ୍ପର୍କୀୟଙ୍କ ସହିତ ସାକ୍ଷାତ୍ କରିବାପାଇଁ ଯାଇଥିଲେ ସେଠାରୁ ଆସିବା ପରେ ସେ ମୁବଲିଗ୍ ଇନ୍‌ଚାର୍ଯ୍ୟ ସ୍ୱିଡେନ୍‌କୁ ବତାଇଲେ କି ମୋର ଜଣେ ଛୋଟ ମାମୁଁ ମସ୍‌ଜିଦ୍‌ର ଇମାମ୍ ଅଛନ୍ତି ଓ ସେ ଜମାତ୍‌ର ଭୀଷଣ

ବିରୋଧି ମଧ୍ୟ ଅଟନ୍ତି । ତାଙ୍କୁ ଯେବେ ଏହା ଜଣାଗଲା କି ମୁଁ ଅହେମଦୀୟତ୍ ଗ୍ରହଣ କରିନେଇଛି ବୋଲି ଏଥିରେ ସେ ବହୁତ ନାରାଜ ହେଲେ ଓ ସେ ପୁରା କୁଟୁମ୍ବକୁ କହିଲେ କି ଇଏ କାଫିର୍ ହୋଇଯାଇଛି ଓ ମୋର ଯେଉଁ ମାମୁଁ ଝିଅଙ୍କ ସହିତ ମଙ୍ଗନି ହୋଇଥିଲା ସେହି ପ୍ରସ୍ତାବକୁ ମଧ୍ୟ ସବୁ କୁଟୁମ୍ବ ବାଲା ମିଶି ମନା କରିଦେଲେ ।

ବିଭିନ୍ନ ଅବସରରେ କୁଟୁମ୍ବର ଅଧିକାଂଶ ଲୋକେ ଏକାଠି ହୋଇଥାନ୍ତି, ସେତେବେଳେ ମୁଁ ତାଙ୍କୁ ତବ୍‌ଲିଗ୍ କରେ ଓ ସେମାନଙ୍କୁ ଅହେମଦୀୟତ୍‌ର ବାର୍ତ୍ତା ପହଂଚାଏ । ଜମାତି ପ୍ରଥା ଓ ବିଶ୍ୱାସ ସମ୍ବନ୍ଧରେ ତର୍କବିତର୍କ ଓ ପ୍ରଶ୍ନୋତର ମଧ୍ୟ ହୁଏ । ଏହି ପ୍ରଶ୍ନୋତରକୁ ରଜାହାନି ସାହେବ୍‌ଙ୍କ ମଙ୍ଗେତର୍ (ଯାହାଙ୍କ ସହିତ ନିର୍ବନ୍ଧ ହୋଇଥିଲା) ମଧ୍ୟ ସବୁବେଳେ ଶୁଣନ୍ତି । ଓ ଛୋଟ ମାମୁଁ ଯିଏ ମସ୍‌ଜିଦ୍‌ରେ ଇମାମ୍ ଅଛନ୍ତି, ତାଙ୍କର ଭୀଷଣ ବିରୋଧ ହେବା ସତ୍ତ୍ୱେ ମଧ୍ୟ ରଜାହାନି ସାହେବ୍‌ଙ୍କ ମଙ୍ଗେତର ନିଜ ମା' ବାପାଙ୍କୁ କହିଲେ କି ମୁଁ ଏତେ ଦିନ ହେବ ସବୁକଥା ଓ ତର୍କବିତର୍କ ଶୁଣିଛି । ଏହି ସବୁ କଥା ଶୁଣି ମୁଁ ଏକଥାରେ ଉପନୀତ ହୋଇଛି କି ଅହେମଦୀୟତ୍ ହିଁ ହେଉଛି ପ୍ରକୃତ ଇସ୍‌ଲାମ୍ । ଏବେ ମୋତେ ତାଙ୍କ ସହିତ ବିବାହ କରିବାରେ କୌଣସି ସଙ୍କୋଚ ରହିବ ନାହିଁ । ତେଣୁ ଏବେ ଆପଣମାନେ ମୁଖାଲିଫତ୍ (ବିରୋଧ) ନକରି ମୋର ରିସ୍ତା ତାଙ୍କ ସହିତ କରିଦିଅନ୍ତୁ । ଏଥିରେ ତାଙ୍କ ମା' ବାପା ତାଙ୍କର ବିବାହ କରିଦେଲେ ।

ଆଜି ଏହି ଦୁଇଜଣ ସ୍ୱାମୀ ସ୍ତ୍ରୀ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସାକ୍ଷାତ୍ କରିବା ପରେ ସେ ଆନନ୍ଦରେ ଆତ୍ମହରା ହୋଇଯାଇଥିଲେ । ତାଙ୍କ ଆଖିରୁ ଅଶ୍ରୁ ବହୁଥିଲା । ସେ ଏହି ସୌଭାଗ୍ୟ ପାଇଥିବାରୁ ବହୁତ ଖୁସି ଥିଲେ କି ଜୀବନର ପ୍ରଥମ ଥର ସେମାନେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍ କରିବାର ଅବସର ପ୍ରାପ୍ତ ହୋଇଛି । ତାଙ୍କ ସହିତ କଥା କହିବା ପାଇଁ ବହୁତ ମୁସ୍‌କିଲ୍ ହେଉଥିଲା । ଅଲ୍ଲାଃତାଲା ସେମାନଙ୍କ ଇମାନ୍ ଓ ନିଷ୍ଠାକୁ ଗଢ଼ାନ୍ତୁ । ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୯ଟା ପର୍ଯ୍ୟନ୍ତ ଜାରି ରହିଲା ।

### ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)

ଏହାପରେ ୯:୩୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ମେହ୍‌ମୁଦ୍‌ରେ ପହଂଚିଲେ ଓ ପ୍ରେଗ୍ରାମ୍ ମୁତାବକ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ୧୯ ଜଣ ପୁଅ ଝିଅଙ୍କ ଠାରୁ ପବିତ୍ର କୋରାନ୍‌ରୁ ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜା ଆଇସା ଖୋଲୁଦ୍ ଅହେମଦ୍, ଆଫିୟା ଅହେମଦ୍, ଦୁର୍‌ରେ ଅଦନ୍, ଶୋହେଲା ଅହେମଦ୍, ଅତିୟା ରଶିଦ୍, ହୁମା ଇକ୍‌ବାଲ୍, ସୌବିୟା ଅହେମଦ୍, ବରିରା ଅହେମଦ୍, ଅଲ୍‌ନିରା ଅହେମଦ୍, ସତ୍‌ଓ୍ୱତ୍ ଅହେମଦ୍, ଅଲିଶାହ୍ ଖାନ୍

ଅଜିଜମ୍ ଅମାନ୍ ଅହେମଦ୍ ଖାନ୍, ହମ୍‌ଜାଃ ଅହେମଦ୍ ଖାନ୍, ମୋତହର୍ ଅହେମଦ୍ ଖାନ୍, ଫାରାନ୍ ରଶିଦ୍, ଓ୍ୱଲିଦ୍ ଅହେମଦ୍, ବିଲାଲ୍ ଅହେମଦ୍, ଫରିଦ୍ ମିଆଜି ଓ ଫଏଜାନ୍ ତାହେର୍ ।

ତକ୍‌ରିବେ ଆମିନ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ମଗ୍‌ରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

(ବହଓ୍ୱାଲା ଅଖ୍‌ବାର୍ ବଦର୍ ୭ ଜୁଲାଇ ୨୦୧୬)

### ୧୬ ମଇ ୨୦୧୬ (ସୋମବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୪ଟାରେ ମସ୍‌ଜିଦ୍ ମେହ୍‌ମୁଦ୍‌ରେ ପହଂଚି ଫଜର୍ ନମାଜ୍ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ନିଜ ରହିବା ସ୍ଥାନକୁ ଚାଲିଗଲେ । ସକାଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଡାକ, ରିପୋର୍ଟ୍‌ସ୍ ଓ ଚିଠିପତ୍ର ଇତ୍ୟାଦି ଦେଖି ହିଦାୟତ୍ ପ୍ରଦାନ କଲେ ।

### ମାଲ୍‌ମୋରୁ ଷ୍ଟକ୍‌ହୋମ୍ ନିମନ୍ତେ ଯାତ୍ରା

ଆଜି ପ୍ରୋଗ୍ରାମ୍ ମୁତାବକ ମାଲ୍‌ମୋରୁ ଷ୍ଟକ୍‌ହୋମ୍ ପାଇଁ ଯିବାର ପ୍ରୋଗ୍ରାମ୍ ଥିଲା । ୧୨:୧୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ଜମାତ୍ ଅହେମଦୀୟା ମାଲ୍‌ମୋର ସଦସ୍ୟଗଣ ପୁରୁଷ ଓ ମହିଳା, ପିଲା ବୁଢ଼ା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ବିଦାୟ ଦେବା ପାଇଁ ସକାଳରୁ ହିଁ ମସ୍‌ଜିଦ୍ ପ୍ରାଙ୍ଗଣରେ ଜମା ହୋଇଥିଲେ । ଛୋଟ ଛୋଟ ଝିଅପିଲାମାନଙ୍କର ଗ୍ରୁପ୍‌ସ୍ ଗୁଡିକ ଅନବରତ ବିଦାୟ ପ୍ରାର୍ଥନା ମୂଳକ କବିତା ପାଠ କରୁଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଓ ଇଜିତିମାଇ ଦୁଆ କରାଇଲେ । ଏହାପରେ ଷ୍ଟକ୍‌ହୋମ୍ ନିମନ୍ତେ ବାହାରିଗଲେ ।

ମାଲ୍‌ମୋ ଷ୍ଟକ୍‌ହୋମ୍‌ର ଦୂରତା ହେଉଛି ୬୧୫ କି.ମି । ପୂର୍ବ ନିର୍ଦ୍ଧାରିତ ପ୍ରୋଗ୍ରାମ୍ ମୁତାବକ ରାସ୍ତାରେ Ljungby ସହରରେ ରହି ନମାଜ ଜୋହର୍ ଏବଂ ଅସର ତା ପରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଥିଲା । ୧୮୨ କି.ମି ଯାତ୍ରା ଅତିକ୍ରମ କରିବା ପରେ ଠିକ୍ ଦିନ ୨ଟା ପାଖାପାଖି Ljungby ସହରରେ ପହଂଚିଲେ, ଯେଉଁଠି Best western hotel ଠାରେ ନମାଜ ପାଠ ଓ ଦିବା ଭୋଜନର ବ୍ୟବସ୍ଥା ରଖାଯାଇଥିଲା । ନମାଜ ପାଇଁ ଗୋଟିଏ ହଲ୍ ବୁକ୍ କରାଯାଇଥିଲା । ୨:୨୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେ ହଲ୍‌ରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ଏଠାରୁ ୩:୨୦ ରେ ଷ୍ଟକ୍‌ହୋମ୍ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ସେଠାରୁ ଷ୍ଟକ୍‌ହୋମ୍‌ର ଦୂରତା ହେଉଛି ୪୩୩ କି.ମି । ରାସ୍ତାରେ ଗୋଟିଏ ସ୍ଥାନରେ ପାଖାପାଖି ୧୫ ମିନିଟ୍ ରହିଲେ । ଆଗକୁ ଯାତ୍ରା ଆରମ୍ଭ ହେଲା ।

ଷ୍ଟକ୍‌ହୋମ୍‌ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ରହଣି ଓ ସମସ୍ତ ପ୍ରୋଗ୍ରାମ୍‌ର ବ୍ୟବସ୍ଥା Sheraton ହୋଟେଲ୍‌ରେ ରଖାଯାଇଥିଲା । ଠିକ୍ ୮ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ Sheraton ହୋଟେଲ୍‌ରେ ପହଂଚିଲେ । ହୋଟେଲ୍‌ର ବାହ୍ୟ ଲଞ୍ଜ୍‌ରେ ଜମାତ୍ ଅହେମଦୀୟା ଷ୍ଟକ୍‌ହୋମ୍‌ର ସଦସ୍ୟଗଣ, ପୁରୁଷ ଓ ମହିଳା ଓ ପିଲାମାନେ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇଲେ । ଛୋଟ ଛୋଟ ଝିଅମାନେ ସ୍ୱାଗତ ସଂଗୀତ ଉପସ୍ଥାପନ କରୁଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗାଡ଼ିରୁ ଓହ୍ଲାଇ ବାହାରକୁ ବାହାରିବା କ୍ଷଣି ସଦର ଜମାତ୍ ଷ୍ଟକ୍‌ହୋମ୍ ମୋକରମ୍ ଖାଲିଦ୍ ମେହ୍‌ମୁଦ୍ ଚିମା ସାହେବ୍ ଓ ମୁବଲିଗ୍ ସିଲ୍‌ସିଲା ଷ୍ଟକ୍‌ହୋମ୍ ମୋକରମ୍ କାଶିଫ୍ ମେହ୍‌ମୁଦ୍ ଓ୍ୱର୍କ୍ ସାହେବ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇଲେ ଓ କରମର୍ଦ୍ଦନ କରିବାର ସୌଭାଗ୍ୟ ପାଇଲେ । ମହିଳାମାନେ ଅନବରତ ହଜୁର୍‌ଙ୍କ ଦର୍ଶନ କରିଥିଲେ । ପୁରୁଷମାନେ ନିଜ ହାତକୁ ଉପରକୁ ଉଠାଇ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଉଥିଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହୋଟେଲ୍ ଭିତରକୁ ପ୍ରବେଶ କଲେ । ହୋଟେଲ୍‌ର ମୁଖ୍ୟ ଦରଜାରେ ହୋଟେଲ୍‌ର ଚିଫ୍ ସିକ୍ୟୁରିଟି ଅଫିସର୍ ଓ ଅନ୍ ଡ୍ୟୁଟି ମ୍ୟାନେଜର୍ ସାହେବ୍ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇଲେ ଓ ହଜୁର୍‌ଙ୍କ ଗୋଚରେ ଫୁଲତୋଡା ଉପସ୍ଥାପନ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଆବାସସ୍ଥଳୀ (ଆପାର୍ଟମେଂଟ୍) ରେ ହଜୁର୍ ପହଂଚିଲେ ।

ନମାଜ ମଗ୍‌ରିବ୍ ଓ ଇଶା ପଢ଼ିବାର ବ୍ୟବସ୍ଥା ହୋଟେଲ୍‌ର ଗୋଟିଏ ହଲ୍ ଭିତରେ କରାଯାଇଥିଲା । ଠିକ୍ ୯:୩୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହଲ୍‌ରେ ପଦାର୍ପଣ କରି ନମାଜ ମଗ୍‌ରିବ୍ ଓ ଇଶା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଷ୍ଟକ୍‌ହୋମ୍ ହେଉଛି ସ୍ୱିଡେନ୍ ଦେଶର ରାଜଧାନୀ । ଏଠାରେ ଜମାତ୍‌ର ସ୍ଥାପନ ୧୯୭୦ ଦଶକରେ ହୋଇଥିଲା । ୨୦୦୮ ମସିହାରେ ଜମାତ୍ ଗୋଟିଏ କୋଠି ଜମାତି ସେଂଟର୍ ନିମନ୍ତେ ୩.୫ ମିଲିୟନ୍ କ୍ରୋନର୍ ଦେଇ Bramten Spanga ଇଲାକାରେ କିଣିଛି । ସେଇ କୋଠିରେ ପୁରୁଷ ଓ ମହିଳାଙ୍କ ନିମନ୍ତେ ଦୁଇଗୋଟି ହଲ୍ ରହିଛି, ଯେଉଁଠି ପାଖାପାଖି ୧୦୦ ଜଣ ନମାଜି ନମାଜ ପାଠ କରିପାରିବେ । ଏତଦ୍‌ବ୍ୟତୀତ ଲାଇବ୍ରେରୀ, ମର୍କଜି ଦଫ୍‌ତର୍, ଗେଷ୍ଟ୍ ରୁମ୍, କିଚେନ୍ ଓ ବିଭିନ୍ନ ପ୍ରକାରର ସୁବିଧାର ବ୍ୟବସ୍ଥା ଅଛି ।

ଜମାତ୍ ଅହେମଦୀୟା ଷ୍ଟକ୍‌ହୋମ୍‌ର ତଜ୍‌ନିଦ୍ ହେଉଛି ୧୫୦ ପାଖାପାଖି । ଅଲ୍ଲାଃତାଲାଙ୍କ ଦୟାବଳରୁ ଷ୍ଟକ୍‌ହୋମ୍ ଜମାତ୍ ଉନ୍ନତି କରିଚାଲିଛି । ଏବେ ସେମାନଙ୍କର ମଧ୍ୟ ନିଜର ଏକ ମସ୍‌ଜିଦ୍ ନିର୍ମାଣ ହେବାର ଯୋଜନା କରାଯାଉଛି ।

### ୧୭ ମଇ ୨୦୧୬ (ମଙ୍ଗଳବାର)

ନମାଜ ପାଠ ନିମନ୍ତେ ଗୋଟିଏ ହଲ୍ ଶେରାଟନ୍ ହୋଟେଲ୍‌ରେ ବୁକ୍ କରାଯାଇଥିଲା । ପ୍ରତ୍ୟୁଷ ୩ଟାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେହି ହଲ୍‌ରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ଷ୍ଟକ୍‌ହୋମ୍‌ରେ ସୂର୍ଯ୍ୟୋଦୟର ସମୟ ହେଉଛି ୪:୧୦ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ରହିବା ଆପାର୍ଟମେଂଟ୍‌କୁ ଚାଲିଗଲେ । ସକାଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠିପତ୍ର ଓ ରିପୋର୍ଟ୍‌ସ୍ ଗୁଡିକୁ ଦେଖିଲେ ଓ ସେଥିରେ ହିଦାୟତ୍ ପ୍ରଦାନ କଲେ ।

### ଫ୍ୟାମିଲି ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ସକାଳ ୧୧ଟା ସମୟରେ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ଜମାତ୍ ଅହେମଦୀୟା ଷ୍ଟକ୍‌ହୋମ୍‌ର ୩୨ଟି ଫ୍ୟାମିଲିରୁ ୧୦୯ଜଣ ଲୋକେ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ଓ ଫ୍ୟାମିଲିର ପ୍ରତ୍ୟେକ ସଦସ୍ୟ ଓ ପ୍ରତ୍ୟେକ ଫ୍ୟାମିଲି ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ଦ୍ୱିପ୍ରହର ୧:୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ଠିକ୍ ଦୁଇଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ରହିବା ଆପାର୍ଟମେଂଟ୍‌କୁ ଚାଲିଗଲେ । ଆଜି ଜମାତ୍ ଅହେମଦୀୟା ସ୍ୱିଡେନ୍ ଶିରାଟନ୍ ହୋଟେଲ୍‌ରେ ଗୋଟିଏ ସ୍ୱାଗତ ଉତ୍ସବର ଆୟୋଜନ କରିଥିଲା ।

### ଶିରାଟନ୍ ହୋଟେଲ୍‌ରେ ଗୋଟିଏ ସ୍ୱାଗତ ଉତ୍ସବ ପୂର୍ବରୁ କିଛି ଅତିଥି ମାନଙ୍କର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ଉତ୍ସବ ଅନୁଷ୍ଠିତ ହେବା ପୂର୍ବରୁ କିଛି ଅତିଥିଗଣ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ପ୍ରୋଗ୍ରାମ୍ ରଖାଯାଇଥିଲା । ସେହି ଅତିଥିମାନଙ୍କ ମଧ୍ୟରେ Hon'ble Hillevi Larsson ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ସୋସିଆଲ ଡେମୋକ୍ରାଟିଭ୍ ପାର୍ଟି, Hon'ble Valter Mutt ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଗ୍ରୀନ୍ ପାର୍ଟି, Hon'ble Annika Lillemets ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଗ୍ରୀନ୍ ପାର୍ଟି, Hon'ble Bengt Eliasson ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଲେବର୍ ପାର୍ଟି ଏବଂ Hon'ble Mia Sydow ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଲେଫ୍‌ଟ୍ ପାର୍ଟି ସାମିଲ୍ ହୋଇଥିଲେ । ଏହି ସମସ୍ତ ଅତିଥିଗଣ କନ୍‌ଫରେନ୍‌ସ ରୁମ୍‌ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଆଗମନକୁ ଅପେକ୍ଷା କରି ରହିଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ୬:୪୫ ରେ ଆସିଲେ । ସାକ୍ଷାତ୍‌କାରର ପ୍ରାରମ୍ଭରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେଠାରେ ଉପସ୍ଥିତ ଥିବା ଅତିଥିମାନଙ୍କର ହାଲ୍‌ଚାଲ୍ ପଚାରି ବୁଝିଲେ । ଅତିଥିମାନେ ମଧ୍ୟ ହଜୁର୍‌ଙ୍କର ସ୍ୱିଡେନ୍ ଗସ୍ତ ବାବଦରେ ପଚାରି ବୁଝିଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ– ମାଲ୍‌ମୋ କୁ ମୁଁ ପୂର୍ବରୁ ଯାଇଛି କିନ୍ତୁ ଷ୍ଟକ୍‌ହୋମ୍‌କୁ ଆସିବା ହେଉଛି ମୋର ପ୍ରଥମ । ଏଥିରେ ଅତିଥିମାନେ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇଲେ । ଏହାର ପ୍ରତିବଦଳରେ ହଜୁର୍ ଅ:ବ:ଅ ସେମାନଙ୍କୁ ଧନ୍ୟବାଦ ଜଣାଇଲେ ।

ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଯାହାଙ୍କ ସମ୍ବନ୍ଧ ଗ୍ରୀନ୍ ପାର୍ଟି ସହିତ ଅଛି ସେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ କହିଲେ ଆମେ ପୂର୍ବରୁ ଲଣ୍ଡନରେ ମଧ୍ୟ ମିଳିସାରିଛେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ତାଙ୍କୁ ପଚାରିଲେ କି ଗ୍ରୀନ୍ ପାର୍ଟିର ପାର୍ଲିଆମେଂଟ୍‌ରେ କେତୋଟି ସିଟ୍ ରହିଛି । ଏଥିରେ ସେ ଉତର ଦେଲେ କି ତାଙ୍କର ୨୫ଟି ସିଟ୍ ଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କଣ ଆପଣଙ୍କର ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ସହିତ ଏକତା ରହିଛି ? ସେହି ବନ୍ଧୁଜଣକର ଉତର ଯୁକ୍ତାତ୍ମକ ଥିଲା । ସେହିପରି ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ସହିତ ସମ୍ପର୍କ ରଖିଥିବା ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମହିଳା ବତାଇଲେ କି ଆମେ ଗ୍ରୀନ୍‌ପାର୍ଟି ବ୍ୟତୀତ ଲେଫ୍‌ଟ୍ ପାର୍ଟି ସହିତ ମଧ୍ୟ ମିଶି କାମ କରିଛୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଗ୍ରୀନ୍ ପାର୍ଟିର ମେମ୍ବର୍‌କୁ ହସି ପଚାରିଲେ କଣ ଆପଣମାନେ ଦେଶରେ ସବୁଜ ବିପ୍ଲବ ଆଣିବାକୁ ଚାହୁଁଛନ୍ତି ? ଏଠାରେ ତ ପୂର୍ବରୁ ସବୁକିଛି ସବୁଜ ଅଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଏହି ଢ଼ଙ୍ଗରେ ପଚାରିବା ଦ୍ୱାରା ସମସ୍ତ ଉପସ୍ଥିତ ଅତିଥିମାନେ ଆନନ୍ଦିତ ହେଲେ ଓ ଜଣେ ମହିଳା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଉତର ଦେଲେ କି ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ

ଭଲ ସମୟରେ ସ୍ୱିଡେନ୍ ଆସିଛନ୍ତି । କାରଣ ଏଠାରେ ବସନ୍ତ ଋତୁ ଆରମ୍ଭ ହୋଇସାରିଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏ ପର୍ଯ୍ୟନ୍ତ ପତ୍ର ବାହାରୁଛି । ମୁଁ ଭାବୁନାହିଁ କି ଏବେ ସମ୍ପୂର୍ଣ୍ଣ ରୂପେ ସବୁଜତା ପ୍ରକାଶ ହୋଇସାରିଛି ବୋଲି ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରୁ ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ବତାଇଲେ କି ଆମ ପାର୍ଟିର ମୋଟ ସିଟ୍ ସଂଖ୍ୟା ହେଉଛି ୩୪୯ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହାର ଅର୍ଥ ହେଉଛି କୌଣସି ପାର୍ଟି ନିକଟରେ ବହୁମତ ନାହିଁ । ଏଥିରେ ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ସହିତ ସମ୍ପର୍କ ରଖିଥିବା ମହିଳାଜଣକ ଉତର ଦେଲେ କି ଠକ୍ କଥା । କିନ୍ତୁ ବର୍ତମାନ ଆମର ଅଧିକା ସିଟ୍ ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ନିକଟରେ ଅଛି, ଯାହାଙ୍କ ସଂଖ୍ୟା ହେଉଛି ୧୧୩ ।

ଏହାପରେ ଜଣେ ମହିଳା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ପ୍ରଶ୍ନ ପଚାରିଲେ କି ମାଲ୍ମୋରେ ରହଣି ଆପଣଙ୍କର କିପରି ରହିଲା ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବହୁତ ଭଲ । ସେଠାରେ ଆମର ମସ୍ଜିଦ୍ ଉଦ୍‌ଘାଟନ ହେଲା । ମାଲ୍ମୋରେ ଆମ ଜମାତ୍‌ର ସଦସ୍ୟମାନେ ଅଛନ୍ତି । ତାଙ୍କ ସହିତ ମଧ୍ୟ ସାକ୍ଷାତ୍ ହେଲା । ବାକି ସ୍ୱିଡେନ୍ ବାହାରୁ ମଧ୍ୟ ଲୋକମାନେ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ତାଙ୍କ ସହିତ ମଧ୍ୟ ସାକ୍ଷାତ୍ ହେଲା । ମୌସମ୍ ମଧ୍ୟ ବହୁତ ବଢ଼ିଆ ଥିଲା । ତେଣୁ ମାଲ୍ମୋରେ ବହୁତ ଭଲଭାବେ ସମୟ କଟିଲା ।

ଏହାପରେ ଜଣେ ମହିଳା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ପ୍ରଶ୍ନ କଲେ କି କଣ ଆପଣ ବହୁତ ଅଧିକା ସଫର୍ (ଗସ୍ତ) କରୁଛନ୍ତି କି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବହୁତ ତ ନୁହେଁ ଆପଣ ଏହା କହିପାରିବେ କି ବର୍ଷକେ ଦୁଇ ତିନିମାସ ଗସ୍ତରେ ରହୁଛି । ବୋଧହୁଏ ଏହା ଆପଣଙ୍କ ପାଇଁ ଅଧିକା ଥିବ କିନ୍ତୁ ମୋ ପାଇଁ ଏହା ଅଧିକ ନୁହେଁ ।

ଏହାପରେ ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ପ୍ରଶ୍ନ ପଚାରିଲେ ଆପଣ ସ୍ୱିଡେନ୍‌ରେ ‘‘ମହବତ୍ ସବ୍ କେଲି ଏ, ନଫ୍‌ରତ୍ କିସି ସେ ନେହି’’ ର ଯେଉଁ ତେହ୍‌ରିକ୍ ଚଳାଇଛନ୍ତି ତାହା କେତେ ସଫଳ ହୋଇଛି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏ ତହ୍‌ରିକ୍ କେବଳ ସ୍ୱିଡେନ୍‌ରେ ନୁହେଁ, ବରଂ ପ୍ରତ୍ୟେକ ସ୍ଥାନରେ ଚାଲିଛି । ମୋ ମତରେ ଏହା ହେଉଛି ଏକ ଏପରି ଜିନିଷ ଯାହା ମାଧ୍ୟମରେ ଆପଣ ସମାଜରେ ଶାନ୍ତି, ପ୍ରେମ ଓ ଭାଇଚାରାକୁ ବଢ଼ାଇପାରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହାର ଫଳ ବହୁତ ଅଧିକ ଫଳପ୍ରଦ ତ ନୁହେଁ, କିନ୍ତୁ ମୁଁ ଏ ଆଶା ରଖିଛି କି ଏହା ଫଳପ୍ରଦ ହେବ । ଆମକୁ ତ ସମ୍ପୂର୍ଣ୍ଣ ରୂପେ ଚେଷ୍ଟା କରିବାକୁ ହେବ ଓ ଏହା ଆମର ଉଦ୍ଦେଶ୍ୟ । ସେଇଥିପାଇଁ ଆମେ ଚେଷ୍ଟା କରୁଛୁ ଓ କରିଚାଲିବୁ ଓ କେବେ ବି ପଛକୁ ଫେରିବୁ ନାହିଁ । ଆମେ ମଧ୍ୟ ଶାନ୍ତି ସ୍ଥାପନ ନିମନ୍ତେ ଚେଷ୍ଟା ଜାରି ରଖିବୁ ଓ ଆମ ପରେ ଆମ ଆସନ୍ତା ପିଢ଼ୀ ମଧ୍ୟ ଏହାକୁ ଜାରି ରଖିବ । ଆମର ଏ ମିଶନ୍ ଅଛି କି ଆମେ କିପରି ସଂସାରକୁ ବଂଚାଇବୁ ଓ ନିଜର ପିଢ଼ୀକୁ ପ୍ରେମ, ଭଲପାଇବା ଓ ଭାଇଚାରା ପରି ଉତମ ଚରିତ୍ରର ଉତରାଧିକାରୀ ବନାଇ ଯିବୁ । ଆମକୁ ଯଦି ନିଜ ପାଇଁ ନୁହେଁ, ତେବେ ନିଜ ଆସନ୍ତା ପିଢ଼ୀ ନିମନ୍ତେ ବହୁତ ଅଧିକା ପରିଶ୍ରମ କରିବାକୁ ହେବ ।

ଏହାପରେ ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ସହିତ ସମ୍ପର୍କ ରଖିଥିବା ଜଣେ ମହିଳା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଏ ପ୍ରଶ୍ନ କଲେ କି ଏଠି ସ୍ୱିଡେନ୍‌ରେ ଯୁଦ୍ଧ ତ ହେଉନାହିଁ କିନ୍ତୁ ଅନ୍ୟାନ୍ୟ ବହୁତ କିସମର ସମସ୍ୟା ରହିଛି ଓ ଅନେକ ବାଦବିବାଦ ରହିଛି । ଏଠାରେ ଘୃଣାଭାବ ଦେଖିବାକୁ ମିଳେ । ଅହେମଦୀଙ୍କ ବ୍ୟତୀତ ଏଠାରେ ଚରମପନ୍ଥୀ ମୁସଲ୍‌ମାନ୍‌ମାନେ ମଧ୍ୟ ଅଛନ୍ତି । ଯେଉଁମାନେ ଦାଇଶ୍ (ISISI) ରେ ସାମିଲ୍ ହେଉଛନ୍ତି । ଏହିପରି ସବୁ ସମସ୍ୟା ରହିଛି । ଏହାର ସମାଧାନ କଣ ?

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏ ଦେଶର ଅଧିବାସୀ ହେବା ଯୋଗୁ ସମସ୍ତଙ୍କୁ ଜଣେ ଅନ୍ୟଙ୍କର ସମ୍ମାନ କରିବା ଉଚିତ୍ ଓ ଜଣେ ଅନ୍ୟଙ୍କର ପ୍ରକୃତ ଅଧିକାରକୁ ପ୍ରଦାନ କରିବା ଉଚିତ୍ । ଏହି ଜିନିଷକୁ ମୁଳଦୁଆ କରି ସମସ୍ୟା ଗୁଡିକର ସମାଧାନ କରିବା ଉଚିତ୍ । ଏହି ସମସ୍ୟା ଗୁଡିକର ସମ୍ପର୍କ ରିଫ୍ୟୁଜିମାନଙ୍କ ସହିତ ହେଉ ବା ମୁହାଜିରିନ୍‌ଙ୍କ ସହିତ ହେଉ ବା ପୁଣି ସ୍ଥାନୀୟ ଲୋକମାନଙ୍କ ସହିତ ହେଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କିନ୍ତୁ ଆପଣ ଏହା କହିପାରିବେ ନାହିଁ କି ସ୍ୱିଡେନ୍ ଯୁଦ୍ଧରେ ସାମିଲ୍ ନାହିଁ ବୋଲି । କାରଣ ଯଦି ଭଗବାନ୍ ନକରନ୍ତୁ ତୃତୀୟ ବିଶ୍ୱଯୁଦ୍ଧ ହୋଇଯାଏ ସେତେବେଳେ ଆପଣମାନେ ମଧ୍ୟ ଏହାର ଭାଗିଦାରୀ ହେବେ । ତେଣୁ ଏ ସଂକଟ ବହୁତ ବଡ଼ ସଂକଟ ଅଟେ । କେବଳ ଏତିକି କଥା ଯଥେଷ୍ଟ ନୁହେଁ ଯେ ଆମେ ତ ଦୁନିଆର ଗୋଟିଏ କୋଣରେ ଅଛୁ । ଗୋଟିଏ ଛୋଟ ଦ୍ୱିପରେ ଅଛୁ । ସେଥିଯୋଗୁ ଯୁଦ୍ଧ ସହିତ ଆମର କୌଣସି ସମ୍ପର୍କ ନାହିଁ ବୋଲି । ଯେପରିକି ଏବେ ଏ ସାରା ଦୁନିଆ ଗୋଟିଏ ଗ୍ଲୋବାଲ୍ ଭିଲେଜ୍ ହୋଇସାରିଛି । ପ୍ରତ୍ୟେକ କୌମ୍ (ଜାତି) ଏହା ଆୟତରେ ଆସିଯିବ ।

ଜଣେ ମହିଳା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ପ୍ରଶ୍ନ ପଚାରିଲେ କି ଆପଣ କହୁଛନ୍ତି କି ଘୃଣାକୁ ଶେଷ କରିଦିଆଯାଉ । କିନ୍ତୁ ଏହି ଘୃଣା କିପରି ଶେଷ ହେବ । ଯେବେ ଦୁଇ ତରଫରୁ ବିରୋଧ ଅଧିକା ହେବ ଓ ନିଜ ଭିତରେ ସମ୍ପର୍କର ଦୂରତା ଅଧିକ ହେବ ? ପୂର୍ବ ଓ ପଶ୍ଚିମ ମଧ୍ୟରେ ଥିବା ପାର୍ଥକ୍ୟ, ଧନୀ ଓ ଗରିବ ମଧ୍ୟରେ ଥିବା ପାର୍ଥକ୍ୟ ? ଏ ସବୁକୁ କିପରି ଶେଷ କରାଯାଇପାରିବ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ଠିକ୍ ରୂପେ ନ୍ୟାୟ ପ୍ରତିଷ୍ଠା ହେବ ତେବେ ଏହି ପାର୍ଥକ୍ୟ ସ୍ୱତଃପ୍ରୂତ ଭାବେ ଶେଷ ହୋଇଯିବ । ଯଦି ଆମେ ନିଜ ଅଧିକାରକୁ ମାଗିବା ପରିବର୍ତେ ଅନ୍ୟମାନଙ୍କୁ ସେମାନଙ୍କ ଅଧିକାର ଦେବାପାଇଁ ତତ୍ପର ରହିବା ତେବେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଆପଣ ଏହା କହିପାରିବେ ନାହିଁ କି ପ୍ରତ୍ୟେକ ସ୍ୱିଡିଶ୍ ଜଣେ ଅନ୍ୟ ଜଣକର ଅଧିକାରକୁ ପ୍ରଦାନ କରୁଛି ବୋଲି । ଏ ସଂସାର ଯେତେ ଉନ୍ନତି କରି ଚାଲିଛି । ଆମେ ସେତିକି ଲୋଭି ହୋଇ ଚାଲିଛୁ, ସେଇଥିପାଇଁ ଦୂରତା ବଢୁଅଛି । ଏତଦ୍‌ବ୍ୟତୀତ ମୋ ନିକଟରେ ଏହାର ଯେଉଁ ମୂଳ କାରଣ ରହିଛି ତାହା ହେଉଛି ଆମେ ଆମ ପ୍ରକୃତ ସୃଷ୍ଟିକର୍ତାଙ୍କୁ ଭୁଲି ଯାଇଛେ । ତେଣୁ ଏହା ବହୁତ ଆବଶ୍ୟକ ଅଟେ କି ଆମେ ଏ ସଂସାରର ସୃଷ୍ଟିକର୍ତାକୁ ଚିହ୍ନିବା । ଏହା ହେଉଛି ଗୋଟିଏ କଥା ଓ ଦ୍ୱିତୀୟ କଥା ହେଉଛି ଆମେ ଅନ୍ୟମାନଙ୍କର ଅଧିକାରକୁ ପ୍ରଦାନ କରିବା ଓ ସେମାନଙ୍କ ସହିତ ପ୍ରେମ, ଭଲପାଇବା ସହିତ ବ୍ୟବହାର କରିବା ଓ ଜଣେ ଅନ୍ୟଜଣକୁ ସମ୍ମାନ ଦେବା । କିନ୍ତୁ ଏହା ବହୁତ କଠିନ ବ୍ୟାପାର ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଦେଖ ଏହା ମଣିଷର ପ୍ରକୃତିକୁ ସବୁ ଲୋକେ ସବୁ କଥାରେ ସହମତ ହୋଇପାରିବେ ନାହିଁ । କିଛି କଥା ଏପରି ଅଛି, ସେଥିରେ ଆପଣମାନେ ସହମତ ହେବେ ନାହିଁ । କିଛି ଜିନିଷ ଏପରି ମଧ୍ୟ ଅଛି, ଯାହା ସହିମ ମୁଁ ମଧ୍ୟ ସହମତ ହେବି ନାହିଁ । ଏହାତ ମଣିଷର ପ୍ରକୃତି । କିନ୍ତୁ ଏହା ସତ୍ୱେ ମଧ୍ୟ ଆମେ ଏହି ସବୁ ବସ୍ତୁକୁ ଶତୃତାର କାରଣ ବନାଇବା ଉଚିତ୍ ନୁହେଁ । ସମ୍ଭବତଃ ନିଜ ଭାଇଭଉଣୀଙ୍କର ଅଲଗା ଅଲଗା ଦୃଷ୍ଟିକୋଣ ମଧ୍ୟ ଥିବ । କିନ୍ତୁ ଏହାର ଅର୍ଥ ନୁହେଁ କି ସେମାନେ ଘରେ ସବୁବେଳେ ଲଢ଼େଇ ଝଗଡ଼ା କରୁଥିବେ । ବେଳେବେଳେ ପିଲାମାନେ ମଧ୍ୟ ଜଣେ ଅନ୍ୟଠାରୁ ଭିନ୍ନ ମତ ରଖେ ଓ ବେଳେବେଳେ ସେଇଥିଯୋଗୁ ସେମାନେ ଝଗଡ଼ା ମଧ୍ୟ କରିଥାନ୍ତି । କିନ୍ତୁ କିଛି ସମୟ ପରେ ସବୁକିଛି ନର୍ମାଲ୍ (ସାଧାରଣ) ହୋଇଯାଏ । ତେବେ ଅତି କମ୍‌ରେ ଆମେ ମଣିଷର ମାନସିକତାର ଏହି ପାର୍ଶ୍ୱରୁ ଲାଭ ଉଠାଇପାରିବା କି ଆମେ ଜଣେ ଅନ୍ୟଜଣକର ଦୃଷ୍ଟିକୋଣକୁ ବୁଝିବା ଓ ଏହାପରେ ନର୍ମାଲ୍ ହୋଇଯିବା । ଯଦି ଆପଣ ମୋତେ ଗାଳି ଦେବେ ତେବେ ମୋତେ ଶେଷ ସୀମା ପର୍ଯ୍ୟନ୍ତ ଏହାକୁ ବର୍‌ଦାସ୍ତ କରିବାକୁ ହେବ । ହୋଇପାରେ ଆପଣଙ୍କ ବର୍‌ଦାସ୍ତ କରିବାର ଶକ୍ତି ମୋ ବର୍‌ଦାସ୍ତଠାରୁ ବହୁତ କମ୍ ଥିବ । କିନ୍ତୁ ପ୍ରତ୍ୟେକଙ୍କ ପାଇଁ ଏହା ଜରୁରୀ ଅଟେ କି ସେ ଶେଷ ସୀମା ପର୍ଯ୍ୟନ୍ତ ଏହିପରି କଥାକୁ ବର୍‌ଦାସ୍ତ କରୁ । ପବିତ୍ର କୋରାନ୍ ଆମକୁ ଏ ଶିକ୍ଷା ଦେଇଛି କି ସମ୍ଭବତଃ ଆପଣ ଲୋକମାନଙ୍କ ମଧ୍ୟରେ ଏଖ୍‌ତଲାଫ୍ (ମତ ପାର୍ଥକ୍ୟ) ହୋଇପାରେ । ଯଦି ଏହିପରି ଅବସ୍ଥା ସାମ୍‌ନାକୁ ଆସେ ତେବେ ଆପଣଙ୍କ ସାଙ୍ଗସାଥିଙ୍କ ପାଇଁ ଏହା ଉଚିତ୍ ହେବ କି, ସେମାନେ ଏହିଭଳି ମାମଲାକୁ ସମାଧାନ କରିବା ପାଇଁ ଚେଷ୍ଟା କରନ୍ତୁ । କିନ୍ତୁ ଏହି ସବୁ ଜିନିଷ ଏକଥାରେ ନିହିତ ଅଛି । ଆପଣଙ୍କ ଭିତରେ ବରଦାସ୍ତ କରିବାର କେତେ ଶକ୍ତି ଅଛି ? ଆପଣଙ୍କ ଭିତରେ ଅନ୍ୟଙ୍କୁ ଅଧିକାର ପ୍ରଦାନ କରିବାର କେତେ ସାହସ ଅଛି । ଯଦି ଲୋକମାନଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଛି ତେବେ ସେମାନଙ୍କ ପାଖରେ ବୁଦ୍ଧି ମଧ୍ୟ ତ ଅଛି । ଯଦି ଏହିପରି ପରିସ୍ଥିତି ଉପୁଜେ ତେବେ ବୁଦ୍ଧିକୁ ବ୍ୟବହାର କରିବା ଉଚିତ୍ ।

ଏହାପରେ ଜଣେ ମହିଳା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ପ୍ରଶ୍ନ କଲେ କି ଯଦି ଆମେ ଦୁନିଆର ବିଭିନ୍ନ ଗୋଷ୍ଠୀଙ୍କ ଭିତରେ ହେଉଥିବା ଲଢ଼େଇ ଝଗଡ଼ାର ଅନୁଧ୍ୟାନ କରିବା ତେବେ ଏହା ଜଣାପଡ଼ିବ କି ଯଦି ଗୋଟିଏ ସଂଗଠନ ଉପରେ ଅତ୍ୟାଚାର ହେଉଅଛି ତେବେ ସେ ନିଶ୍ଚିତ ରୂପେ ଏହାର ପ୍ରତିଶୋଧ ମୂଳକ କାରବାଇ କରୁଛି । କିନ୍ତୁ ଜମାତ୍ ଅହେମଦୀୟାର ଅବସ୍ଥା ସମ୍ପୂର୍ଣ୍ଣ ରୂପେ ଏହାର ଓଲଟା । ଜମାତ୍ ଅହେମଦୀୟା ଉପରେ ଅତ୍ୟାଚାର କରାଯାଉଛି କିନ୍ତୁ ସେ କୌଣସି ପ୍ରକାରର ପ୍ରତିଶୋଧ ମୂଳକ କାରବାଇ କରେନାହିଁ, ଯାହା ବହୁତ କଠିନ କାର୍ଯ୍ୟ ଅଟେ । ଜମାତ୍ ଅହେମଦୀୟା ଏହିପରି ଆଚରଣ କରିବାରେ କିପରି ସଫଳ ହେଲା ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମ ଉପରେ ଆକ୍ରମଣ ହେଉଛି ଓ କିଛି ଜୀବନ ମଧ୍ୟ ନଷ୍ଟ ହେଉଛି । କିନ୍ତୁ ଏହା ସତ୍ୱେ ମଧ୍ୟ ଆମେ ଯାହା କିଛି ହରେଇଛୁ ତା ଠାରୁ ବହୁତ ଅଧିକା ହାସଲ ମଧ୍ୟ କରୁଛୁ । ଆପଣମାନଙ୍କ ମନରେ ଅହେମଦୀ ମାନଙ୍କ ପାଇଁ ସହାନୁଭୁତି ମଧ୍ୟ ଏଇଥିପାଇଁ ରହିଛି କି ଆମେ ପ୍ରତିଶୋଧ ନେଉନାହୁଁ । ଯଦି ଆମେ ମଧ୍ୟ ପ୍ରତିଶୋଧ ନେବାକାରୀଙ୍କ ମଧ୍ୟରେ ହୋଇଥାନ୍ତୁ ତେବେ ଆଜି ଆପଣଙ୍କ ହୃଦୟରେ ଅହେମଦୀ ମାନଙ୍କ ନିମନ୍ତେ କୌଣସି ସହାନୁଭୁତି ରହିନଥାନ୍ତା । ଏହା ହେଉଛି ଆମର ଶିକ୍ଷା । ଆମ ଜମାତ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ଏହି ଶିକ୍ଷା ଦେଇଛନ୍ତି କି ଯଦି ଆପଣମାନେ ଲୋକମାନଙ୍କର ହୃଦୟକୁ ଜିଣିବାକୁ ଚାହୁଁଛନ୍ତି ତେବେ ଆପଣମାନଙ୍କୁ ନିଜ ବର୍‌ଦାସ୍ତ ଶକ୍ତିକୁ ବଢ଼ାଇବାକୁ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏ କଥା ମଧ୍ୟ ନୁହେଁ କି ଆମେମାନେ ସମ୍ପୂର୍ଣ୍ଣ ରୂପେ କୌଣସ କ୍ଷୋଭ ପ୍ରକାଶ କରୁନାହୁଁ । ଆମେ କ୍ଷୋଭ ପ୍ରକାଶ କରୁଛୁ କିନ୍ତୁ କାନୁନ୍‌କୁ ନିଜ ହାତରେ ନେଉନାହୁଁ ।

ଏହାପରେ ଜଣେ ମହିଳା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ପ୍ରଶ୍ନ ପଚାରିଲେ କି ଏହି ପ୍ରକାରର ବର୍‌ଦାସ୍ତ/ଧୈର୍ଯ୍ୟ ସୃଷ୍ଟି କରିବା ପ୍ରସଙ୍ଗରେ ଆପଣ ରାଜନୈତିଜ୍ଞ ମାନଙ୍କୁ କଣ ଉପଦେଶ ଦେବାକୁ ଚାହିଁବେ କି ସେମାନେ ମଧ୍ୟ ତାଙ୍କ ଭିତରେ ଥିବା ବର୍‌ଦାସ୍ତ ଶକ୍ତିକୁ ବଢ଼ାଇବେ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଇସ୍‌ଲାମ୍‌ର ପ୍ରତିଷ୍ଠାତା ରସୁଲେ କରିମ୍ ସ:ଆ:ସ ଆମକୁ ଏକ ଅତ୍ୟନ୍ତ ସୁନ୍ଦର ଉସୁଲ୍ (ସିଦ୍ଧାନ୍ତ) ବତାଇଛନ୍ତି କି ଯାହା ତୁମେ ନିଜ ପାଇଁ ପସନ୍ଦ କରୁଛ ତାହା ତୁମେ ନିଜ ଭାଇମାନଙ୍କ ପାଇଁ ମଧ୍ୟ ପସନ୍ଦ କର । ଅର୍ଥାତ୍ ଯଦି କୌଣସି ବସ୍ତୁକୁ ଆପଣ ମାନେ ନିଜ ପାଇଁ ଖରାପ ବା ଭଲ ବୋଲି ଭାବୁଛନ୍ତି ତେବେ ଅନ୍ୟମାନଙ୍କ ପାଇଁ ମଧ୍ୟ ଏହିପରି ଅନୁଭବ ହେବା ଉଚିତ୍ । ଏହାଦ୍ୱାରା ଆପଣମାନଙ୍କ ଭିତରେ ବର୍‌ଦାସ୍ତ/ସହନଶୀଳତା ସୃଷ୍ଟି ହେବ ।

ଏହାପରେ ଆଉଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ପ୍ରଶ୍ନ ପଚାରିଲେ କି ଆପଣ କଣ ଏହା ଭାବୁଛନ୍ତି କି ଆପଣଙ୍କ ଶିକ୍ଷାକୁ ଶୁଣୁଥିବା ଲୋକେ ଓ ଏହା ଉପରେ ପରିଚାଳିତ ହୋଇଥିବା ଲୋକଙ୍କର ବୃଦ୍ଧି ଘଟୁଛି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବିଲ୍‌କୁଲ୍ ବୃଦ୍ଧି ଘଟୁଛି । ଲୋକମାନଙ୍କ ମଧ୍ୟରୁ ବହୁ ସଂଖ୍ୟାରେ ଲୋକେ ଆମ ଶିକ୍ଷାକୁ ପ୍ରଶଂସା କରୁଛନ୍ତି ଓ ସେଇଥିପାଇଁ ଆପଣମାନେ ମଧ୍ୟ ଏଠାରେ ଉପସ୍ଥିତ ହୋଇଛନ୍ତି । ଏକ ବହୁତ ବଡ଼ ସଂଖ୍ୟା ଅଛି । ସେମାନେ ଆମ ଭିତରେ ସାମିଲ୍ ହୁଅନ୍ତୁ ବା ନହୁଅନ୍ତୁ । କିନ୍ତୁ ସେମାନେ ଆମ ଶିକ୍ଷାକୁ ପସନ୍ଦ କରୁଛନ୍ତି । କିନ୍ତୁ ବେଳେବେଳେ କିଛି ଲୋକମାନଙ୍କ ପାଇଁ ପ୍ରତିବନ୍ଧକ ରହିଥାଏ ଯେଉଁଥିପାଇଁ ସେ ଆମ ଶିକ୍ଷାଗୁଡିକୁ ମୁକ୍ତ ରୂପେ ଗ୍ରହଣ କରୁନାହାଁନ୍ତି । କିନ୍ତୁ ହୃଦୟରେ ସେମାନେ ଆମ ଶିକ୍ଷାଗୁଡିକର ସମ୍ମାନ କରୁଛନ୍ତି ।

### ସ୍ୱାଗତ ଉତ୍ସବ

ପାର୍ଲିଆମେଂଟ୍ ମେମ୍ବର୍ ମାନଙ୍କ ସହିତ ଉକ୍ତ ମିଟିଂ ୭:୧୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହୋଟେଲ୍ ଭିତରେ ଥିବା ହଲ୍ ଭିତରକୁ ପ୍ରବେଶ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଆଗମନ ପୂର୍ବରୁ ସମସ୍ତ ଅତିଥିଗଣ ନିଜ ନିଜ ସିଟ୍‌ରେ ବସିସାରିଥିଲେ । ଉତ୍ସବର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ସହିତ ହେଲା ।

ମୋକରମ୍ ଜହିର୍ ଅହେମଦ୍ ଚୌଧୁରୀ ସାହେବ ତେଲାୱତ୍ କଲେ ଓ ମୋକରମ୍ ମୁତିଉର୍ ରହମାନ୍ ସାହେବ୍ ଏହାର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ । ତା ପରେ ମୋକରମ୍ ମାମୁନୁର୍ ରଶିଦ୍ ସାହେବ୍ ଅମୀର୍ ଜମାତ୍ ସ୍ୱିଡେନ୍ ନିଜର ସ୍ୱାଗତ ଅଭିଭାଷଣ ଉପସ୍ଥାପନ କଲେ ଓ ଅତିଥିମାନଙ୍କୁ ସ୍ୱାଗତ ଜଣାଇଲେ ।

ଏହାପରେ ଅତିଥିମାନେ ମଧ୍ୟ ନିଜ ନିଜର ଭାଷଣ ଉପସ୍ଥାପନ କଲେ । ସର୍ବପ୍ରଥମେ ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ସହିତ ସମ୍ପର୍କ ରଖିଥିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Hillevi Larsson ସାହେବ ନିଜର ଭାଷଣ ଉପସ୍ଥାପନ କରି କହିଲେ:- ମୋତେ ମସ୍‌ଜିଦ୍ ମାଲ୍‌ମୋ ଦେଖିବାକୁ ଅବସର ମିଳିଛି ତାହା ବହୁତ ସୁନ୍ଦର ଅଟ୍ଟାଳିକା ଅଟେ ଏବଂ ଯେଉଁକ୍ଷଣି ଆପଣ ମସ୍‌ଜିଦ୍ ଭିତରେ ପ୍ରବେଶ କରିବେ ଓ ଜମାତ୍ ଅହେମଦୀୟାର ସଦସ୍ୟମାନଙ୍କ ସହିତ ମିଶିବେ ସେତେବେଳେ ଆପଣଙ୍କୁ ପ୍ରେମ, ସହନଶୀଳତା ଓ ଶାନ୍ତିର ବାର୍ତ୍ତା ମିଳିବ । ମୁଁ ନିଜେ ସେହି ମସ୍‌ଜିଦ୍ ଭିତରକୁ ଯାଇଛି ଓ ଖଲିଫତୁଲ୍ ମସିହ୍‌ଙ୍କ ମିଶିଛି । ତାହା ନା କେବଳ ଗୋଟିଏ ସୁନ୍ଦର ଅଟ୍ଟାଳିକା ବରଂ ତାହା ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ବାର୍ତ୍ତା ନିଜ ଭିତରେ ରଖିଅଛି । ମୋ ମତରେ ଦୁନିଆରେ ବର୍ତ୍ତମାନ ଯେଉଁ ପରିସ୍ଥିତି ସବୁ ଉପୁଜିଛି ଉକ୍ତ ବାର୍ତ୍ତାର ବହୁତ ଆବଶ୍ୟକ ରହିଛି । ଏ ଦୁନିଆରେ ଯୁଦ୍ଧ, ଲଢ଼ାଇ, ଘୃଣାଭାବ, ବିଭ୍ରାଟ ଓ ଗୋଷ୍ଠୀ ଗୋଷ୍ଠୀ ଭିତରେ କନ୍ଦଳ ସାଧାରଣ ହୋଇଗଲାଣି । ଏହି ବାର୍ତ୍ତା ତାହାର ବିପରୀତ ଅଟେ । ତେଣୁ ଆମକୁ ସେହି ବାର୍ତ୍ତାକୁ ଆପଣେଇବା ପଡ଼ିବ ଓ ଏହି ଅନ୍ଧକାରମୟ ଯୁଗରେ ଖଲିଫା ହିଁ ଅଟନ୍ତି ଯିଏ ଆଶାର ଆଲୋକ ବାଂଟୁଛନ୍ତି ।

ପୁଣି ସେ କହିଲେ- ଗୋଟିଏ କଥା ଯାହା ମୁଁ ବୁଝିପାରିଲି ନାହିଁ, ତାହା ହେଉଛି ଖଲିଫା ତ ସାରା ଦୁନିଆର ପ୍ରତ୍ୟେକ ସ୍ଥାନରେ ଯାଇ ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ ପ୍ରସାର କରୁଛନ୍ତି । କିନ୍ତୁ ଅନ୍ୟ ମୁସଲମାନ୍ ମାନେ ସେତେ ଅଧିକ ଆପଣମାନଙ୍କ ସହିତ ମୁଖାଲିଫତ୍ କରୁଛନ୍ତି । ମୁଁ ତ ଏହା ଭାବିଥିଲି କି ଆପଣ ଯେତେ ଏହି ବାର୍ତ୍ତାକୁ ପ୍ରସାର କରିବେ ସେତେ ଲୋକମାନେ ଆପଣଙ୍କର ନିକଟତର ହେବେ । କିନ୍ତୁ ଆଶ୍ଚର୍ଯ୍ୟର କଥା ଏହା ସତ୍ୟ ମଧ୍ୟ ଲାହୋର୍‌ର ଦୁଃଖପୂର୍ଣ୍ଣ ଘଟଣା ୨୦୧୦ ରେ ହେଲା ଓ ସେଥିରେ ୭୦ ଜଣ ଲୋକ ଶହିଦ୍ ହୋଇଗଲେ । ଏତେବଡ଼ ଦୁଃଖଦ ଘଟଣା ଘଟିଯିବା ପରେ ମଧ୍ୟ ଆପଣମାନେ କୌଣସି ପ୍ରକାର ପ୍ରତିଶୋଧ ନେବାକୁ ଚାହିଁଲେ ନାହିଁ । ଏହା ମୋତେ ବହୁତ ଆଶ୍ଚର୍ଯ୍ୟ କରିଛି ଓ ମୁଁ ମୋର ଅନ୍ୟ ବନ୍ଧୁ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍‌କୁ ଏ ବିଷୟ କହିଥାଏ ।

ପୁଣି ସେ କହିଲେ ଏହା ତ ଏକ ପ୍ରାକୃତିକ ଅବସ୍ଥା ଓ ଇତିହାସ ମଧ୍ୟ । ଏହା ଆମକୁ ବତାଇଥାଏ କି ଯେଉଁ ଜାତି ଉପରେ ଅତ୍ୟାଚାର କରାହୁଏ ସେମାନେ ପ୍ରତିଶୋଧ ନେବାପାଇଁ ଚେଷ୍ଟା କରିଥାନ୍ତି । ଯେତେଟା ତାଙ୍କ ଉପରେ ଅତ୍ୟାଚାର ହୁଏ ସେତେ ବିପଦ ବଢ଼ିଚାଲେ । ଅର୍ଥାତ୍ ସେତିକି ପ୍ରତିଶୋଧ ନିଆଯିବ । ଯଦି ଅତ୍ୟାଚାରରେ ପିଡୀତା ଲୋକଟି ଦୁର୍ବଳ ମଧ୍ୟ ଥାଏ ତେବେ ସେ ମଧ୍ୟ ପ୍ରତିଶୋଧ ନେବାପାଇଁ ଚାହିଁଥାଏ ଏବଂ ଯେତେବେଳେ ଏପରି କୌମ୍‌କୁ ଶକ୍ତି ହାସଲ ହୋଇଯାଏ ସେତେବେଳେ ସେ ଅତ୍ୟାଚାରୀ ହୋଇଯାଏ । କିନ୍ତୁ ମୁଁ ଏହା ଦେଖିଛି କି ଜମାତ୍ ଅହେଦୟା ବଲ୍‌କୁଲ୍ ଓଲଟା । ଯାଙ୍କୁ ଯେତେ ଘୃଣା କଲେ ସେ ସେତିକି ପ୍ରେମ କରୁଛି । ଯେତେମଧ୍ୟ ତାଙ୍କ ସହିତ ଲଢ଼ିବେ ସେତିକି ଶାନ୍ତି ତାଙ୍କଠାରୁ ପାଇବେ । ମୁଁ ଆଶ୍ଚର୍ଯ୍ୟ ଓ ଏକଥାରେ ବହୁତ ପ୍ରଭାବିତ ହୋଇଛି । ମୋ ମତରେ ସେମାନଙ୍କ ଭିତରେ ଭିନ୍ନ ଦୃଷ୍ଟିକୋଣ ଥିଲେ ମଧ୍ୟ ଅହେମଦୀମାନଙ୍କ ସହନଶୀଳ ପ୍ରବୃତି ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଉଛି କାରଣ ସଂସାରରେ ଅନେକ ଧର୍ମ ଅଛନ୍ତି ଓ ଖଲିଫତୁଲ୍ ମସିହ୍ ଆମକୁ ଏହା ବତାଇଲେ କି ଏହି ସମସ୍ତ ଧର୍ମ ସଂସାରରେ ଥିଲେ ମଧ୍ୟ ଆମେ ସମସ୍ତେ ଶାନ୍ତିରେ ରହିପାରିବା । ତେଣୁ ସେଥିପାଇଁ ଆମକୁ ସମସ୍ତେ ଏକ ହେବାକୁ ପଡ଼ିବ ଓ ସମସ୍ତେ ମିଶି ଏ ସଂସାରକୁ ଏକ ସୁନ୍ଦର ବାସସ୍ଥାନ ରୂପେ ବନାଇପାରିବା ।

ପୁଣି ସେ କହିଲେ ମୁଁ ପୂର୍ବରୁ ମଧ୍ୟ ଅହେମଦୀମାନଙ୍କ ସହିତ ମିଶିଛି କିନ୍ତୁ ଖଲିଫାଙ୍କ ସହିତ ହୋଇଥିବା ମୋର ସାକ୍ଷାତ୍‌କାର୍ ବହୁତ ପ୍ରଭାବଶାଳୀ ଥିଲା । ଆପଣ ଯେତେ ଅହେମଦୀମାନଙ୍କୁ ମିଳିବେ ଆପଣମାନଙ୍କୁ ଏହି ଅନୁଭବ ହେବ କି ସେମାନେ ବହୁତ ଭଲ ଲୋକ । ସେହିପରି ଖଲିଫତୁଲ୍ ମସିହ୍‌ଙ୍କ ସହିତ ଯେତେଥର ମିଶିବେ ସେତିକି ଜ୍ଞାନ ଆହରଣ କରିବେ ଓ ଆପଣଙ୍କୁ ଏ ଅନୁଭବ ହେବ କି ଏ ଜମାତ୍‌ରେ ଅଣୁମାତ୍ରାରେ ମଧ୍ୟ ଖରାପ କାର୍ଯ୍ୟ ମିଳୁନାହିଁ । କେବଳ ଭଲ ହିଁ ଭଲ । ପୁଣି ସେ କହିଲେ- ଖଲିଫା ଓ ତାଙ୍କ ଜମାତ୍‌ର ଏହା ମଧ୍ୟ ଗୋଟିଏ ଭଲ କଥା କି ସେମାନେ କେବଳ ଭଲ ଓ ଶାନ୍ତିର କଥା ହିଁ କହିନଥାନ୍ତି ବରଂ ତା ଉପରେ ପରିଚାଳିତ ହୋଇ ଦେଖାଇଥାନ୍ତି ଓ ଏହା ବହୁତ ଉତମ କଥା କି ଯାହା କୁହାଯାଏ ତା ଉପରେ ଅମଲ ମଧ୍ୟ କରାଯାଏ । ଖଲିଫା ଶାନ୍ତି କନ୍‌ଫରେନ୍‌ସରେ ମଧ୍ୟ ଅଭିଭାଷଣ ପ୍ରଦାନ କରନ୍ତି ଯେଉଁଠାକୁ ସାରା ଦୁନିଆରୁ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍‌ମାନେ ଯାଇପାରିବେ ଓ ବହୁତ କିଛି ଶିଖିପାରିବେ । ସେଠାରେ ପିସ୍ ପ୍ରାଇଜ୍ ମଧ୍ୟ ଦିଆଯାଏ । ଖଲିଫା ବିଶ୍ୱନେତାମାନଙ୍କ ସହିତ ମିଳନ୍ତି । ସେମାନଙ୍କୁ ଚିଠି ମଧ୍ୟ ଲେଖନ୍ତି । ମୋ ମତରେ ଖଲିଫା ଶାନ୍ତି ପାଇଁ ବହୁତ କିଛି କାର୍ଯ୍ୟ କରୁଛନ୍ତି । ଖଲିଫତୁଲ୍ ମସିହ୍ ଏକୁଟିଆ ହୋଇ ଏତେ ମହାନ୍ କାମ କରୁଛନ୍ତି, ଯେଉଁମାନେ ଅହମଦୀୟା ମୁସ୍‌ଲିମ୍ ଜମାତ୍‌ର ଅଂଶବିଶେଷ, ସେମାନେ ଖଲିଫାଙ୍କ ବାର୍ତ୍ତାର ରାଜଦୂତ ଅଟନ୍ତି ।

ପୁଣି ସେ କହିଲେ- ମୁଁ ଏକଥା ପ୍ରକାଶ କରିବାକୁ ଚାହୁଁଛି କି ମୁଁ ମାଲ୍‌ମୋର ବହୁତ ଅହେମଦୀମାନଙ୍କୁ ଜାଣିଛି ଯେଉଁମାନେ ସମାଜର ଆକ୍ଟିଭ୍ ମେମ୍ବର୍ ଅଛନ୍ତି । ନୂଆବର୍ଷ ଅବସରରେ ସଡକ ଗୁଡିକର ସଫାଇ କରିବା ସେମାନଙ୍କ ଦ୍ୱାରା ବହୁତ ମହାନ୍ କାର୍ଯ୍ୟ ଅଟେ । ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ଥକିଯାଇଥାନ୍ତି । କାରଣ ରାତି ଅଧ ପର୍ଯ୍ୟନ୍ତ ବାଣ ଫୁଟାଫୁଟି, ଖେଳ ତାମସା ଜାରି ରହେ । ସେଥିଯୋଗୁ ସେମାନେ ଶୋଇପଡ଼ିଥାନ୍ତି । କିନ୍ତୁ ଏ ସମୟରେ ଜମାତ୍ ଅହେମଦୟାର ସଦସ୍ୟମାନେ ବାହାରକୁ ବାହାରିଥାନ୍ତି ଓ ସଡକରେ ପଡ଼ିଥିବା ବର୍ଜ୍ୟବସ୍ତୁକୁ ସଫା କରିଥାନ୍ତି । ପୁଣି ସେ ସଡକକୁ ସୁନ୍ଦର କରିଦେଇଥାନ୍ତି । ଏହା ମଧ୍ୟ ପ୍ରେମର ଏକ ପରିପ୍ରକାଶ ଓ ଆମ ସମସ୍ତଙ୍କୁ ନିକଟତର କରିବା ପାଇଁ ଏକ ମାଧ୍ୟମ । ଭାଇଚାରା ଓ ଶାନ୍ତିର ମାଧ୍ୟମ ଅଟେ । ସେ ପୁଣି ନିଜ ଅଭିଭାଷଣର ଶେଷରେ କହିଲେ ମୁଁ ଏହି ଶାନ୍ତି, ପ୍ରେମ, ସହନଶୀଳତା, ଅନ୍ୟକୁ ସମ୍ମାନ ଦେବା, ବିନମ୍ରତା ଓ ମାନବ ସେବାର ବାର୍ତ୍ତାକୁ ଆଗକୁ ପ୍ରସାର କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ଚେଷ୍ଟା କରିବି ।

ଏହାପରେ ଗ୍ରୀନ୍ ପାର୍ଟି ସହିତ ସମ୍ପର୍କ ରଖିଥିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Valter Mutt ସାହେବ ନିଜର ଭାଷଣ ଉପସ୍ଥାପନ କରି କହିଲେ ମୋତେ ଆଜି ନିମନ୍ତ୍ରଣ କରିଥିବାରୁ ବହୁତ ବହୁତ ଧନ୍ୟବାଦ । ମୁଁ ଏହା କହିବା ପାଇଁ ଚାହିଁବି କି ପ୍ରତ୍ୟେକ କଥା ଶାନ୍ତି ଦ୍ୱାରା ସମ୍ଭବ ହୋଇପାରେ । ଶାନ୍ତି ବିନା କୌଣସି ଉଦ୍ଦେଶ୍ୟ ମଧ୍ୟ ହାସଲ କରାଯାଇପାରେନା ଓ ଆଶା ମଧ୍ୟ କରାଯାଇପାରେନା । କିନ୍ତୁ ଯଦି ଆମ ମନ ଭିତରେ ଶାନ୍ତି ଅଛି, ଲୋକମାନଙ୍କ ମଧ୍ୟରେ ଓ ଜାତିଜାତି ମଧ୍ୟରେ ଶାନ୍ତିଥାଏ ତେବେ ଆମେ ଏ ସଂସାରକୁ ବଂଚାଇପାରିବା । ଆମେ ମାନବଜାତିକୁ ଅନ୍ୟାନ୍ୟ ସୁନ୍ଦର କୃତି ଗୁଡିକୁ ବଂଚାଇପାରିବା । ସେ ନିଜର ଭାଷଣରେ କହିଲେ- ଆପଣମାନଙ୍କର ଶାନ୍ତି ଏବଂ ''ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ''ର ବାର୍ତ୍ତା ବହୁତ ଉଚ୍ଚକୋଟୀର ଓ ଗ୍ରୀନ୍ ପାର୍ଟିର ସଦସ୍ୟ ହୋଇଥିବାରୁ ମୋ ମିଶନ୍‌ର ଆରମ୍ଭ ମଧ୍ୟ ଏହି ବାର୍ତ୍ତା ଦ୍ୱାରା ହୋଇଥାଏ ଓ ମୁଁ ମହାମହିମ ଖଲିଫା ଓ ଆପଣ ଅହେମଦୀମାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି । ମୋର ଆନ୍ତରିକ ଇଚ୍ଛା କି ସ୍ୱିଡେନ୍‌ରେ ଗୋଟିଏ ମିନିଷ୍ଟର୍ ଅଫ୍ ପିସ୍ ହେବା ଉଚିତ୍ ଓ ଶାନ୍ତିର ଏକ ବିଭାଗ ପ୍ରତିଷ୍ଠା ହେବା ଉଚିତ୍ । କିନ୍ତୁ ଦୁର୍ଭାଗ୍ୟ ବଶତଃ ସଂସାରରେ କେବଳ ଚାରିଗୋଟି ଛୋଟିଆ ଦେଶରେ ମିନିଷ୍ଟର୍ ଅଫ୍ ପିସ୍ ଅଛନ୍ତି । ସେମାନଙ୍କ ମଧ୍ୟରେ କୋଷ୍ଟାରିକା ଓ ବାକି ତିନୋଟି ଦେଶ ଏହାଠାରୁ ମଧ୍ୟ ଛୋଟ ପ୍ୟାସିଫିକ୍ ଦ୍ୱିପପୁଞ୍ଜ ଅଟନ୍ତି । ଏବଂ ମୋତେ ବହୁତ ଖୁସି ଲାଗୁଛି କି ଖଲିଫା ମୋର ସମର୍ଥନ କରିଛନ୍ତି । ପୁଣି ସେ କହିଲେ ଯେଉଁପରି ମୋ ପୂର୍ବରୁ Hillevi ସାହିବା କହିଲେ କି ମୁଁ ଅହେମଦୀମାନଙ୍କୁ ଭଲଭାବେ ଜାଣେନି ବୋଲି । ଆପଣମାନେ ସମାଜ ବହୁତ ସେବା କରୁଛନ୍ତି ଓ ପ୍ରତ୍ୟେକ ଜାତୀୟ ଦିବସ ଅବସରରେ ଆପଣମାନେ ଆମକୁ ନିମନ୍ତ୍ରଣ କରୁଛନ୍ତି ଓ ଆମ ସହିତ ଭାଇଚାରାର ବ୍ୟବହାର କରୁଛନ୍ତି । ପୁଣି ସେ କହିଲେ-ଜଣେ ରାଜନୈତିଜ୍ଞ ହିସାବରେ ମୁଁ ଏହା ଜାଣିଛି କି ଏଠାରେ ଅନେକ ଖରାପ ଲୋକ ମଧ୍ୟ ଅଛନ୍ତି, ଖରାପ ପରିବେଶ, ଖରାପ ଘର, ଖରାପ ବ୍ୟବସ୍ଥା । ମୁଁ ବହୁତ ଗୁଡିଏ ସମସ୍ୟା ଦେଖିଛି କିନ୍ତୁ ପ୍ରତ୍ୟେକ ସ୍ଥାନରେ ଆପଣଙ୍କ ପରି ଉଚ୍ଚମନା ଲୋକେ ମଧ୍ୟ ଏଠାରେ ଅଛନ୍ତି ଓ ବହୁତ ଉତମ କାର୍ଯ୍ୟ କରୁଛନ୍ତି । ମୋ ମତରେ ଆଗକୁ ବଢ଼ିବାର ଏହା ହିଁ ପ୍ରକୃତ ମାର୍ଗ ଅଟେ । ଅର୍ଥାତ୍ ସମଗ୍ର ମାନବଜାତି ପାଇଁ ମଧ୍ୟ ଆଗକୁ ବଢ଼ିବାର ଏହା ହିଁ ରାସ୍ତା । ମୁଁ ବହୁତ ଆନନ୍ଦିତ କି ନା କେବଳ ମୋତେ ଏହି ପ୍ରୋଗ୍ରାମ୍‌ରେ ନିମନ୍ତ୍ରଣ କରାଯାଇଛି ବରଂ ନୟମିତ ରୂପେ ମୋତେ ଅନ୍ୟ ସମସ୍ତ ପ୍ରୋଗ୍ରାମ୍‌ରେ ମଧ୍ୟ ନିମନ୍ତ୍ରଣ କରାଯାଉଛି ।

ସେ ପୁଣି କହିଲେ ବହୁତ ଗୁଡିଏ ଖରାପ କାର୍ଯ୍ୟ ରହିଛି ଯାହା ବିଶ୍ୱରେ ବ୍ୟାପିଗଲାଣି । ଲୋଭ, ଘୃଣା ଓ ଯୁଦ୍ଧ ବିଶ୍ୱରେ ବଢ଼ିଚାଲିଛି । ଏହା ହିଁ ପ୍ରକୃତ ସମୟ କି ''ମହବତ୍ ସବ୍ କେ ଲିଏ'' ଓ ଭାଇଚାରାକୁ ଆମେ ବିଶ୍ୱସ୍ତରକୁ ନେଇଯିବା । ଆପଣ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ ।

ଏହାପରେ ଲେବର୍ ପାର୍ଟିର ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Bengt Eliasson ନିଜର ଭାଷଣ ଉପସ୍ଥାପନ କରି କହିଲେ ଆମେ ଇସାଇ, ମୁସଲମାନ୍, ୟହୁଦୀ, ହିନ୍ଦୁ ଓ ଅନ୍ୟ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକେ ଓ ଯେଉଁମାନଙ୍କର କୌଣସି ଧର୍ମ ଉପରେ ବିଶ୍ୱାସ ନାହିଁ ସମସ୍ତେ ଗୋଟିଏ ହିଁ ଜାତି ଅଟୁ । ଆମେ ଭିନ୍ନ ଭିନ୍ନ ସଂସ୍କୃତି ଓ ଭିନ୍ନ ଭିନ୍ନ ଭାଷା କହିଥାଉ । ଆମେ ସଂସାରର ଭିନ୍ନ ଭିନ୍ନ ପ୍ରାନ୍ତ ସହିତ ସମ୍ପର୍କ ରଖିଛୁ । ଯେହେତୁ ଆମେ ଯୁଦ୍ଧ ଓ ଲଢ଼େଇ ଦ୍ୱାରା ବହୁତ କଷ୍ଟ ସହି ସାରିଛୁ ତେଣୁ ଆମେ ସେହି ଅନ୍ଧକାରମୟ ଯୁଗକୁ ପଛୁ ଫିଙ୍ଗିଦେବା ପାଇଁ ଚାହୁଁଛୁ । ସେଥିପାଇଁ ଆମେ ଏହା ନିଶ୍ଚିତ ରୂପେ ବିଶ୍ୱାସ ରଖିବା କି ଘୃଣାଭାବର ଏହି ସମସ୍ତ ପୁରୁଣା ପ୍ରଥା ଦିନେ ନିଃଶେଷ ହୋଇଯିବ । ଯେତେଯେତେ ଦୁନିଆ ଛୋଟ ହୋଇଯାଉଛି ଆମେ ସମସ୍ତଙ୍କ ଭିତରେ ଏକ ମନୋଭାବ ଓ ସମ୍ମାନ ବଢ଼ିଚାଲିବ ଓ ଆମେ ଆହୁରି ଅଧିକା ସୁଦୃଢ଼ ଓ ଏକ ହୋଇ ଶାନ୍ତିର ଏକ ନୂଆ ଯୁଗ ଆରମ୍ଭ କରିବା । ଆମକୁ ଆଗକୁ ବଢ଼ିବା ପାଇଁ ନିଶ୍ଚିତ ରୂପେ ଗୋଟିଏ ନୂଆ ଶୈଳୀକୁ ଆପଣାଇବାକୁ ପଡ଼ିବ, ଯାହାର ମୂଳଦୁଆ ହେବ ଆପୋଷରେ ଐକ୍ୟଭାବ ଓ ସମ୍ମାନ ।

ପୁଣି ସେ କହିଲେ ପୂର୍ବ ହେଉ ବା ପଶ୍ଚିମ ସଂସାରର ସମସ୍ତ ସେହି ନେତାମାନେ ଯେଉଁମାନେ ବିଭ୍ରାଟକୁ ବଢ଼ାଇବାକୁ ଚାହୁଁଛନ୍ତି ନିଜ ସମାଜର କୁକର୍ମକୁ ଆଉ କାହା ମୁଣ୍ଡ ଉପରେ ଲଦି ଦେଉଛନ୍ତି ସେମାନଙ୍କୁ ବତାଇଦିଅ କି ଆସନ୍ତାକୁ ଆସିବାର ଥିବା ଲୋକମାନେ ସେମାନଙ୍କ ଧ୍ୱଂସ ଲୀଳା ପରିବର୍ତେ ସେମାନେ କଣ କଣ କାର୍ଯ୍ୟ ନିର୍ମାଣ କରିଛନ୍ତି, ସେ ବିଷୟରେ ପରୀକ୍ଷା ନେବେ । ପୁଣି ସେ କହିଲେ ଆସନ୍ତୁ ଆଜିର ସନ୍ଧ୍ୟାରେ ଆମେ ଚିନ୍ତା କରିବା କି ଆମେ କିଏ ଓ ନିଜ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଆମେ କେତେ ଦୂର ଯାତ୍ରା କରିଛେ । ଆସନ୍ତୁ ଆଜିର ଏହି ସନ୍ଧ୍ୟାରେ ଓ ଏହି ପ୍ରୋଗ୍ରାମକୁ ଶାନ୍ତି, ସହନଶୀଳତା, ଲୋକତନ୍ତ୍ର ଓ ନ୍ୟାୟର ନାମକରଣ କରିବା ।

ପୁଣି କହିଲେ ଅହେମଦୀୟା ମୁସ୍‌ଲିମ୍ ଜମାତ୍‌କୁ ବହୁତ ବହୁତ ଧନ୍ୟବାଦ ଯେଉଁମାନେ ମୋତେ ଏଠାକୁ ଆସିବା ପାଇଁ ନିମନ୍ତ୍ରଣ ଦେଇଛନ୍ତି ଓ ଶାନ୍ତିର ଏହି ଚେଷ୍ଟାରେ ମୋତେ ନିଜ ସହିତ ମିଶାଇଛନ୍ତି । ମୁଁ ଖଲିଫାଙ୍କୁ ସ୍ୱିଡେନ୍ ଆସିଥିବା ଯୋଗୁ ଭବ୍ୟ ସ୍ୱାଗତ ଜଣାଉଛି । ଆପଣ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ । (କ୍ରମଶଃ...)

(ବହୱାଲା ଅଖ୍‌ବାର୍ ବଦର୍ ୧୪ ଜୁଲାଇ ୨୦୧୬)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.3 Thursday 07 June 2018 Issue No.23

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:** Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ୍ ଏବଂ ସ୍ୱିଡେନ୍ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

**୧୪ ମଇ ୨୦୧୬ (ଶନିବାର)**

**ରିପୋର୍ଟର ବଳକା ଅଂଶ**

ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟି ସହିତ ସମ୍ପର୍କ ରଖିଥିବା ଜଣେ ମହିଳା ଅତିଥି ନିଜ ଭାବନାକୁ ବ୍ୟକ୍ତି କରି କହିଲେ:- ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ବହୁତ ସ୍ୱଷ୍ଟ ଓ ସୁନ୍ଦର ଥିଲା । ପ୍ରତ୍ୟେକ ବ୍ୟକ୍ତି ଆପଣଙ୍କ କଥାକୁ ବୁଝୁଥିଲା । ଏ ଯୁଗରେ ଯେବେ ସଂସାରର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ବିଭ୍ରାଟ ଓ ବିବାଦ ଲାଗିରହିଛି । ଏହିପରି ପରିସ୍ଥିତିରେ ଖଲିଫତୁଲ୍ ମସିହ୍‌ଙ୍କ ଶାନ୍ତିପୁର୍ଣ୍ଣ ବାର୍ତାର ବେଶ୍ ଆବଶ୍ୟକ ଥିଲା । ଆମେ ଜଣେ ଅନ୍ୟଜଣକୁ ଗ୍ରହଣ କରିବା ଉଚିତ୍ । ଯେଉଁ ଲୋକମାନେ ଇସ୍‌ଲାମ୍ ବା ଜମାତ୍ ଅହେମଦୀୟା ବିଷୟରେ ଅଧିକ କିଛି ଜାଣିନାହାଁନ୍ତି ସେମାନଙ୍କ ପାଇଁ ଏହିପରି ସଭା ବହୁତ ମହତ୍ୱପୁର୍ଣ୍ଣ ଅଟେ ।

ଆଉଜଣେ ଅତିଥି ବନ୍ଧୁ ବର୍ଣ୍ଣନା କଲେ:- ମୁଁ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣକୁ ଶୁଣି ବହୁତ ଆନନ୍ଦିତ । ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣଟି ଇସ୍‌ଲାମ୍ ସମ୍ବନ୍ଧରେ ଥିବା ମୋ ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ରୂପେ ବଦଳାଇଦେଲା । ତେଣୁ ମୁଁ ଚାହୁଁଛି କି ଅନ୍ୟ ଲୋକମାନେ ମଧ୍ୟ ଆପଣଙ୍କ ଜମାତ୍ ବିଷୟରେ ଅଧିକରୁ ଅଧିକ ଜାଣନ୍ତୁ । ମୋର ଆଶା ଅଛି କି ମୋ ଦେଶର ଅଧିକରୁ ଅଧିକ ଲୋକେ ଏଠାକୁ ଆସିବେ ଓ ଏହି ସୁନ୍ଦର ମସ୍‌ଜିଦ୍‌ଟିକୁ ଦେଖିବେ ।

ଏହି ଉତ୍ସବରେ ସାମିଲ୍ ହୋଇଥିବା ଜଣେ ଅତିଥି ଯାହାଙ୍କର ସମ୍ବନ୍ଧ ଚର୍ଚ୍ଚ୍ ଅଫ୍ ସ୍ୱିଡେନ୍ ସହିତ ଅଛି, ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଖଲିଫାଙ୍କର ଏଠାରେ ଉପସ୍ଥିତି ବହୁତ ଗୁରୁତ୍ୱପୁର୍ଣ୍ଣ ଅଟେ । ଖଲିଫା ଏକଥାରେ ବହୁତ ଜୋର୍ ଦେଇଛନ୍ତି କି ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ବହୁତ ଜରୁରୀ ବିଷୟ ଅଟେ । ଖଲିଫା ଆମ ସହରକୁ ଆସିଥିବାରୁ ମୁଁ ବହୁତ ଖୁସି ଅଛି ।

ଆଉ ଜଣେ ଅତିଥି ଯିଏ ମାଲ୍‌ମୋ ୟୁନିଭରସିଟିରେ ଅଧ୍ୟାପକ ଅଛନ୍ତି ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହି ଉତ୍ସବରେ ସାମିଲ୍ ହୋଇ ମୋତେ ବହୁତ ଭଲ ଲାଗିଲା । ଖଲିଫାଙ୍କର ଅଭିଭାଷଣ ବହୁତ ପ୍ରଭାବଶାଳୀ ଥିଲା । ସେ ଶାନ୍ତି, ପ୍ରେମ, ଭଲପାଇବା, ସହିଷ୍ଣୁତାର ଅତ୍ୟନ୍ତ ଯୁକ୍ତାତ୍ମକ ଓ ବିଶ୍ୱବ୍ୟାପି ବାର୍ତା ଆମକୁ ଦେଲେ । ମୋ ମତରେ ମାଲ୍‌ମୋ ପାଇଁ ଏହା ଏକ ବହୁତ ବଡ଼ ଦିନ ଥିଲା । ଏହି ସୁନ୍ଦର ମସ୍‌ଜିଦ୍ ମାଧ୍ୟମରେ ଇସ୍‌ଲାମ୍ ପୂର୍ବଠାରୁ ବଳି ସ୍ୱଷ୍ଟ ହୋଇ ସମ୍ମୁଖକୁ ଆସିଛି ।

ଆଉଜଣେ ଅତିଥି ନିଜ ଭାବନାକୁ ବ୍ୟକ୍ତ କରି କହିଲେ- ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଏହି ଉତ୍ସବର ଅସଲ ଉଦ୍ଦେଶ୍ୟ ଥିଲା । ଆମପାଇଁ ଶାନ୍ତି ହେଉଛି ଏକମାତ୍ର ଜିନିଷ ଯାହା ବର୍ତମାନ ସବୁଠାରୁ ଅଧିକ ଆବଶ୍ୟକ । ଆମ ସମସ୍ତଙ୍କର ଈଶ୍ୱର ହେଉଛନ୍ତି ଜଣେ । ସେଥିପାଇଁ ଏହା ଆବଶ୍ୟକ କି ଆମେ ଭାତୃଭାବ ଓ ଭାଇଚାରାର ପରିବେଶ ସୃଷ୍ଟି କରି ମିଳିମିଶି ରହିବା । ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣଟି ଇସ୍‌ଲାମ୍ ବିଷୟରେ ମୋର ଥିବା ଜ୍ଞାନକୁ ଆହୁରି ଅଧିକ ବଢ଼ାଇଦେଲା ।

ଲଣ୍ଡ୍ ୟୁନିଭର୍‌ସିଟିରେ ଇସ୍‌ଲାମିୟାତ୍‌ର ପ୍ରଫେସର୍ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ବହୁତ ମାଧୁର୍ଯ୍ୟପୁର୍ଣ୍ଣ ଓ ତାହା ନିଜ ଭିତରେ ନିଜେ ପ୍ରଭାବ ରଖିଥିଲା । ଭାଷଣ ଶେଷ ହେବା ପରେ ମୁଁ ଏହା ଦେଖିବାକୁ ପାଇଲି କି ଲୋକମାନେ ହଜୁର୍‌ଙ୍କ ଭାଷଣ ବିଷୟରେ ଜଣେ ଅନ୍ୟଜଣକ ସହିତ ଚର୍ଚ୍ଚା କରୁଥିଲେ । ମୋତେ ଏପରି ଲାଗୁଥିଲା ଯେପରି ସମସ୍ତେ ଏହି ଭାଷଣ ଦ୍ୱାରା ପ୍ରଭାବିତ ହୋଇଛନ୍ତି । କିଛି ଲୋକମାନେ ଏହି ଅଭିଭାଷଣର କପି ଯୋଗାଇ ଦେବା ପାଇଁ ବ୍ୟବସ୍ଥାପକଙ୍କୁ ମାଗୁଥିଲେ ।

ପୁଣି ସେ କହିଲେ ପୁଣି ଏହି ଉତ୍ସବରେ ବିଭିନ୍ନ ଗୋଷ୍ଠୀ ଓ ବର୍ଗର ଲୋକେ ସାମିଲ୍ ହୋଇଥିଲେ । ମୁଁ ଏହା ଦେଖିବାକୁ ପାଇଲି କି ଯେଉଁ ବ୍ୟକ୍ତି ଏଠାରେ ସୁନି ମାନଙ୍କର ପ୍ରଥମ ମସ୍‌ଜିଦ୍ ନିର୍ମାଣ କରିଥିଲେ ସେ ମଧ୍ୟ ଏ ଉତ୍ସବରେ ଯୋଗ ଦେଇଥିଲା । ୟୁହୁଦିମାନେ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ଏହିପରି ବିଭିନ୍ନ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକେ ମଧ୍ୟ ଏଠାରେ ସାମିଲ୍ ଥିଲେ ।

ଗିନି କନାକରି ସହିତ ସମ୍ପର୍କ ରଖିଥିବା ଜଣେ ଆଫ୍ରିକୀୟ ଅତିଥି ମଧ୍ୟ ଏହି ଉତ୍ସବରେ ସାମିଲ୍ ଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଏହି ଉତ୍ସବରେ ସାମିଲ୍ ହୋଇ ମୁଁ ବହୁତ ଆନନ୍ଦିତ । ଏଠାରେ ବିଭିନ୍ନ ଗୋଷ୍ଠୀ, ଶ୍ରେଣୀ, ବର୍ଗ ଓ ପେଶା ସହିତ ସମ୍ପର୍କ ରଖିଥିବା ଲୋକେ ଏକାଠି ଜମା ହୋଇଥିଲେ । ମୋତେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ବହୁତ ଭଲ ଲାଗିଲା, ଯେଉଁଥିରେ ସେ ଏହା ବତାଇଲେ କି ତାଙ୍କ ଜମାତ୍ କିପରି ସଂସାରର ଦୂର ଦୂରାନ୍ତ ଇଲାକାରେ ଡାକ୍ତରଖାନା, ସ୍କୁଲ୍ ଇତ୍ୟାଦି ନିର୍ମାଣ କରି ମାନବ ଜାତିର ସେବା କରୁଅଛି । ମୋର ଏହା ଆନ୍ତରିକ ଇଛା କି ସାରା ସଂସାରର ଲୋକମାନେ ଏହି ଶୈଳୀକୁ ଆପଣାନ୍ତୁ, ଶାନ୍ତି ସ୍ଥାପନ କରନ୍ତୁ, ଜଣେ ଅନ୍ୟଜଣକୁ ସାହାଯ୍ୟ କରନ୍ତୁ, ଲଢ଼େଇ ଝଗଡ଼ା ବନ୍ଦ୍ କରନ୍ତୁ । ଆମେ ସମସ୍ତେ ମନୁଷ୍ୟ । ସେଥିଯୋଗୁ ଆମେ ଜଣେ ଅନ୍ୟଜଣକୁ ସାହାଯ୍ୟ କରିବା ଉଚିତ୍ ।

ପୁଣି ସେ କହିଲେ ମୁଁ ମଧ୍ୟ ଜଣେ ମୁସଲ୍‌ମାନ୍ ଓ ମୋର ସମ୍ପର୍କ ଗିନି କନାକରି ପଶ୍ଚିମ ଆଫ୍ରିକା ସହିତ ଅଛି । ମୋ ସ୍ତ୍ରୀ ପିଲା ନମାଜ ପଢୁଛନ୍ତି ଓ ରୋଜା ମଧ୍ୟ ରଖୁଛନ୍ତି । ଖଲିଫତୁଲ୍ ମସିହ୍‌ଙ୍କ ଏହି ଅଭିଭାଷଣ ଦ୍ୱାରା ମୋ ଇମାନ୍ ଆହୁରି ଅଧିକା ସୁଦୃଢ଼ ହୋଇଛି ।

ଜଣେ ସ୍ୱିଡିଶ୍ ପୋଲିସ୍ ଅଫିସର୍ Ulf Boston ସାହେବ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ବହୁତ ଜବର୍‌ଦସ୍ତ ଥିଲା । ସେ ସମାଜରେ 'ମୋହବତ୍ ସବ୍ କେଲିଏ, ନଫ୍‌ରତ୍ କିସି ସେ ନେହିଁ' (ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ)ଓ ଶାନ୍ତି ସ୍ଥାପନ ବିଷୟରେ କଥା ହେଲେ, ଯାହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଜରୁରୀ ଅଟେ ।

ଆଉ ଜଣେ ସ୍ୱିଡିଶ୍ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ବହୁତ ବୋଧଗମ୍ୟ ଥିଲା । ଏ ଯୁଗରେ ବର୍ତମାନ ଯେଉଁ ପରିସ୍ଥିତି ରହିଛି ସେ ସମ୍ପର୍କରେ ଖଲିଫା କିଛି ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ କଥା ଚର୍ଚ୍ଚା କଲେ । ବର୍ତମାନ ସମୟରେ ପ୍ରେମ, ଶାନ୍ତି, ଭଲପାଇବା ସହିତ ମିଳିମିଶି ରହିବା ଅତ୍ୟନ୍ତ ଆବଶ୍ୟକ ଅଟେ ।

ଆଉଜଣେ ସ୍ୱିଡିଶ୍ ମହିଳା ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫାଙ୍କର ବକ୍ତବ୍ୟ ଆମ ପାଇଁ ବହୁତ ଆବଶ୍ୟକ ଥିଲା । ମୁଁ ଏହା ମଧ୍ୟ କହିବାକୁ ଚାହିଁବି କି ଏହି ପ୍ରକାରର ଉତ୍ସବ ବହୁ ସଂଖ୍ୟାରେ ଅନୁଷ୍ଠିତ ହେବା ଉଚିତ୍ । ଯଦ୍ୱାରା ସମାଜରେ ଅଧିକରୁ ଅଧିକ Integration ହୋଇପାରିବ । ଏହି ପ୍ରକାରର ଉତ୍ସବରେ କେବଳ ମୁସଲ୍‌ମାନ୍ ମାନେ ନୁହଁନ୍ତି ବରଂ ଅନ୍ୟ ଧର୍ମ ଓ ବର୍ଗ ସହିତ ସମ୍ପର୍କ ରଖିଥିବା ଲୋକମାନେ ସହିତ ସାମିଲ୍ ହୁଅନ୍ତୁ ।

ମାଲ୍‌ମୋ ସହରର ପୋଲିସ୍ ସୁପରିଟେଂଣ୍ଡେଟ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ବହୁତ ସୁନ୍ଦର ଥିଲା । ଏଠାକୁ ଆସି ମୁଁ ବହୁତ ଆନନ୍ଦିତ । ମୋର ମତ ହେଉଛି କି ଆମେ ସମସ୍ତେ ଜଣେ ଅନ୍ୟସହିତ ମିଳିମିଶି ରହିବା ଉଚିତ୍ । ଜଣେ ଅନ୍ୟଜଣକୁ ସାହାଯ୍ୟ କରିବା ଓ ଅନ୍ୟ ସହିତ ମିଶି କାମ କରିବା ବହୁତ ଜରୁରୀ ଅଟେ ।

ଆଉ ଗୋଟିଏ ସ୍ୱିଡିଶ୍ କାର୍ଯ୍ୟାଳୟ ଚର୍ଚ୍ଚ ଅଫ୍ ସାଂଟାଲୋଜିର ଇନ୍‌ଫରମେସନ୍ ବିଭାଗର ମୁଖ୍ୟ ମଧ୍ୟ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ କହିଲେ ଏହି ଉତ୍ସବ ଓ ବିଶେଷ ରୂପେ ଖଲିଫାଙ୍କର ଭାଷଣ ବହୁତ ସୁନ୍ଦର ଥିଲା । ଖଲିଫା ନିଜ ଭାଷଣରେ ଗୋଟିଏ ବାକ୍ୟ କହିଲେ ଯାହା ମୋତେ ବହୁତ ଭଲ ଲାଗିଲା ଓ ସେହି ବାକ୍ୟଟି ଏପରି ଥିଲା କି ''ଗୋଟିଏ ବଡ଼ ଲାଭ ପାଇଁ ଆମେ ଆମର ସ୍ୱାର୍ଥକୁ ଗୋଟିଏ ପଟକୁ ଫିଙ୍ଗିଦେବା ଉଚିତ୍'' । ଓ ମୋ ମତରେ ବର୍ତମାନ ସଂସାରକୁ ଏହି କଥାର ଆବଶ୍ୟକ ରହିଛି କି ଆମେ ଗୋଟିଏ ବଡ଼ ଲାଭ ପାଇଁ ନିଜର ସ୍ୱାର୍ଥକୁ ଛାଡ଼ିଦେବା ଉଚିତ୍ ।

ଜଣେ ସ୍ୱିଡିଶ୍ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହି ମସ୍‌ଜିଦ୍‌କୁ ଦେଖି ଏପରି ଲାଗୁଛି କି ଆପଣମାନେ ଏତେ ପରିଶ୍ରମ ସହିତ କାମ କରୁଛନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ କି ଆପଣମାନେ ରାଜନିତୀ କ୍ଷେତ୍ରରେ ମଧ୍ୟ ସମାଜକୁ ପ୍ରଭାବିତ କରୁଛନ୍ତି, ଯେପରିକି ଆପଣ ରାଜନୈତିଜ୍ଞ ମାନଙ୍କୁ ବାସ୍ତବିକତା ଓ ପ୍ରକୃତ କଥା ବିଷୟରେ ସୂଚନା ଦେଉଛନ୍ତି । ଜଣେ ସ୍ୱିଡିଶ୍ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମହିଳା କହିଲେ ଆପଣଙ୍କର ଏହି ମସ୍‌ଜିଦ୍ ବହୁତ ସୁନ୍ଦର । ପୁରୁଣା ମସ୍‌ଜିଦ୍ ଭିତରେ ପଶି ଦେଖିବା ପରେ ଜଣା ପଡୁଥିଲା କି ତାହା ଏକ ମସ୍‌ଜିଦ୍ ବୋଲି କିନ୍ତୁ ଏହା ତ ଦୂରରୁ ହିଁ ଦୃଷ୍ଟିଗୋଚର ହେଉଛି । ସାରା ସଂସାରରେ ଜମାତ୍ ଅହେମଦୀୟା ଅତ୍ୟନ୍ତ ପୁଣ୍ୟକାର୍ଯ୍ୟ କରୁଅଛି ଓ ଆପଣଙ୍କର ଧର୍ମ ପ୍ରେମ, ଭଲପାଇବା ଓ ସମ୍ମାନ ପରି ବିଶେଷ ଗୁଣରେ ଭରି ରହିଛି । କିନ୍ତୁ ଏହା ବୁଝିବା ବହୁତ କଷ୍ଟକର କି ଏହା ସବୁ ସତ୍ୱେ ମଧ୍ୟ ଅହେମଦୀମାନଙ୍କ ଉପରେ ସାରା ସଂସାରରେ କାହିଁକି ଆକ୍ରମଣ ହେଉଅଛି ।

ସେ ପୁଣି କହିଲେ- ଖଲିଫତୁଲ୍ ମସିହ୍ ଏକ ମହାନ୍ ବ୍ୟକ୍ତି ଅଟନ୍ତି ଓ ତାଙ୍କର ଅଭିଭାଷଣ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ପରି ମହାନ୍ ଥିଲା । ସେ ଜମାତ୍ ଅହେମଦୀୟାର ଯୁକ୍ତାତ୍ମକ ଭାବନା ବିଷୟରେ ବତାଇଲେ ଏବଂ ଏ ପ୍ରସଙ୍ଗରେ ମଧ୍ୟ କଥା ହେଲେ କି କିଛି ଲୋକ ହୋଇପାରେ ଏ ମସ୍‌ଜିଦ୍‌ର ନିର୍ମାଣ ଯୋଗୁ ଭୟଭୀତ ଥିବେ । ମୁଁ ତ ଜମାତ୍ ଅହେମଦୀୟାକୁ ଭଲଭାବେ ଜାଣିଛି । ତେଣୁ ମସ୍‌ଜିଦ୍‌ର ନିର୍ମାଣ ହେବା ମୋ ପାଇଁ କୌଣସି ପ୍ରକାରର ମୁଣ୍ଡବ୍ୟଥାର କାରଣ ନଥିଲା । କିନ୍ତୁ ଏହା ଠିକ୍ କଥା ଅଟେ କି କିଛି ଲୋକ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ତାଙ୍କର ଅଜ୍ଞାନତା ଯୋଗୁଁ ମସ୍‌ଜିଦ୍‌ଠାରୁ ଭୟଭିତ ଅଟନ୍ତି । ଓ ମୋ ମତରେ ଖଲିଫାଙ୍କ ଅଭିଭାଷଣ ଶୁଣିଲା ପରେ ଆଉ କାହା ମନରେ ମସ୍‌ଜିଦ୍ ପ୍ରସଙ୍ଗରେ କୌଣସି ଭୟର ଲେସ ମଧ୍ୟ ରହିନଥିବ ବରଂ ତାଙ୍କୁ ଶାନ୍ତି ମିଳିଥିବ ।

ଆଉଜଣେ ଅତିଥି ବନ୍ଧୁ ମାଇକେଲ୍, ଯାହାଙ୍କ ମା' ବାପା ପୋଲାଣ୍ଡ୍‌ର, କିନ୍ତୁ ସେ ନିଜେ ସ୍ୱିଡେନ୍‌ରେ ଜନ୍ମ ନେଇଛନ୍ତି, ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୋ ମତରେ ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ପ୍ରତିକ୍ଷେତ୍ରରୁ ସମ୍ପୂର୍ଣ୍ଣ ଥିଲା । ଏଥିରେ ଶାନ୍ତି ଓ ଜଣେ ଅନ୍ୟଜଣକୁ ସାହାଯ୍ୟ କରିବାର ବାର୍ତା ଥିଲା । ଯେଉଁଭଳି ଖଲିଫା ସ୍କୁଲ୍ ଓ ଡାକ୍ତରଖାନା ବନାଇବା ଓ ୱାଟର୍ ପମ୍ପ୍ ଇତ୍ୟାଦି ଲଗାଇବା ପରି ମାନବସେବାର ଚର୍ଚ୍ଚା କଲେ ତାହା ମୋ ମନରେ ଗଭୀର ପ୍ରଭାବ ପକାଇଛି ।

ମୁଁ ଈଶ୍ୱରଙ୍କ ଉପରେ ଏ ବିଶ୍ୱାସ ରଖିଛି । କିନ୍ତୁ ଏଠିକାର ଅଧିକାଂଶ ଲୋକେ ବିଶ୍ୱାସ ରଖନ୍ତି ନାହିଁ । ସେଥିପାଇଁ ମୁଁ ନିଜକୁ ବହୁତ ଗର୍ବ ଅନୁଭବ କରୁଛି କି ଏପରି ଜଣେ ବ୍ୟକ୍ତି ସ୍ୱିଡେନ୍ ଆସିଛନ୍ତି, ଯିଏ ଈଶ୍ୱରଙ୍କ ଉପରେ ଓ ଜଣେ ସୃଷ୍ଟିକର୍ତାଙ୍କ ଉପରେ ଦୃଢ଼ ବିଶ୍ୱାସ ରଖିଛନ୍ତି । ଅଭିଭାଷଣ ଶୁଣିବା ପରେ ଏବେ ମୁଁ ଇସ୍‌ଲାମ୍ ପ୍ରତି ଭୟ କରୁନାହିଁ ବରଂ କେବଳ ଚରମପନ୍ଥୀ ଲୋକମାନଙ୍କୁ ଭୟ କରୁଛି । ମୋ ଉପରେ ଏହା ସ୍ୱଷ୍ଟ ହୋଇସାରିଛି କି ଏହି ଦୁଇଟି (ଅର୍ଥାତ୍ ଇସ୍‌ଲାମ୍ ଓ ଚରମପନ୍ଥୀ) ଆପୋଷରେ ଅଲଗା ଅଲଗା ଅଟନ୍ତି । ଖଲିଫା ଏହା ମଧ୍ୟ ସ୍ୱଷ୍ଟ କରିଦେଲେ କି ପବିତ୍ର କୋରାନ୍ ଏହା କହୁନାହିଁ କି ଲୋକମାନଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan